ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୪
୩୧ ଜାନୁଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 264
31st January, 2026 Saturday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଶ୍ରଦ୍ଧୈବ ସର୍ବଧର୍ମସ୍ୟ ଚାତିବ ହିତକାରିଣୀ**
**ଶ୍ରର୍ଦ୍ଧ ନୃଣାଂ ସିଦ୍ଧି ଜାୟିତେ ଲୋକ ୟୋଦ୍ଧିୟୋଃ**

ଶ୍ରଦ୍ଧା ହିଁ ସମସ୍ତ ଧର୍ମ ପାଇଁ ଅତ୍ୟନ୍ତ ହିତକର ଅଟେ । ଶ୍ରଦ୍ଧା ଦ୍ୱାରା ହିଁ ମନୁଷ୍ୟକୁ ଲୋକ କାଳରେ ସିଦ୍ଧିପ୍ରାପ୍ତ ହୁଏ । ଶ୍ରଦ୍ଧାକୁ ନିଜ ଚରିତ୍ରରେ ଅଭ୍ୟାସ କରିବା ଉଚିତ।

## ପୁରୀ ଜିଲ୍ଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ

**କଟକ,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରସଙ୍ଗରେ ଅଡୁଆରେ ପୁରୀ ଜିଲ୍ଲାପାଳ । ପୁରୀ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ଅଦାଲତ ଅବମାନନା ନୋଟିସ ଜାରି ହୋଇଛି । ଅଦାଲତ ଅବମାନନା ମାମଲାରେ କାହିଁକି ଦଣ୍ଡିତ କରାଯିବନି ଜବାବ ରଖିବାକୁ କୁହାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇନଥିବା ଅଭିଯୋଗରେ ଜବାବ ତଲବ ହୋଇଛି । ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ମୁତାବକ, ୧୯୮୭ ମସିହାରେ ଅଭୟାରଣ୍ୟ ପାଇଁ ଜାରି ହୋଇଥିବା ବିଜ୍ଞପ୍ତିର ୩୯ବର୍ଷ ପରେ ବି ଜମି ଅଧିଗ୍ରହଣ ହୋଇନାହିଁ । ଜମି ମାଲିକଙ୍କୁ କ୍ଷତିପୂରଣ ଦିଆଯାଇନି କି ଜମି ଛାଡ଼ ହୋଇନି । ଏହି ମାମଲାରେ ୨୦୨୪ ଡିସେମ୍ବର ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

# ୨୦ରେ ରାଜ୍ୟ ବଜେଟ୍

## ଦୁଇଟି ପର୍ଯ୍ୟାୟରେ ହେବ ଅଧିବେଶନ

**ଭୁବନେଶ୍ୱର,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଧାନସଭାର ୨୮ଦିନିଆ ବଜେଟ୍ ଅଧିବେଶନ ଆସନ୍ତା ୧୭ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଫେବୃୟାରୀ ୨୦ତାରିଖରେ ଗୃହରେ ଉପସ୍ଥାପିତ ହେବ। ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ବିଧାନସଭାର ଅଧିବେଶନ ଆରମ୍ଭ ହେବ। ବିଧାନସଭାର ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଫେବୃୟାରୀ ୧୭ରୁ ୨୪ ଓ ମାର୍ଚ୍ଚ ୯ରୁ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଧିବଦ୍ଧ କାର୍ଯ୍ୟସୂଚୀ ଜାରି ହୋଇଛି।



ରାଜ୍ୟ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫେବୃୟାରୀ ୨୦ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ। କ୍ରମାଗତ ତୃତୀୟଥର ପାଇଁ ଶ୍ରୀ ମାଝୀ ବିଧାନସଭାରେ ବାର୍ଷିକ ବଜେଟ୍ ଆଗତ କରିବାକୁ ଯାଉଛନ୍ତି। ବଜେଟ୍ ଉପରେ ଫେବୃୟାରୀ ୨୩ ଓ ୨୪ତାରିଖ ଦୁଇଦିନ ଧରି ସାଧାରଣ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତ ବଜେଟରେ ଗ୍ରାମାଂଚଳର ଭିତ୍ତିଭୂମି ବିକାଶ ସମେତ ସାମାଜିକ କଲ୍ୟାଣ ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇପାରେ ବୋଲି ସୂଚନା ମିଳିଛି। ଚଳିତଥର ରାଜ୍ୟ ବଜେଟ୍ ପରିମାଣ ୩ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ ହୋଇଛି। ବଜେଟକୁ ଗୃହର ଅନୁମୋଦନ ପାଇଁ ମାର୍ଚ୍ଚ ୩୧ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବାର କାର୍ଯ୍ୟକ୍ରମ ରହିଛି।

ବିଧାନସଭାର ୨୮ଦିନିଆ ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ବସିବ। ପ୍ରଥମ ପର୍ଯ୍ୟାୟରେ ଫେବୃୟାରୀ ୧୭ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃୟାରୀ ୨୫ରୁ ମାର୍ଚ୍ଚ ୮ତାରିଖ ପର୍ଯ୍ୟନ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜବରଦସ୍ତି ପ୍ରସବ କରାଇବା ବେଳେ ଛିଡ଼ିଗଲା ଶିଶୁର ମୁଣ୍ଡ

**ଲକ୍ଷ୍ନୌ,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରୁ ସାମ୍ନାକୁ ଆସିଛି ଛାତିଥରା ଘଟଣା। ପ୍ରସବ ସମୟରେ ଛୁଆର ମୁଣ୍ଡ କଟିଯାଇଛି। ଜଣେ ଆଶାକର୍ମୀ ବଳପୂର୍ବକ ପ୍ରସବ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଫେରାର ରହିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ରୁଥା ଗ୍ରାମର ଜଣେ ବାସିନ୍ଦା ଝାମ୍ମାନ ପୋଲିସକୁ ଦେଇଥିବା ଅଭିଯୋଗରେ କହିଛନ୍ତି ଯେ, ଜାନୁଆରୀ ୨୫ ସକାଳ ପ୍ରାୟ ୯ଟାରେ ତାଙ୍କ ଗର୍ଭବତୀ ପତ୍ନୀ ରାଜକୁମାରୀ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ସେ ଗ୍ରାମର ଜଣେ ଆଶାକର୍ମୀ ରୂପାବତୀଙ୍କୁ ଜଣାଇଥିଲେ। ସରକାରୀ ହସ୍ପିଟାଲ ଆମ୍ବୁଲାନ୍ସକୁ ଡାକିବା ପରିବର୍ତ୍ତେ ଆଶାକର୍ମୀ ଜାହାଙ୍ଗୀରାବାଦର ନାଇ ବସ୍ତିର ଜଣେ ଧାତ୍ରୀ ('ଦାଇ') ଜମିଲାଙ୍କୁ ଡାକିଥିଲେ। ଜଟିଳତା ସତ୍ତ୍ୱେ ରୂପାବତୀ ଏବଂ ଜମିଲା ମିଶି ବଳପୂର୍ବକ ଶିଶୁକୁ *(ଶେଷ ପୃଷ୍ଠା ଦେଖନ୍ତୁ)*



# ସରକାରଙ୍କ ତମାଖୁ ବିଜ୍ଞପ୍ତି: ଚଢଉକାରୀ ଦ୍ୱନ୍ଦ୍ୱରେ

**ଭୁବନେଶ୍ୱର,୩୦।୧: ତଥ୍ୟ**

ଗୁଟ୍‌ଖା ନିଷିଦ୍ଧ ପାଇଁ ରାଜ୍ୟ ସରକାର ନିଜ ବିଜ୍ଞପ୍ତିକୁ ନିଜେ ସଂଶୋଧନ କରିବା ପରେ ଚଢଉ ଆରମ୍ଭ କରିଥିବା ସଂସ୍ଥାଗୁଡିକ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କାହାକୁ ସେମାନେ ଏବେ ଜବତ କରିବେ ଓ କାହାକୁ ଛାଡିବେ ସେଥିଘେନି ସମସ୍ୟାରେ ପଡିଛନ୍ତି । କେବଳ ସେତିକି ନୁହେଁ, ଯେଉଁ ବ୍ରାଣ୍ଡରେ ଗୁଟ୍‌ଖା ଓ ନିକୋଟିନ୍‌ଯୁକ୍ତ ପାନ ମସଲାମାନ ପ୍ରସ୍ତୁତ ହେଉଛି ସେହି ବ୍ରାଣ୍ଡରେ ସାଦା ମୁଖବାସ ପ୍ରସ୍ତୁତ କରି ଖୋଲାଖୋଲି ଭାବେ ଗଣମାଧ୍ୟମରେ ଓ ରାସ୍ତାଘାଟରେ ସରକାରଙ୍କ ଆଖିଆଗରେ ମାଳ ମାଳ ବିଜ୍ଞାପନ ଓ ହୋର୍ଡିଂ ମଧ୍ୟ ରହିଛି । ଏହାକୁ ହଟାଇବା ପାଇଁ କାହାର ହାତ ଯାଉନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ୨୦୦୬ ମସିହାରେ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ମାନ



ଆଇନ୍ ପ୍ରଣୟନ କରିଥିଲେ । ଏହାପରେ ୨୦୧୧ ମସିହାରେ ଆପତ୍ତିଜନକ ଖାଦ୍ୟ ଓ ନିଶା ସାମଗ୍ରୀଗୁଡିକର ବ୍ୟବହାରକୁ ନିଷିଦ୍ଧ କରିବା ଲାଗି ରେଗୁଲେସନ୍ସ ଜାରି କରାଯାଇଥିଲା। ଏହି କେନ୍ଦ୍ରୀୟ ଆଇନ୍ ଆଧାରରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟପାଳଙ୍କ ଆଦେଶକ୍ରମେ ୨୦୧୩ ଜାନୁଆରୀ ୩ ତାରିଖରେ ଏକ ବିଜ୍ଞପ୍ତି *(ଶେଷ ପୃଷ୍ଠା ଦେଖନ୍ତୁ)*

# କେନ୍ଦ୍ରାପଡ଼ାରେ ବାଲି ଚୋରି... ନୋ ରିସ୍କ୍ !

**କେନ୍ଦ୍ରାପଡ଼ା,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚୋରି, ଡକାୟତି, ରାହଜାନୀ ଆଦି ଅପରାଧ କଲେ ଯେତିକି ଫାଇଦା ମିଳିବ, ପୋଲିସ ହାତରେ ଧରାପଡ଼ିବାର ଭୟ ତତୋଧିକ ରହିଛି । ହେଲେ ନଦୀରୁ ବାଲି ଚୋରୀକଲେ ରାତାରାତି ମାଲାମାଲ ହେବାରୁ କେହି ଅଟକାଇ ପାରିବେନି। ସେଥିରୁ କିଛି ଖଣି ବିଭାଗର ଅଧିକାରୀ, ସ୍ଥାନୀୟ ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ମୁହଁଙ୍କୁ ଫିଙ୍ଗି ଦେଲେ ସମସ୍ତଙ୍କ ମୁହଁ ଚୁପ୍ । କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ

## ନେଇ ଆଣି ଥୋଇ ଜାଣିଲେ ହେଲା

ଦିନରେ ବାଲି ଉଠାଣର କୌଣସି ଚିହ୍ନବର୍ଣ୍ଣ ନରଖି ରାତି ସାରା ଯେତେ ପାର ସେତେ ବାଲି ଉଠାଇବା ଅଘୋଷିତ ନିୟମରେ ଚାଲିଲେ ହେଲା । ଅତଏବ ଏହି ବାଲି ଚୋରୀରେ ନୋ ରିସ୍କି, ମୁନାଫା ଯାହାକୁ ଯେତେ। କେବଳ ନେଇ ଆଣି ଥୋଇଲେ ହେଲା। ତେଣୁ କିଛି କୁଜି ନେତା ଓ ଅସାମାଜିକ ତତ୍ୱ ମିଶି ବାଲି ଚୋରୀରେ ଲାଗିପଡ଼ିଛନ୍ତି । ସଂଜ ନଇଁଲେ ବିଭିନ୍ନ ନଦୀର ବାଲିଘାଟରେ ଲାଗୁଛି ପ୍ରୋକଲିନ୍, ହାଇଓ୍ୱା ଓ ଟ୍ରାକ୍ଟରଙ୍କ ଭିଡ଼ । ରାତିର ଅନ୍ଧାରରେ ଉଠୁଛି ହଜାର ହଜାର ଟ୍ରିପ୍ ବାଲି । ରାଜ୍ୟ ସରକାର ଲଘୁ ଖଣିଜ *(ଶେଷ ପୃଷ୍ଠା ଦେଖନ୍ତୁ)*


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC
THE World University Rankings 2026 — 501+Cohort Globally — 5th India Rank
QS World University Rankings 2026 — 1st in Odisha — 9th in India among pvt. universities
nirf 2025 — 17th Among Indian Universities
NBA — Tier 1 Re-accredited by NBA
ABET — ABET (US) Accreditation
IET Accredited Programme — The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIITEE 2026
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)




Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes
[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc.(Fintech & Business Analytics)
- B.Sc.(Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA -Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights
750+ Companies
6000+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in kiitee.ac.in 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୧ ଜାନୁଆରୀ ୨୦୨୬ । ଶନିବାର




## ରାମ ମନ୍ଦିର ହୁଣ୍ଡିରୁ ଚୋରି

**ଘୁ.ଉଦୟଗିରି: ଏକ୍ସପ୍ରେସ ନ୍ୟୁଜ୍**

ଘୁ.ଉଦୟଗିରି ୧ ନମ୍ବର ୱାର୍ଡ ନିକଟସ୍ଥ କକଟି ପଦାସାହି ସ୍ଥିତ ଅସ୍ଥାୟୀ ରାମ ମନ୍ଦିର ଦାନ ହୁଣ୍ଡିରୁ ଚୋରି ହୋଇଥିବା ଜଣା ପଡ଼ିଛି । ସୂଚ଼ନା ପ୍ରକାରେ ମନ୍ଦିର ନିର୍ମାଣ କାମ ଚାଲିଥିବା ବେଳେ ବୁଧବାର ରାତିରେ କେହି ଦୁର୍ବୃତ୍ତ ଅସ୍ଥାୟୀ ମନ୍ଦିର ଷ୍ଟୋର ଘରେ ପଶି ଭିତରେ ଥିବା ଦାନ ହୁଣ୍ଡି ତାଲା ଭାଙ୍ଗି ଲକ୍ଷାଧିକ ଦାନ ଟଙ୍କା ନେଇଯାଇଛି । ତା'ପର ଦିନ ସକାଳେ କମିଟି ଉପଦେଷ୍ଟା ସୁଦାମ ପାତ୍ର ନିର୍ମାଣ କାର୍ଯ୍ୟ ଦେଖିବାକୁ ଯାଇ ହୁଣ୍ଡିରୁ ଚୋରି ହୋଇଥିବା ଜାଣି ପରିଚ଼ାଳନା କମିଟିକୁ ଖବର ଜଣାଇଥିଲେ । ଘଟଣାକୁ ଗୁରୁତ୍ୱ ଦେବା ସହ ମନ୍ଦିର ପରିଚ଼ାଳନା କମିଟି ପକ୍ଷରୁ ଏକ ଜରୁରୀ ବୈଠକ କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧକ୍ଷ ହେମନ୍ତ ପ୍ରଧାନ, ଉପଦେଷ୍ଟା ମଣ୍ଡଳୀ ସଞ୍ଜୀବ ପ୍ରଧାନ, ସୁଦାମ ପାତ୍ର, ସଚ଼ିକାନ୍ତ ମହାପାତ୍ର ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତିରେ ଆଲୋଚ଼ନା କରାଯିବା ସହିତ ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ ।

## ପ୍ରେମିକାଙ୍କୁ ପ୍ରତାରଣା: ପ୍ରେମିକ ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ସ୍ଥିତ ମହିଳା ଥାନା ପୋଲିସ ପକ୍ଷରୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରେମିକାଙ୍କ ସହିତ ଦୈହିକ ସମ୍ପର୍କ ରଖିବା ପରେ ପ୍ରେମିକା ୪ ମାସର ଗର୍ଭବତୀ ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା ହାନ୍ନାଗୁଡା ଗ୍ରାମର ଯୁବକ ସିମନ ନାଗ (୨୬)ଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରାଯାଇଛି । ପୋଲିସ ସୂଚ଼ନା ଅନୁଯାୟୀ, ହାନ୍ନାଗୁଡା ଅଞ୍ଚଳର ଜୈନିକ ଯୁବତୀଙ୍କ ସହିତ ଗିରଫ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ରହିଥିଲା । ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ଦୈହିକ ସମ୍ପର୍କ ରଖୁଥିଲେ । ଯୁବତୀ ଜଣକ ୪ ମାସର ଗର୍ଭବତୀ ହୋଇଯାଇଥିବା ଯୋଗୁଁ ବିବାହ କରିବାକୁ ଅଭିଯୁକ୍ତଙ୍କ ଉପରେ ଚ଼ାପ ପକାଇଲେ । କିନ୍ତୁ ଅଭିଯୁକ୍ତ ବିବାହ କରିବାକୁ ମନା କରିଦେଇଥିଲେ । ଶେଷରେ ମହିଳା ଥାନାରେ ଗତ ଡିସେମ୍ବର ମାସରେ ଏକ ମାମଲା (୧୮୬/୨୫) ରୁଜୁ କରାଯାଇଥିଲା । ପୋଲିସ ତଦନ୍ତ ବେଳେ ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରାଯାଇ ବିଭିନ୍ନ ପ୍ରମାଣକୁ ନେଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି ।

## ହାତୀପଲଙ୍କ ତାଣ୍ଡବକୁ ନେଇ ଚିନ୍ତାରେ ଗ୍ରାମବାସୀ

**ବଣାଇଁ: ଏକ୍ସପ୍ରେସ ନ୍ୟୁଜ୍**



ବଣାଇଁ ବନଖଣ୍ଡର ତାମଡା ବନାଞ୍ଚଳରେ ୧୨ ଟିକିଆ ହାତୀ ପଲଙ୍କ ଉତ୍ପାତ ଯୋଗୁଁ ଅତିଷ୍ଠ ହୋଇ ପଡ଼ିଛନ୍ତି ୬ଟି ଗ୍ରାମର ଗ୍ରାମବାସୀ । ହାତୀ ଉପଦ୍ରବ ପାଇଁ ଚ଼ିନ୍ତାରେ ତାମଡା ବନାଞ୍ଚଳର ବଡଗାଁ, ଡୁମେରମୁଣ୍ଡା, ନୂନିଆପାଲି, କଣ୍ଟାପାଲି ଗାଁର ଗ୍ରାମବାସୀ । ଦିନରେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ରାତିହେଲେ ଗାଁ ମୁହାଁ ହେଉଛନ୍ତି, ଯାହାକି ଗ୍ରାମବାସୀଙ୍କ ନିଦ ହଜାଇଦେଇଛି । ଏବେ ଧାନ ଅମଳ ସରିଛି, ଆଉ ଅମଳ ଧାନ ଯେଉଁ ଘରେ ରଖା ଯାଇଛି ସେଇ ଘରକୁ ଆସି ଘର ଭାଙ୍ଗି ଧାନକୁ ମଧ ନଷ୍ଟ କରିଦେଉଥିବା ନେଇ ଅଭିଯୋଗ ହୋଇଛି ।

ରାତି ହେଲେ ଗାଁ ଗୁଡିକରେ ଭୟର ବାତାବରଣ ସାଙ୍ଗକୁ ଲୋକେ ଅନିଦ୍ରା ହୋଇ ହାତୀ ଉପଦ୍ରବ ଦାଉରୁ ରକ୍ଷା ପାଇବା ପାଇଁ ଅଣ୍ଟା ଭିଡ଼ିଥିଲେ ହେଁ ନିସ୍ତାର ପାଉନାହାନ୍ତି । ଏ ସମ୍ପର୍କରେ ବନବିଭାଗକୁ ପଚ଼ାରିଲେ ଅଧିକାରୀମାନେ ଆମର ଦୁଇ ସେକ୍ସନର କର୍ମଚ଼ାରୀ ହାତୀକୁ ଟ୍ରାକ କରି ତାଙ୍କୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଥିବା କଥା କହି ଏଡ଼ାଇ ଯାଉଛନ୍ତି । ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି ବନବିଭାଗର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଗୋରୁ ମୃତ

**ଖଜୁରୀପଡା: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଚ଼ାରିପଡାରେ ଅଘଟଣ । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଗୋରୁଙ୍କ ମୃତ୍ୟୁ ହୋଇଛି । ସୂଚ଼ନା ଅନୁଯାୟୀ, ଗାଁ ପାଖରେ ଥିବା ଏକ ବିଲରେ ବିଦ୍ୟୁତ ଖୁଣ୍ଟରୁ ଏକ ତାର ଖସିଯାଇ ବିଲ ମଝିରେ ପଡି ରହିଥିଲା । ଦୁଇଦିନ ହେଲା ତାର ଛିଣ୍ଡି ପଡିଥିଲେ ମଧ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇ ନଥିଲା ।

ଶୁକ୍ରବାର ସକାଳୁ ଗୋରୁମାନେ ଏହି ବିଲକୁ ଚ଼ରିବା ପାଇଁ ଯାଇଥିବା ବେଳେ ତଳେ ପଡିଥିବା ବିଦ୍ୟୁତ ତାରର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା । ଘଟଣାରେ ଉଦୟ ଚ଼ରଣ ଜାନୀଙ୍କ ୩ଟି ଓ ଅଙ୍ଗଦ ଜାନୀଙ୍କ ଦୁଇଟି ଗୋରୁ ମରିଥିବା ଜଣାପଡିଛି । ଗ୍ରାମବାସୀ ଏହି ଘଟଣା ପାଇଁ ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରିବା ସହିତ ତୁରନ୍ତ କ୍ଷତିପୂରଣ ପାଇଁ ଦାବି କରିଛନ୍ତି ।

## ସରକାରଙ୍କ ନିୟମକୁ ଖୋଲା ଉଲ୍ଲଂଘନ



**କୋରେଇ,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚ଼ନ ମଣ୍ଡଳୀ ଦାନଗଦି ତହସିଲ ପଂକପାଳ ପଞ୍ଚାୟତରେ ଥିବା ଦୁଇ ନମ୍ବର ଘାଟରେ ଚ଼ାଲିଛି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଚୋରା ବାଲି ଚ଼ାଲାଣ । ଦିନ ରାତି ୨୪ ଘଣ୍ଟା ଶହ ଶହ ଟ୍ରିପ ବାଲି ବିନା ଟିପିରେ ବଡ଼ ବଡ଼ ହାଇବାରେ କମ୍ପାନୀ ଓ ଜିଲ୍ଲା ବାହାରକୁ ପାଲ ଘୋଡା ନହୋଇ ଚ଼ାଲାଣ ହେଉଥିବା ଦେଖିବାକୁ ମିଳୁଛି । ରାସ୍ତା ସାରା ବାଲି ଗଧା ହୋଇ ପରିବେଶକୁ ପ୍ରଦୂଷଣ କରିଥିବା ଦେଖିବାକୁ ମିଳୁଛି । ଗୋଟିଏ ଦିନରେ ଗୋଟିଏ ଟିପିରେ ଗୋଟିଏ ଗାଡି ୨୦ରୁ ୩୦ ଟ୍ରିପ ବାଲି ଲୋଡିଂ କରୁଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଟିକସକୁ ପୈଠ ନ କରି ଘାଟଟି ସମ୍ପୂର୍ଣ୍ଣ ବେନିୟମ ଭାବେ ଚ଼ାଲୁଥିବା ବେଳେ ଚ଼ାରି ଚ଼ାରୋଟି ମେସିନ ସାହାଯ୍ୟରେ ଓଭର ଲୋଡିଂ ଦିଆଯାଉଥିବା ଦେଖିବାକୁ ମିଳୁଛି । ସରକାରଙ୍କ ଉଚ଼ିତ ଧାର୍ଯ୍ୟ ଟିକସ ପୈଠ ନ କରି କିଭଳି ଭାବେ ଏ ବେନିୟମ ଘାଟ ଚ଼ାଲିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି । ପ୍ରତିଦିନ ଶହ ଶହ ଟ୍ରିପ ବାଲି ବନ୍ଧ ରାସ୍ତାରେ ଯାତାୟତ କରିଥିବାରୁ ରାସ୍ତାର ଅବସ୍ଥା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି ଆହୁରି ମଧ ଲିଜଧାରୀ ନିଜ ପରିସର ମଧ୍ୟରୁ ନ ଉଠାଇ ଲିଜ ବାହାରୁ ଉଠାଉଥିବା ଦେଖିବାକୁ ମିଳୁଛି । ଏହା ଫଳରେ ନଦୀବନ୍ଧ ଖାଇଯାଉଥିବା ସହିତ ଆଗକୁ ନଦୀକୁଳିଆ ବାସୀଙ୍କର ପରିସ୍ଥିତି ଜଟିଳ ହେବ ବୋଲି ଆଶା କରାଯାଉଛି । ଓଭର ଲୋଡିଂ ଯୋଗୁ ରାସ୍ତାରେ ନାନାଦି ଦୁର୍ଘଟଣା ମଧ ଦେଖିବାକୁ ମିଳୁଛି । ଜଖପୁରା ଥାନା, ଦାନଗଦି ତହସିଲ ପ୍ରଶାସନ, ଟମକା ବନବିଭାଗ, ଆଞ୍ଚଳିକ ପ୍ରଦୂଷଣ ବିଭାଗ ଓ଼ ଜିଲ୍ଲା ପ୍ରଶାସନ, ଓ ଖଣି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଏଭଳି ଦଲାଲଙ୍କ ଉପରେ କାଇଁକି ପଡୁନି କି ଏସବୁ ମିଲିଭଗତରେ ଚ଼ାଲିଛି ତାହା ଏବେ ସାଧାରଣରେ ଚ଼ର୍ଚ୍ଚାର ବିଷୟ ପାଲଟିଛି । ଏହା ଉପରେ ତୁରନ୍ତ ଜିଲ୍ଲାପାଳ ଓ ରାଜ୍ୟ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି ।

## ବିଦ୍ୟାଳୟ ଫାଟକରେ ଛାତ୍ରଛାତ୍ରୀଙ୍କ ଧାରଣା

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠ ପଢାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ । ଯାହାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ନ ମିଳିବାରୁ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ କଲଣ ପଞ୍ଚାୟତ ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ । ଗୁରୁବାର ସକାଳେ ସ୍ଥାନୀୟ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକ ଆଗରେ ତାଲଣ ପକାଇ ଧରଣାରେ ବସି ଶିକ୍ଷକ ନିଯୁକ୍ତି ଦାବି କରିଥିଲେ ।

ସୂଚ଼ନା ମୁତବାକ, ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୧୬୧ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଏସ୍ଆଇଆର କାର୍ଯ୍ୟ କରୁଥିବା ବେଳେ ଜଣେ ଶିକ୍ଷକ ୫ଟି ଶ୍ରେଣୀ କିପରି ଚ଼ଳାଇବେ ଯାହାକୁ ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଏସ୍ଆଇଆର କାର୍ଯ୍ୟ କରୁଛନ୍ତି । ଅପରାହ୍ନ ସୁଦ୍ଧା ଜଣେ ଶିକ୍ଷକ କାର୍ଯ୍ୟରେ ଯୋଗ ଦେବା ପାଇଁ କହିଛନ୍ତି ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକ । ପ୍ରତିଶ୍ରୁତି ଦେବା ପରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣାରୁ ଉଠିଥିବା ଜଣାପଡିଛି ।

## କେନାଲରେ ପାଣି ନଆସିବାରୁ ଚାଷୀ ଅସନ୍ତୁଷ



**କଣାସ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲାର ଭାତହାଣ୍ଡିଭାବେ ପରିଚ଼ିତ କଣାସ ବ୍ଲକ ଚ଼ିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଦୀର୍ଘ ୨୦ ବର୍ଷ ହେଲା ଚ଼ାଷୀମାନେ ଶାରଦ ଧାନ ଫସଲ ହରାଇ ଖରାଟିଆଧାନ ଫସଲକୁ ଆଶା କରି ରହିଥାନ୍ତି । ପ୍ରତିବର୍ଷ ଡିସେମ୍ବର ଶେଷ ସୁଧା ଜଳ ଯୋଗାଣ କଣାସ କେନାଲରେ ହେଉଥିବାବେଳେ ଚ଼ଳିତ ବର୍ଷ କେନାଲରେ ରବି ଚ଼ାଷ ପାଇଁ ଜଳ ଯୋଗାଇବା ପାଇଁ ସରକାର ଘୋଷଣା କରିବାରୁ ଚ଼ାଷୀମାନେ ନଦୀ, ନାଳ, ଗ୍ରାମ୍ୟ ପୋଖରୀମାନଙ୍କରୁ ମେସିନ ସାହାର୍ଯ୍ୟରେ ଜଳ ବୋହି ତଳି ପକାଇଥିବାବେଳେ ଅନେକ ଚ଼ାଷୀ ଧାନ ଜମିକୁ ପାଣି ବୋହି ଆଛେରା ପକାଇଦେଇଛନ୍ତି ଦୀର୍ଘ ଏକମାସ ହେଲା ଜଳ କେନାଲରେ ନଆସିବା ହେତୁ ତଳିପଡିଥିବା ଜମି ଗୁଡିକ ଫାଟି ଆଁ କରିଥିବାବେଳେ ତଳିସବୁ ଜଳିଯିବାକୁ ବସିଲାଣି ସେହିପରି ଆଛେରା ପଡିଥିବା ଜମିଗୁଡିକ ଫାଟି ଆଁ କରି ଆଛେରା ଜମିଗୁଡିକ ଜଳିଯାଉଥିବାରୁ ଚ଼ାଷୀମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । କଣାସଠାରେ ଅବସ୍ଥାପିତ ଜଳସେଚ଼ନ ବିଭାଗ କାର୍ଯ୍ୟାଳୟରେ କେହି ଅଧିକାରୀ ରହୁନଥିବାରୁ ଚ଼ାଷୀମାନେ କାହାକୁ ଗୁହାରୀ କରିବେ । ଜଳସେଚ଼ନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ଫୋନ ଯୋଗେ ବାରମ୍ବାର କଲ କରିଥିଲେ ମଧ ସେ ଟେଲିଫୋନ ଉଠାଉନାହାଁନ୍ତି । ଆଉ ମଧ ବିଶେଷ ସୂତ୍ରରୁ ଜଣାପଡିଛି ମୁଣ୍ଡୁଳିଠାରେ କେନାଲ ଉପରେ ଏକ ସେତୁ କରାଯାଉଥିବାରୁ ଜଳ ଛଡାଯାଉନି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଚ଼ାଷୀମାନେ ଦାବି କରିଛନ୍ତି ।

## ଚ଼ିକିଟି ମଦମୃତ୍ୟୁ ମାମଲାର ଅଭିଯୁକ୍ତଙ୍କ ମୃତ୍ୟୁ

**ଚ଼ିକିଟି: ଏକ୍ସପ୍ରେସ ନ୍ୟୁଜ୍**

ଚ଼ିକିଟି ମଦମୃତ୍ୟୁ ମାମଲାର ଅଭିଯୁକ୍ତଙ୍କ ମୃତ୍ୟୁ । ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମଣ୍ଡା ଗ୍ରାମର ସୁରେନ୍ଦ୍ର ମଳିକଙ୍କ ମୃତ୍ୟୁ ହୋଇଛି । ସୁରେନ୍ଦ୍ର ଗିରଫ ହେବା ପରେ ବ୍ରହ୍ମପୁର ଜେଲ୍‌ରେ ବିଚ଼ାରାଧୀନ ବନ୍ଦୀ ଭାବେ ଥିବା ବେଳେ ଗୁରୁବାର ଗୁରୁତର ଭାବେ ଅସୁସ୍ଥ ହୋଇ ପଡିଥିଲେ ।

ତାଙ୍କୁ ତୁରନ୍ତ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଅଣାଯାଇଥିଲା । ଚ଼ିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । ଏହି ଖବର ଜାଣିବା କ୍ଷଣି ତାଙ୍କ ପତ୍ନୀ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଚ଼ିକିଟି ଡାକ୍ତରଖାନାକୁ ଅଣାଯାଇଥିଲା । ବର୍ତ୍ତମାନ ସେ ସୁସ୍ଥ ହୋଇ ନୂଆବନ୍ଧ ଗ୍ରାମରେ ସମ୍ପର୍କୀୟଙ୍କ ଘରେ ଅଛନ୍ତି । ସୂଚ଼ନା ଥାଉକି, ସାରା ରାଜ୍ୟରେ ଚ଼ାଞ୍ଚଲ୍ୟ ସୃଷ୍ଟି କରିଥିବା ଏହି ମାମଲାରେ ପୋଲିସ ଓ ଅବକାରୀ ବିଭାଗ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା ।

## ବାଣିଜ୍ୟ

## ସୁନାଦର: ବଢିଥିଲା ୧୧ ହଜାର, କମିଲା ୭ ହଜାର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଗ୍ରାହକଙ୍କୁ ଆଶ୍ୱସ୍ତି । କମିଲା ସୁନା ରୁପା ଦର । ଅହେତୁକ ବୃଦ୍ଧି ପରେ ଖସିଲା ସୁନା, ରୁପା ଦର । ୨୪ କ୍ୟାରେଟ୍ ସୁନା ଦର ୮ ହଜାର ୨୩୦ କମିଲା । ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ୭୦ ହଜାର ୬୨୦ ଟଙ୍କା । ୨୨ କ୍ୟାରେଟ୍ ସୁନା ଦର ୭ ହଜାର ୫୫୦ କମିଲା ।

୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ୫୬ ହଜାର ୪୦୦ ଟଙ୍କା । ଗୁରୁବାର ଦିନକରେ ୧୧ ହଜାର ଟଙ୍କା ବଢ଼ିଥିଲା ସୁନା ଦର । ରୁପା ଦର କେଜି ପିଛା ୧୦ ହଜାର ଟଙ୍କା ହ୍ରାସ ପାଇଲା । ରୁପା ଦର କେଜି ପିଛା ରହିଛି ୪ ଲକ୍ଷ ୧୫ ହଜାର ଟଙ୍କା । ରୂପା ମୂଲ୍ୟ କମିଲା । ପ୍ରଥମେ, ରୂପା ମୂଲ୍ୟ ହ୍ରାସ ବିଷୟରେ ଆଲୋଚ଼ନା କରିବା । ଗୁରୁବାର ଦିନ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ରୂପାର ମୂଲ୍ୟ ରେକର୍ଡ ଉଚ୍ଚତାକୁ ବୃଦ୍ଧି ପାଇ ଇତିହାସରେ ପ୍ରଥମ ଥର ପାଇଁ ପ୍ରତି କିଲୋଗ୍ରାମ ୪୦୦,୦୦୦ ଅତିକ୍ରମ କରିଥିଲା ।

ତଥାପି, ବାଣିଜ୍ୟ ବନ୍ଦ ହେବା ସମୟରେ ଏହା ପ୍ରତି କିଲୋଗ୍ରାମ ୩୯୯,୮୯୩ରେ ବନ୍ଦ ହୋଇଥିଲା । ଶୁକ୍ରବାର ଦିନ ଏମସିଏକ୍ସରେ ବାଣିଜ୍ୟ ପୁନର୍ବାର ଆରମ୍ଭ ହେବା ସମୟରେ, ରୂପା ଫ୍ୟୁଚ଼ର୍ସ ମୂଲ୍ୟ, ଯାହା ମାର୍ଚ୍ଚ ୫ରେ ସମାପ୍ତ ହୋଇଥିଲା, ୨୩,୯୯୩ ହ୍ରାସ ପାଇ ୩୭୫,୯୦୦ରେ ପହଞ୍ଚିଥିଲା । ଅନ୍ୟପକ୍ଷରେ, ଗୁରୁବାର ଦିନ ଏହା ସ୍ଥାପନ କରିଥିବା ନୂତନ ଜୀବନକାଳର ସର୍ବୋଚ୍ଚ ତୁଳନାରେ, ରୂପାର ମୂଲ୍ୟରେ ଏକ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି ।

ମୂଲ୍ୟ ପ୍ରତି କିଲୋଗ୍ରାମ ୪୨୦,୦୪୮ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା । ଗୋଟିଏ ଦିନରେ ଏହା ୪୪,୧୪୮ ହ୍ରାସ ପାଇଥିଲା । ସୁନା ବି କମିଗଲା ହଠାତ୍ ରୂପା ମୂଲ୍ୟ ହ୍ରାସ ପରେ, ଏମସିଏକ୍ସରେ ମଧ ସୁନାର ମୂଲ୍ୟ ହ୍ରାସ ପାଇଲା । ଗୁରୁବାର ଦିନ, ରୂପା ପରି, ଏହା ଦ୍ରୁତ ଗତିରେ ବୃଦ୍ଧି ପାଇଲା ଏବଂ ଏକ ନୂତନ ସର୍ବକାଳୀନ ସର୍ବକାଳୀନ ଉଚ୍ଚତା ଛୁଇଁବା ପରେ, ଶେଷରେ ୧,୮୩,୯୬୨ରେ ବନ୍ଦ ହେଲା । କିନ୍ତୁ, ଯେତେବେଳେ ସୁନା, ଯାହାର ଅବଧି ଏପ୍ରିଲ ୨ରେ ଶେଷ ହେଉଥିଲା ।

ଶୁକ୍ରବାର ଖୋଲିଲା, ତାହା ଗୋଟିଏ ଝଟକାରେ ୮,୮୬୨ ହ୍ରାସ ପାଇ ପ୍ରତି ୧୦ ଗ୍ରାମ ୧,୭୫,୧୦୦କୁ ଖସିଗଲା । ସୁନାର ଉଚ୍ଚସ୍ତର ବିଷୟରେ କହିବାକୁ ଗଲେ, ଗୁରୁବାର ହିଁ ସୁନା ହାର ଏକ ନୂତନ ଜୀବନକାଳର ସର୍ବୋଚ୍ଚ ୧,୯୩,୦୯୬ରେ ପହଞ୍ଚିଥିଲା । ଏହି ସ୍ତରରୁ ହ୍ରାସ ଦୃଷ୍ଟିରୁ, ଶୁକ୍ରବାର ଦିନ ଏହା ୧୭,୯୯୬ ହ୍ରାସ ପାଇଲା ।

## ପାଣି ପାଇଁ ନିଆଁ ଜାଳିଲେ

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡ଼ି ଗାଁରେ ଦୀର୍ଘଦିନ ହେଲା ପାନୀୟଜଳ ପ୍ରକଳ୍ପ ଅଚ଼ଳ ହୋଇ ପଡ଼ିରହିଛି । ଲୋକଙ୍କୁ ପାଇପ୍ ଯୋଗେ ପାନୀୟଜଳ ମିଳୁ ନଥିବା ପ୍ରତିବାଦରେ ଶୁକ୍ରବାର ସକାଳୁ ଉତ୍ତେଜିତ ଗ୍ରାମବାସୀ ମୁଖ୍ୟରାସ୍ତାରେ ନିଆଁ ଜାଳି ରାସ୍ତାରୋକୋ କରିଥିଲେ । ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା । ଖବର ପାଇ ପାଟପୁର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି ।

## ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୨ ଗୁରୁତର

**ଝରିଗାଁ: ଏକ୍ସପ୍ରେସ ନ୍ୟୁଜ୍**



ଝରିଗାଁ ଚ଼ନ୍ଦାହାଣ୍ଡି ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ । ଡ୍ରାଇଭରଙ୍କ ସମେତ ୨ ଜଣ ଲୋକ ଗୁରୁତର ହୋଇଥିବା ଜଣାପଡ଼ିଛି । ଗତ କିଛିଦିନ ତଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ଚ଼ନ୍ଦାହାଣ୍ଡି ଘାଟିରେ ନଳକୂପ ଖନନ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଗାଡ଼ିରେ ଥିବା ୨ ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଥିଲେ । ଗୁରୁବାର ବିଳମ୍ବିତ ରାତିରେ ଆଉ ଏକ ନଳକୂପ ଖନନ ଟ୍ରକ୍ ଚ଼ନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲା । ଦୁର୍ଘଟଣା ପରେ ଗାଡ଼ି ଚ଼ାଳକଙ୍କ ସହ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ରାୟପୁର ହସ୍ପିଟାଲକୁ ଚ଼ିକିତ୍ସା ପାଇଁ ନିଆଯାଇଥିବା ସୂଚ଼ନା ।

## ନବଜାତ ଶିଶୁର ମୃତଦେହ ଉଦ୍ଧାର

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ବରଗଛ ନିକଟ ଗର୍ତ୍ତ ଭିତରୁ ମିଳିଲା ନବଜାତ ଶିଶୁର ମୃତଦେହ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଚ଼ିତ୍ରକୋଣ୍ଡା ପଞ୍ଚାୟତ ପୂଜାରୀଗୁଡା ଗ୍ରାମରେ । ରାତିରେ ପୁଜାରୀଗୁଡା ଗ୍ରାମରେ ଜଣେ ଯୁବତୀ ଏକ ଶିଶୁକୁ ଜନ୍ମ କରି ଗ୍ରାମ ପାଖରେ ଫିଙ୍ଗି ଦେଇଥିବା ଗ୍ରାମବାସୀ ସୂଚ଼ନା ପାଇଥିଲେ । ଖବର ପାଇ ଚ଼ିତ୍ରକୋଣ୍ଡା ପୋଲିସ ପହଞ୍ଚି ତନାଘନା କରିଥିଲା । ପରେ ଶିଶୁକୁ ଜନ୍ମ ଦେଇଥିବା ଯୁବତୀଙ୍କୁ ଘରୁ ଉଦ୍ଧାର କରିଛନ୍ତି । ପୋଲିସ ଯୁବତୀଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି । ଯୁବତୀ ଜଣକ ସ୍ୱାଭିମାନ ଅଞ୍ଚଳର ଗାଜୁଲମାମୁଡି ପଞ୍ଚାୟତ ଅନ୍ତର୍ଗତ ତଣ୍ଟାପାଲି ଗ୍ରାମର ବୋଲି ଜଣାପଡିଛି ।

## ରାଷ୍ଟ୍ରପତିଙ୍କ ଗସ୍ତ: ଡ୍ରୋନ୍ ଉପରେ କଟକଣା

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଉଛି । ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲ୍ୟୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଅମ୍ବର କୁମାର କର ଭାରତୀୟ ନାଗରିକ ସୁରକ୍ଷା ସଂହିତା ସେକ୍ସନ ୧୬୩ ଅଧୀନରେ ପ୍ରଦତ୍ତ କ୍ଷମତା ଆଧାରରେ ଯାଜପୁରର କିଛି ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି । ଭିଭିଆଇପିଙ୍କ ପାଇଁ ସୁରକ୍ଷିତ ଏୟାର ସ୍ପେସ ତିଆରି କରିବା ଉଦ୍ଦେଶ୍ୟ ନେଇ ୧ ଫେବୃଆରୀ ୨୦୨୬ ରବିବାର ସକାଳ ୬ ଘଟିକା ଠାରୁ ୩ ଫେବୃଆରୀ ୨୦୨୬ ମଙ୍ଗଳବାର ୧ ଘଟିକା ଯାଏଁ କୌଣସି ବ୍ୟକ୍ତିବିଶେଷ, ଗଣମାଧମ ସଂସ୍ଥା କିମ୍ବା ପ୍ରାଇଭେଟ୍ ସଂସ୍ଥା ଦ୍ୱାରା ଡ୍ରୋନ, ପାରାଗ୍ଲାଇଡର, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି । ପ୍ରଶାସନ ଭବନ ପଡିଆ ହେଲିପ୍ୟାଡର ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ନରସିଂହ ଚୌଧୁରୀ କଲେଜ ହେଲିପ୍ୟାଡର ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ବିରଜା ମନ୍ଦିର ପରିସର ଏବଂ ହେଲିପ୍ୟାଡରୁ ବିରଜା ମନ୍ଦିର ରାସ୍ତା, ସର୍କିଟ ହାଉସ ଏବଂ ଭିଭିଆଇପିଙ୍କ ଅନ୍ୟାନ୍ୟ ରହଣିସ୍ଥଳରେ ଏହି ନିୟମ ଲାଗୁ ହେବ । ଯାଜପୁର ଆରକ୍ଷୀ ଅଧିକ୍ଷକ ଏବଂ ରାଷ୍ଟ୍ରପତିଙ୍କ ସେକ୍ରେଟେରିଏଟଙ୍କ ବିନା ଅନୁମତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫୋଟ କିମ୍ବା ଭିଡିଓ ଉତ୍ତୋଳନ କରାଯାଇପାରିବ ନାହିଁ । ଉପରୋକ୍ତ ଅବଧି ମଧ୍ୟରେ ନିଷେଧାଞ୍ଚଳରେ ଯଦି କୌଣସି ଅନଧିକୃତ ଉଡନ୍ତା ବସ୍ତୁ ଠାବ ହୁଏ, ତାହେଲେ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ସଂପୃକ୍ତ ବ୍ୟକ୍ତିବିଶେଷ ବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ରିମିନାଲ ପ୍ରୋସିଡିଙ୍ଗ ନିଆଯିବ । ତେବେ ଏହି ନିଷେଧ ଆଦେଶରୁ ଭାରତୀୟ ବାୟୁସେନା, ଭାରତୀୟ ସ୍ଥଳସେନାର ବିମାନ କିମ୍ବା ହେଲିକ୍ୟାପ୍ଟର ଏବଂ ଭିଭିଆଇପିଙ୍କ ଗସ୍ତରେ ବ୍ୟବହୃତ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିମାନକୁ ବାଦ୍ ଦିଆଯାଇଛି । ସୂଚ଼ନାଯୋଗ୍ୟ, ମହାମହିମ ରାଷ୍ଟ୍ରପତି ମାଆ ବିରଜା ମନ୍ଦିରରେ ଦେବୀଙ୍କ ଦର୍ଶନ ସହ ନାଭିଗୟାରେ ପିଣ୍ଡଦାନ କରିବେ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି ।

## 'ଗାନ୍ଧୀ ଟକ୍ସ'କୁ ଦର୍ଶକଙ୍କ ପ୍ରଶଂସା

### ସିନେମାଫିନେମା ଟିଭିଫିବି

**ଶୁ**କ୍ରବାର ପ୍ରେକ୍ଷାଳୟକୁ ଆସିଛି ବହୁ ପ୍ରତିକ୍ଷିତ ଚ଼ଳଚ୍ଚିତ୍ର 'ଗାନ୍ଧୀ ଟକ୍ସ' । ଏହି ଚ଼ଳଚ୍ଚିତ୍ରଟି ବିନା ସଂଳାପରେ ଗତିଶୀଳ ଏକ 'ସାଇଲେଣ୍ଟ ଫିଲ୍ମ' । ଯାହା ଦର୍ଶକଙ୍କ ମଧ୍ୟରେ ବେଶ୍ ଚ଼ର୍ଚ୍ଚାରେ ରହିଛି । ବିଜୟ ସେତୁପତି, ଅଦିତି ରାଓ ହାଇଦରି ଏବଂ ଅରବିନ୍ଦ ସ୍ୱାମୀଙ୍କ ଭଳି ଦକ୍ଷ କଳାକାରଙ୍କ ଅଭିନୟକୁ ନେଇ ସୋସିଆଲ ମିଡିଆରେ ପଜିଟିଭ୍ ରିଭ୍ୟୁର ବନ୍ୟା ଛୁଟିଛି ।

କିଶୋର ପାଣ୍ଡୁରଙ୍ଗ ବେଲେକରଙ୍କ ନିର୍ଦ୍ଦେଶିତ ଏହି ଚ଼ଳଚ୍ଚିତ୍ରର କାହାଣୀ ଦୁଇଟି ଭିନ୍ନ ସ୍ଥିତିର ମଣିଷଙ୍କୁ ନେଇ ଗତିଶୀଳ । ମୁମ୍ବାଇ ବସ୍ତିରେ ରହୁଥିବା ଜଣେ ବୃଦ୍ଧାଙ୍କ ସେବା କରୁଥିବା ବିଜୟ ସେତୁପତିଙ୍କୁ ଏକ ସରକାରୀ ଚ଼ାକିରି ପାଇଁ ୫୦,୦୦୦ ଟଙ୍କାର ଆବଶ୍ୟକତା ରହିଛି । ଅନ୍ୟପଟେ, ଜଣେ କୋଟିପତି ବ୍ୟବସାୟୀ (ଅରବିନ୍ଦ ସ୍ୱାମୀ) ଶତ୍ରୁଙ୍କ ଷଡ଼ଯନ୍ତ୍ର ଯୋଗୁଁ ସର୍ବସ୍ୱ ହରାଇ ଗଭୀର ଋଣରେ ବୁଡ଼ି ରହିଛନ୍ତି । ଏହି ଦୁଇ ଚ଼ରିତ୍ରଙ୍କ ସଂଘର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପରସ୍ପରକୁ କିଭଳି ଭେଟୁଛି, ତାହା ଚ଼ଳଚ୍ଚିତ୍ରରେ ଦର୍ଶାଯାଇଛି ।

ବିଜୟ ସେତୁପତିଙ୍କ ସ୍ୱାଭାବିକ ଅଭିନୟ ଏବଂ ଭାବପୂର୍ଣ୍ଣ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି । ବିଶେଷ କରି ଶ୍ରୀକୃଷ୍ଣ ବେଶରେ ତାଙ୍କର ଝଲକ ବେଶ୍ ଆକର୍ଷଣୀୟ ହୋଇଛି । ସେହିପରି ଅରବିନ୍ଦ ସ୍ୱାମୀଙ୍କ ଗମ୍ଭୀର ଅଭିନୟକୁ ମଧ ବହୁତ ପ୍ରଶଂସା ମିଳୁଛି ।

ସଂଳାପ ନ ଥିବା ଏହି ଚ଼ଳଚ୍ଚିତ୍ରର ଅସଲ ମେରୁଦଣ୍ଡ ସାଜିଛି ଏଆର ରହମାନଙ୍କ ସଙ୍ଗୀତ । ତାଙ୍କର ବ୍ୟାକଗ୍ରଉଣ୍ଡ ସଙ୍ଗୀତ କାହାଣୀର ଭାବନାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛି ।

ଅରବିନ୍ଦ ସ୍ୱାମୀଙ୍କ ଘରେ ବିଜୟଙ୍କ ଚୋରି କରିବା ଦୃଶ୍ୟ ଏବଂ ଉଭୟଙ୍କ ମଧ୍ୟରେ ହୋଇଥିବା ପ୍ରଥମ ଭେଟକୁ ଫିଲ୍ମର ଶ୍ରେଷ୍ଠ ଦୃଶ୍ୟ ଭାବେ ଗଣାଯାଉଛି ।



# ୮ ଲକ୍ଷରେ ନିର୍ମିତ ପରିସ୍ରାଗାର ଦିନକ ପାଇଁ ବି କାମରେ ଲାଗିନି

**୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦୁର୍ନୀତି ଥମିବାର ନା ନେଉନାହିଁ । ଫଲ୍ସ ବିଲ ଓ ଅତ୍ୟଧିକ ପିସି କାରବାର ଚାଲୁଥିବା ନେଇ ବିଭିନ୍ନ ଗଣମାଧମରେ ବାରମ୍ବାର ଖବର ପ୍ରସାରଣ ହେଉଛି । କିଛି କାଉସିଲର ଅଭିଯୋଗ କରିଥିଲେ ମଧ ଜିଲ୍ଲା ପ୍ରଶାସନର ନୀରବତାକୁ ନେଇ ଏବେ ଖୁବ ଚର୍ଚ୍ଚା ହେଉଛି ।

ପ୍ରକାଶ ଥାଉକି କୋଦଳା ପୁରୁଣା ମାଛବଜାର ନିକଟରେ ସାଧାରଣ ଲୋକମାନଙ୍କ ପାଇଁ ୨ଟି ପରିସ୍ରାଗାର ଯାହାର ଅଟକଳ ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଦୀର୍ଘ




ଏକ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା, ହେଲେ ବର୍ତ୍ତମାନ ତାହା ଏବେ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି । ପ୍ରକାଶ ଥାଉକି ଏହି କାମକୁ ବାହାର ରାଜ୍ୟର କୌଣସି ଏକ ଠିକାଦାରଙ୍କୁ କରିବାପାଇଁ ଦେଇଥିଲେ ଅଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ । ଯାହା ଶୁଣିବାକୁ ମିଳୁଛି ଏହି କାମରୁ ପ୍ରାୟ ୫୦ ଭାଗ ପିସି କାରବାର ହୋଇଛି । ଯାହା ଶୁଣିବାକୁ ମିଳୁଛି ଅଧକ୍ଷ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଅତ୍ୟଧିକ ପିସି ନେଉଥିବା ଯୋଗୁ ଏଇ ଭଳି ନିମ୍ନମାନର କାମ ହେଉଥିବା ଦେଖିବାକୁ ମିଳୁଛି । ଖାଲି ଏତିକି ନୁହଁ ବିଭିନ୍ନ ସମୟରେ ଗୋଟିଏ କାମକୁ ଦୁଇ ଦୁଇ ଥର ସଟ୍ ଟେଣ୍ଡର ବାହାର କରି ଟଙ୍କା ଆତ୍ମସାତ କରୁଥିବା ମଧ ଅଭିଯୋଗ ହୋଇଛି । ଏହାର ମାଷ୍ଟର ମାଇଣ୍ଡ ଖୋଦ ଅଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବୋଲି ଆଲୋଚନା ମଧ ହେଉଛି । ଏହି ଏନଏସିରେ ହେଉଥିବା ଦୁର୍ନୀତିକୁ ନେଇ କାଉସିଲର ଭଗବାନ ପାଢ଼ୀ ଆରଟିଆଇ ମାଧମରେ ସୂଚନା ମାଗିଥିଲେ ମଧ ତଥ୍ୟ ଦେଉନାହାନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ । ଏ ନେଇ ଶ୍ରୀପାଢ଼ୀ କହିଛନ୍ତି ଏହାକୁ ନେଇ ସେ କମିଶନରଙ୍କ ଦ୍ୱାରସ୍ତ ହେବେ ସେଇଠାରେ ଯଦି ସୁଫଳ ନ ମିଳେ ମାନ୍ୟବର ଉଚ୍ଚ ନ୍ୟାଳୟର ଆଶ୍ରୟ ମଧ ନେବେ । ଏବେ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ କୋଦଳା ଏନଏସିରେ ହେଉଥିବା ବିଭିନ୍ନ ଦୁର୍ନୀତି ଉପରେ ପିଟିସନ ଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ତ ନୀରବ ହେଲେ ଲୋକଙ୍କ ସରକାର କହୁଥିବା ମୋହନ ସରକାର ମଧ କାହିଁକି ନୀରବତା ଅବଲମ୍ବନ କରିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ତୟୋଦଶୀ/ଚତୁର୍ଦ୍ଦଶୀ |
|---|---|
| ୩୦.୧.୨୦୨୬ | ନକ୍ଷତ୍ର– ପୁନର୍ବସୁ, ମିଥୁନଚନ୍ଦ୍ର |

| | |
|---|---|
| ମେଷ | : ଅସୁବିଧାରେ ପଡ଼ି ହତୋତ୍ସାହ ହେବେ । |
| ବୃଷ | : ବକେୟା ପଡ଼ିଥିବା ଅର୍ଥ ପ୍ରାପ୍ତ ହେବ । |
| ମିଥୁନ | : କଳହ ଯୋଗ ରହିଛି । |
| କର୍କଟ | : ସହଯୋଗ ବୃଦ୍ଧି ପାଇବ । |
| ସିଂହ | : ଅଯଥା ଖର୍ଚ୍ଚାନ୍ତି ପଡ଼ିବେ । |
| କନ୍ୟା | : ଦିନଟି ଖୁସିର ଦିନ ହେବ । |
| ତୁଳା | : ଗୁରୁଜନ ଆପଣଙ୍କ ଉପରେ ଅସନ୍ତୋଷ ହେବେ । |
| ବିଛା | : ଆଘାତ ପାଇପାରନ୍ତି । |
| ଧନୁ | : ପୂର୍ବରୁ କିଛି କଥାକୁ ମନସ୍ତାପ କରିବେ । |
| ମକର | : ବନ୍ଧୁଙ୍କ ସହ କଳହ ହେବେ । |
| କୁମ୍ଭ | : ଦିନଟି ଖୁସିରେ କଟିବ । |
| ମୀନ | : ପାରିବାରିକ ଅଶାନ୍ତି ଦେଖାଦେବ । |

## ଯବାନଙ୍କ ହୃଦଘାତରେ ପରଲୋକ



**ମାହାଙ୍ଗା, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଗୁଣୁପୁର ଗ୍ରାମର ତଥା ସିଲିଗୁଡିରେ ସୀମା ସୁରକ୍ଷା ବାହିନୀରେ କାର୍ଯ୍ୟରତ ଯବାନ ସୀତାକାନ୍ତ ଦାସ(୫୩) ଛୁଟି କଟାଇବା ପାଇଁ ନିଜ ଜନ୍ମମାଟିକୁ ଆସିଥିବାବେଳେ ହଠାତ୍ ତାଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ବଡଚଣା ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ତାଙ୍କ ମର ଶରୀରକୁ ସମ୍ମାନ ପୂର୍ବକ ଏକ ବିରାଟ ପଟୁଆରରେ ଗୁଣୁପୁର ବାସଭବନକୁ ଅଣାଯିବା ପରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇଥିଲା । ଶହ ଶହ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳର ଆବାଳ ବୃଦ୍ଧ ବନିତା ତାଙ୍କ ପାର୍ଥିବ ଶରୀରକୁ ଶେଷଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୂଚନା ପାଇବା ପରେ ଖୋର୍ଦ୍ଧା ବିଏସଏଫ ଡିଭିଜନ ପକ୍ଷରୁ ବିଭାଗୀୟ ଅଧିକାରୀ ଓ ଯବାନମାନେ ଗୁଣୁପୁର ଗ୍ରାମରେ ପହଞ୍ଚି ତାଙ୍କ ମରଶରୀରରେ ଜାତୀୟ ପତାକା ପକାଇ ସମ୍ମାନ ଜଣାଇଥିଲେ । ଏହି ସମୟରେ ସମଗ୍ର ଗାଁ କାନ୍ଦି ବୋବାଳିରେ ପ୍ରକମ୍ପିତ ହେଉଥିବାବେଳେ ଏକ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନକୁ ନିଆଯାଇ ତୋପ ସଲାମୀ ଦିଆଯିବା ପରେ ଶେଷକୃତ ସଂପନ୍ନ କରାଯାଇଥିଲା । ବଡପୁତ୍ର ସୁମିତ ମୁଖାଗ୍ନି ଦେଇଥିବାବେଳେ କନିଷ୍ଠ ପୁତ୍ର ଓ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ ।

ମୃତ ସୀତାକାନ୍ତ ହେଉଛନ୍ତି କୃଷ୍ଣଚନ୍ଦ୍ର ଦାସଙ୍କ ତୃତୀୟ ପୁତ୍ର । ସେ ସିଲୁଗୁଡିରେ ସୀମା ସୁରକ୍ଷା ବାହିନୀରେ କାର୍ଯ୍ୟରତ ଥିବା ବେଳେ ଆସନ୍ତା ଫେବୃୟାରୀ ୨ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥାନ୍ତେ । ଦୀର୍ଘ ୨୫ ବର୍ଷ ଧରି କାର୍ଯ୍ୟ କରିଥିବାବେଳେ ଏବେ ହାବିଲଦାର ଭାବେ ନିଯୁକ୍ତ ଥିଲେ । ସେ ଗତ ବୁଧବାର ଦିନ ନିଜ ବାସଭବନରେ ସ୍ନାନ କରୁଥିବାବେଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତୁରନ୍ତ ତାଙ୍କୁ ବଡଚଣା ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ସମସଗ୍ର ମାହାଙ୍ଗା ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା । ତାଙ୍କ ମୃତ୍ୟୁରେ ତାଙ୍କ ବିଭାଗ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମୃତ ଯବାନଙ୍କ ଘରେ ମରଶରୀରକୁ ସମ୍ମାନ ଜଣାଇବା ପାଇଁ ମାହାଙ୍ଗାର କୌଣସି ଅଧିକାରୀ ନ ପହଞ୍ଚିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

## ରାସ୍ତାରେ ଡ୍ରେନ୍ ପାଣି, ଅସନ୍ତୋଷ ବଢୁଛି

**ବରଗଡ଼, ୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ଡ୍ରେନ ନିର୍ମାଣ ସହ ରାସ୍ତା ପ୍ରଶସ୍ତୀକରଣ କରାଯାଇ ବରଗଡ଼ ସହର ବିକଶିତ ହେଉଛି ବୋଲି କୁହାଯାଉଛି । ମାତ୍ର ସହର ମଧରେ ଏଭଳି ସମସ୍ୟା ରହିଛି, ତାହା ପଡ଼ାବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ–୨ ଏବଂ ୱାର୍ଡ଼ ନଂ–୪ର ନିର୍ଭରଯୋଗ୍ୟ ସ୍ଥାନୀୟ ଲମ୍ବା ବିଲଡ଼ିଂରୁ ତଳିପଡ଼ାକୁ ଯାଇଥିବା ରାସ୍ତା ଉପରେ ଦିନରାତି ଡ୍ରେନେଜ ପାଣି ପ୍ରବାହିତ ହେଉଛି । ଦୀର୍ଘଦିନରୁ ଏହି ସମସ୍ୟା ଲାଗି ରହିଛି, ମାତ୍ର ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ପ୍ରତିକାର କରାଯାଇ ନାହିଁ । ଏହାକୁ ନେଇ



ପଡ଼ାବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ନେଇ ବୁଧବାର ସ୍ଥାନୀୟ ଲୋକେ ଉକ୍ତ ରାସ୍ତାକୁ ଅବରୋଧ କରିଥିଲେ । ପରେ ପୌର ପରିଷଦ କାର୍ଯ୍ୟାଳୟର ଏକ ଗାଡ଼ି ସେଠାକୁ ପହଞ୍ଚି ଡ୍ରେନ ପାଣି ନିଷ୍କାସନ କରିଥିଲା । ମାତ୍ର ତାହା କ୍ଷଣସ୍ଥାୟୀ ଅଟେ । ଉକ୍ତ ରାସ୍ତାପାର୍ଶ୍ୱରେ ରହିଥିବା ଡ୍ରେନ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ । ଫଳରେ ସେଠାରେ ଡ୍ରେନେଜ୍ ପାଣି ଜମି ରହୁଛି । କେତେବେଳେ ଡ୍ରେନେଜ ପାଣି ରାସ୍ତାରେ ବହୁଛି ତ ଆଉ କେବେ କାହା ଘରକୁ ପଶୁଥିବା ଅଭିଯୋଗ ହେଉଛି । ଏଭଳି ସ୍ଥଳେ ରୋଗ ଜୀବାଣୁ ଉପଦ୍ରବ ହେଉଥିବା ଯୋଗୁ ସଂକ୍ରାମକ ରୋଗର ଆଶଙ୍କା ରହିଛି । ଫଳରେ ଏହାର ସ୍ଥାୟୀ ସମାଧାନ କରା ନଗଲେ ଆଗକୁ ସ୍ଥାନୀୟ ଲୋକେ ବଡ଼ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଯବାନଙ୍କ ବସ୍‌କୁ ଧକ୍କା ଦେଲା ଟ୍ରକ୍, ୨୮ ଆହତ

**ଚମ୍ପୁଆ, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଚମ୍ପୁଆ ଥାନା ଅନ୍ତର୍ଗତ ତଡୁଆବାହାଳ ନିକଟରେ ଏନ୍ଏଚ୍ ୫୨୦ରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ୍) ଯବାନଙ୍କୁ ନେଇ ଗୁଆଲିରୁ ଘଟଗାଁ ଯାଉଥିବା ଏକ ବସ୍‌କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଛି ଟ୍ରକ । ଭାରସାମ୍ୟ ହରାଇ ବସ୍‌ଟି ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକ ପଛରେ ପିଟି ହେବାରୁ ଗାଡ଼ିରେ ବସିଥିବା ୨୮ଜଣ ପୋଲିସ୍ କର୍ମଚାରୀଙ୍କୁ ନେଇ ବସଟି ଘଟଗାଁ ସ୍ଥିତ ଆନୁଆଲ କୋର୍ସ ଫାଇରିଙ୍ଗ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ବେଳେ ଘଟିଛି ଘଟଣା । ସମସ୍ତ ପୋଲିସ କର୍ମଚାରୀ ଆହତ ହେଇଛନ୍ତ । ଆହତମାନଙ୍କୁ ଚମ୍ପୁଆ ଡାକ୍ତରଖାନା ଓ ବାସୁଦେବପୁର ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ଚେଷ୍ଟା ଚଳାଇଛି ।

## ବାଗ୍ମୀ ବିଶ୍ୱନାଥ ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀ ଅସୁସ୍ଥ

**ମାହାଙ୍ଗା, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀ ଅସୁସ୍ଥ ହୋଇ ଚିକିତ୍ସା ହେଉଥିବା ଜଣାପଡିଛି । ସୂଚନା ମୁତାବକ ଏହି ବିଦ୍ୟାଳୟରେ ନବମ ଶ୍ରେଣୀର ୪ ଜଣ ଛାତ୍ରୀ ମଧାହ୍ନ ଭୋଜନ ଖାଦ୍ୟ ଖାଇଥିଲେ । କିନ୍ତୁ ଖାଦ୍ୟ ଖାଇବାର ଦୁଇ ଘଣ୍ଟା ପରେ ସେମାନେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିଃଶ୍ୱାସ ପ୍ରଶ୍ୱାସରେ ନେବାରେ କଷ୍ଟ ଅନୁଭବ କରିଥିଲେ । ଯାହାକୁ ନେଇ ବିଦ୍ୟାଳୟର ଶିକ୍ଷକ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଅସୁସ୍ଥ ଛାତ୍ରୀଙ୍କୁ ତୁରନ୍ତ ବଡଚଣା ଓ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରୁଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଦୁଇ ଜଣ ବଡଚଣାରେ ଭର୍ତ୍ତି ହୋଇ ଚିକିତ୍ସାଧିନ ହେଉଥିବାବେଳେ ଜଣେ ମାହାଙ୍ଗା ମେଡିକାଲ ଓ ଅନ୍ୟ ଜଣେ ଘରୋଇ ମେଡିକାଲରେ ଚିକତ୍ସିତ ହେଉଥିବା ଜଣାପଡିଛି । ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀଙ୍କୁ ଯୋଗାଯୋଗ କରିବାରୁ ଜଣେ ଥଣ୍ଡା ରୋଗରେ ପିଡିତ ଥିବା କହିଥିଲେ । ତେବେ ବିଦ୍ୟାଳୟରେ ମଧାହ୍ନଭୋଜନ ଖାଇ ଛାତ୍ରୀମାନେ ଅସୁସ୍ଥ ହୋଇଥିବା ସାଧାରଣରେ ସନ୍ଦେହ କରାଯାଉଛି ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଗୋରୁ ମୃତ

**କନ୍ଧମାଳ, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଚାରିପଡାରେ ଅଘଟଣ । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଗୋରୁଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ଗାଁ ପାଖରେ ଥିବା ଏକ ବିଲରେ ବିଦ୍ୟୁତ ଖୁଣ୍ଟରୁ ଏକ ତାର ଖସିଯାଇ ବିଲ ମଝିରେ ପଡି ରହିଥିଲା । ଦୁଇଦିନ ହେଲା ତାର ଛିଣ୍ଡି ପଡିଥିଲେ ମଧ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇ ନ ଥିଲା ।

## ବେଆଇନ୍ ଧାନ ଗାଡ଼ି ଅଟକ

**ଜଳେଶ୍ୱର, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାକୁ ଧାନ ପ୍ରବେଶ କରିବା ନିଷେଧ ଥିବାବେଳେ ପଶ୍ଚିମବଙ୍ଗ ଦାନ୍ତୁନ ଅଞ୍ଚଳରୁ ୩ଟି ଟ୍ରକ୍‌ରେ ୯୫୦ କ୍ୱିଣ୍ଟାଲ୍ ଧାନ ଆସୁଥିବା ବେଳେ ଲକ୍ଷ୍ମଣନାଥ ଟୁଲପ୍ଲାଜା ଠାରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଡବ୍ଲ୍ୟୁବି୩୩ଇ–୮୨୯୪, ଡବ୍ଲ୍ୟୁବି୩୩ଏଫ– ୧୮୩୮, ଡବ୍ଲ୍ୟୁବି୩୩ଇ–୮୮ ଟ୍ରକକୁ ଜବତ କରାଯାଇଥିବା ବେଳେ ସେମାନଙ୍କ ନିକଟରେ ସଠିକ୍ କାଗଜପତ୍ର ନଥିବା ଜଳେଶ୍ୱର ଯୋଗାଣ ଅଧିକାରୀ ଅବନ୍ତିକା ସାହୁ କହିଛନ୍ତି । ଏହି ଚଢାଉ ବେଳେ ବାଲେଶ୍ୱର ସିଏସ୍ଓ ନରସିଂହ ପଣ୍ଡା, ସଦର ଯୋଗାଣ ଅଧିକାରୀ ସୁଶାନ୍ତ ସାହୁ, ବସ୍ତା ଯୋଗାଣ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟଙ୍କ ସହିତ ଏନ୍‌ଫୋର୍ସମେଣ୍ଟ ଟିମ୍ ପ୍ରମୁଖ ସାମିଲ ଥିଲେ ।

## ଭୁଲ ଇଞ୍ଜେକ୍ସନରୁ ଶିଶୁ ମୃତ!

**ସୁକିନ୍ଦା, ୩୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ସୁକିନ୍ଦାଗଡ଼ ପଞ୍ଚାୟତ ୧ ନମ୍ବର ୱାର୍ଡ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଇଞ୍ଜେକ୍ସନରୁ ଦେଢ଼ମାସ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଆଜି ଥାନାରେ ଅଭିଯୋଗ ହୋଇଛି । ଏଏନ୍ଏମ୍ ଭୁଲ ଟିକା ଦେବାରୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ନେଇ ସାପୁଆପଦା ବସ୍ତିର ଆଦିବାସୀ ଦମ୍ପତି ମୁକ୍ତା ଓ ମଟାଇ ଜାମୁଦା ଅଭିଯୋଗ କରନ୍ତି । ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ମୃତ ନବଜାତକର ଶବକୁ ବ୍ୟବଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛ । ତଦନ୍ତ ଜାରି ରହିଥିବା ପୁଲିସ ଠାରୁ ସୂଚନା ମିଳିଛି ।

ସୂଚନାଯୋଗ୍ୟ ଯେ, ନିର୍ଦ୍ଧାରିତ ବୁଧବାରରେ ଏହି ଦମ୍ପତି ତୃତୀୟ ସନ୍ତାନ ଶିଶୁପୁତ୍ର ଶ୍ରୀକାନ୍ତର ଟିକାକରଣ ପାଇଁ ସରକାରୀ ସବସେଣ୍ଟର ଆସିଥିଲେ । ଶିଶୁର ଓଜନ ୨.୭ କିଲୋଗ୍ରାମ୍ ଓ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଥିଲା । ଦାୟିତ୍ୱରେ ଥିବା ଏଏନ୍ଏମ୍ ଚିନ୍ମୟୀ ମହାନ୍ତ ଏହି ଶିଶୁକୁ ପୋଲିଓ(ରୋଟା) ବୁନ୍ଦା ଖୁଆଇଥିଲେ । ଶିଶୁର ଡାହାଣ ହାତରେ ଆଇପିଭି, ବାମ ଜଙ୍ଘରେ ପିସିଭି ଓ ଡାହାଣ ଜଙ୍ଘରେ ପେଣ୍ଟା ଇଞ୍ଜେକ୍ସନ ଦିଆଯାଇଥିଲ । ଟିକା ନେବାର କିଛିକ୍ଷଣ ପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା । ତୁରନ୍ତ ପାର୍ଶ୍ୱସ୍ଥ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକୁ ଭର୍ତ୍ତି କରାଯାଇଥିଲା । ଆଜି ସକାଳ ଶିଶୁର ମୃତ୍ୟୁ ପରେ ପରିବାର ଓ ସଂପର୍କୀୟଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

## ପ୍ରେସର କୁକର ଫାଟି ୨ ପାଚିକା ଆହତ

**ଆଠଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍କୁଲରେ ମଧାହ୍ନ ଭୋଜନ ପାଇଁ ରୋଷେଇବେଳେ ଘଟିଲା ଅଘଟଣ । ଗୋବିନ୍ଦ ମାଧବପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ରୋଷେଇ ସମୟରେ ପ୍ରେସର କୁକର ଫାଟି ୨ ପାଚିକା ଆହତ ହୋଇଛନ୍ତି । ସେମାନଙ୍କୁ ଆଠଗଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ପାଚିକା ୨ ଜଣ ହେଲେ ତୁଳଶୀ ବେହେରା ଏବଂ ଚଞ୍ଚଳା ନାୟକ । ରୋଷେଇ ସମୟରେ ପ୍ରେସର କୁକର ଫାଟିବା ଏତେ ଭୟଙ୍କର ଥିଲା ଯେ, ଘରର ଆଜବେଷ୍ଟସ ମଧ ଫାଟି ଯାଇଥିବା ଦେଖିବାକୁ ମିଳିଛି ।

## ବେଆଇନ ବାଲି ପରିବହନ ଡମ୍ପର ଓ ଟ୍ରାକ୍ଟର ଜବତ

**ଜଳେଶ୍ୱର, ୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ସୁବର୍ଣ୍ଣରେଖା ନଦୀ କଣ୍ଟାପାଳ ଠାରୁ ଚୋରାରେ ବାଲି ଉତ୍ତୋଳନ କରି ବେଆଇନଭାବେ ପରିବହନ କରୁଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରି ଗାଡ଼ ଜବ୍ଦ କରାଯାଇଛି । ଆଜି ସକାଳେ ତହସିଲଦର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱରେ ବେଆଇନ ବାଲି ପରିବହନ କରୁଥିବା ଓଡି ୧ଏକ୍ୟୁ ୬ ୧୬୧ ଡମ୍ପର ଓ ନମ୍ବର ବିହିନ ଟ୍ରାକ୍ଟରକୁ ଜବତ କରି ନାଙ୍ଗୋ ଫାଣ୍ଡିକୁ ହସ୍ତାନ୍ତର କରାଯାଇଥିବା ତହସିଲଦାର କହିଛନ୍ତି । ଆସନ୍ତାକାଲି ଗାଡିଗୁଡିକ ମାଇନିଂ ବିଭାଗକୁ ହସ୍ତାନ୍ତର ପରେ ଫାଇନ ଆଦାୟ ହେବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ପ୍ରତିଦିନ ଶହଶହ ଗାଡି ବାଲି ବେଆଇନ୍ ଭାବେ ପରିବହନ ହୋଇ କୋଟି କୋଟି ଟଙ୍କା ର ରାଜସ୍ୱ ଲୁଟ୍ ହେଉଛି ।

### ନାମକୁ ମାତ୍ର ସୋଲାର ଲାଇଟ୍, ସଂଜ ନଇଁଲେ ଅନ୍ଧାର

## ପର୍ଯ୍ୟଟକଙ୍କୁ ସନ୍ଧ୍ୟା ହେଲେ ସୁଆଣ୍ଡୋ ମନା

**ସାକ୍ଷୀଗୋପାଳ, ୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦେଶ୍ୟରେ ପୂର୍ବ ସରକାରଙ୍କ ଅମଳରେ ସୁଆଣ୍ଡୋ ଗାଁ ଗୋପବନ୍ଧୁଙ୍କ ଜନ୍ମମାଟି ତଥା ସଠିଘରର ସମ୍ପୂର୍ଣ୍ଣ ନୂଆ ରୂପରେଖ ଦେଇ ସରକାରଙ୍କ ତରଫରୁ ୩୦ କୋଟିରୁ ଅଧିକ ଖର୍ଚ୍ଚ କରାଯାଇଥିଲା । ନୂଆ ସୁଆଣ୍ଡୋ ୨୪ ଘଣ୍ଟିଆ ଆଲୋକ ସହିତ ପାଣି ସହ ରାସ୍ତାଘାଟ ଉତ୍କଳମଣିଙ୍କ ପାର୍କ ସଂଗ୍ରାହଳୟ କରାଯାଇଥିଲା ଦିନ ରାତି ସମାନ ଦେଖା ଯାଉଥିଲା । ସୁଆଣ୍ଡୋକୁ ପ୍ରତ୍ୟେକ ଦିନ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ସୁଆଣ୍ଡୋ ସେତୁ ଠାରୁ ସୁଆଣ୍ଡ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଏବେ ଅନ୍ଧାର ଭିତରେ ଯାତାୟାତ କରୁଛନ୍ତି । ନାମକୁ ମାତ୍ର ଲଗାଯାଇଛି ସୋଲାର ଲାଇଟ କିନ୍ତୁ ବର୍ଷ ବର୍ଷ ଧରି ଅଚଳ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ନାମିତ ଭାର୍ଗବୀ ନଦୀର ସୁଆଣ୍ଡୋ ସେତୁ, ଭୁଲିଗଲେ ପ୍ରଶାସନ । ଭାର୍ଗବୀ ନଦୀ ଉପରେ ହୋଇଥିବା ଏହି ସେତୁ ଉପରେ ସତ୍ୟବାଦୀ ଅଞ୍ଚଳର ୧୨ ପଞ୍ଚାୟତବାସୀ ଓ ନିମାପଡା, କୋଣାର୍କ, ପୁରୀ ସଦରକୁ ସଂଯୋଗ କରୁଛି ଏହି ସେତୁ । ଦୁର୍ଭାଗ୍ୟର କଥା ହେଉଛି ପୂର୍ବ ସରକାର ଅମଳରେ ସୁଆଣ୍ଡୋ ସେତୁ ଉପରେ ସୋଲାର ଲାଇଟର ବ୍ୟବସ୍ଥା ହୋଇଥିବା ବେଳେ ବର୍ଷ ବର୍ଷ ଧରି ଅଚଳ ହୋଇପଡିଛି । ସରକାରୀ ବାବୁମାନେ ହୁଅନ୍ତୁ କି ବଡ଼ବଡ଼ିଆ ରାଜନେତା କାହାରି ନଜର ପଡୁନାହିଁ ଏହି ଦୃଶ୍ୟ ଉପରେ । ସନ୍ଧ୍ୟା ହେଲେ ନିଶାଡୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ଅନ୍ଧାରିଆ ସ୍ଥାନ । ବିଦ୍ୟୁତ୍ ଖୁଣ୍ଟିରେ ଗଛ ଲତାମାଡି ଗଲାଣି, ବର୍ଷ ବର୍ଷ ଧରି ଛିଡା ହୋଇଥିବା ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପାଇପ ଜଳ ଯୋଗାଣ ପ୍ରହସନରେ ପରିଣତ

**କଣାସ, ୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହେ ଯାହା ଫଳରେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡ ବ୍ୟାଥାର କାରଣ ହୋଇପଡେ । ସଯଥାୟୀ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାନ ବିଭାଗ ପକ୍ଷରୁ ଦୟା, ରାଜୁଆ, ମକରା, ମଲାଗୁଣୀ,ଲୁଣା ନଦୀରେ କେତୋଟି ହାତଗଣତି ପାଇପ ଜଳ ପ୍ରକଳ୍ପ ବସାଯାଇ ପାନୀୟ ଜଳ ଯୋଗାଣ ଚାଲୁ ରହିଛି । ବିଭିନ୍ନ ସମସ୍ୟା ଯୋଗୁଁ ଅନେକ ଥର ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହୁଛି । ଗଡବଡପୁଟ ଠାରେ ରାଜୁଆ ନଦୀରେ ନିର୍ମାଣ କରାଯାଇଥିବା ପାଇପ ଜଳ ପ୍ରକଳ୍ପ ଆଜକୁ ୧୫ ଦିନ ହେଲା ଅଚଳ ହୋଇ ପଡିଥିବାରୁ ଉକ୍ତ ପ୍ରକଳ୍ପରୁ ଗଡବଡପୁଟ, ବେହୋ, ବାରଦାକୁ ଯୋଗାଣ ହେଉଥିବା ପାଇପ ଜଳ ବନ୍ଦ ରହିଛି । ଖବର ନେବାରେ ଜଣା ପଡିଛି । ରାଜୁଆ ନଦୀର ନିର୍ମାଣ କରାଯାଇଥିବା ପାଇପ ଜଳ ପ୍ରକଳ୍ପର ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରାଯାଇଥିବାରୁ ସମସ୍ତ ବ୍ୟାରେଜର କବାଟ ବନ୍ଦ କରାଯାଇଛି ଯାହା ଫଳରେ କି ଜଳ ତଳ ମୁଣ୍ଡକୁ ନଆସିବାରୁ ପମ୍ପ ହାଉସରୁ ଯେଉଁ କିତ ଜଳ ଯୋଗାଣ ହେଉଛି ତାହା ଗଡବଡପୁଟ ଗ୍ରାମରେ




ସୀମିତ ରହିଯାଉଛ । ରାଜୁଆ ନଦୀର ଦୁଇ କଡରେ ପଠାମାନଙ୍କରେ ଚାଷୀମାନେ ବିଭିନ୍ନ ପରିବା ଫସଲ କରିଥିବାରୁ ଫସଲକୁ ଜଳ ଯୋଗାଇ ପାରୁ ନାହାଁନ୍ତି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ବ୍ୟାରେଜରୁ କବାଟ ଖୋଲି ତଳମୁଣ୍ଡକୁ ଜଳ ଛାଡିବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତ । ଜଳ ଯୋଗାଣ ପ୍ରକଳ୍ପ ଏବଂ ବ୍ୟାରେଜ ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିବାରୁ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ବ୍ୟାରେଜ ଖୋଲିବା ପାଇଁ ଖୋର୍ଦ୍ଧା ଜଳସେଚନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଟେଲିଫୋନ ଯୋଗେ ଅନୁରୋଧ କରିଛନ୍ତି ।

# ପ୍ରଶାସନିକ ଅବହେଳା ଯୋଗୁଁ ଘୁ.ଉଦୟଗିରି ବିକାଶ ପଛୁଆ

**କନ୍ଧମାଳ, ୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ବର୍ଷ ଧରି ସମସ୍ୟାର ପାହାଡ଼ ଉପରେ ଥିବା କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଅଞ୍ଚଳ ନାହିଁ ନାହିଁରେ ଚାଲିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ଅବହେଳିତ ଘୁ.ଉଦୟଗିରି ଅଞ୍ଚଳ । ଡାକ୍ତରଖାନା ଅଛି । ହେଲେ ଦୀର୍ଘ ବର୍ଷ ହେଲା ସମସ୍ତ ବିଶେଷଜ୍ଞ ଡାକ୍ତରର ପଦବୀ ଖାଲି ପଡ଼ିଛି । ବିଇଓ ପଦବୀ ଖାଲି । ବିଡିଓ ପଦବୀ ଖାଲି । ସ୍କୁଲ ଅଛି କିନ୍ତୁ ପ୍ରଧାନଶିକ୍ଷକ ପଦବୀ ଖାଲ । କ୍ରୀଡ଼ାର ଭିତ୍ତିଭୂମି ଅଭାବ । କିନ୍ତୁ ଖେଳପଡ଼ିଆ ଷ୍ଟାଡିୟମ ଅଛି ନାମକୁ ମାତ୍ର । ଏହା ଖେଳ ଉପଯୋଗୀ ନୁହଁ । ପର୍ଯ୍ୟଟନସ୍ଥଳୀ ଅଛି ତା'ର ବିକାଶ ନାହିଁ ।

ସେହିପରି ସ୍ଥାନୀୟ ଅଞ୍ଚଳରୁ ଅନ୍ୟ ସହରକୁ ଯିବା ନିମନ୍ତେ ସରକାରୀ ବସ ସେବା ନାହିଁ । ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଛି । ହେଲେ ଅତିରିକ୍ତ ଉପଜିଲ୍ଲାପାଳ ସମେତ ସବୁ ପଦବୀ ଖାଲ । କାର୍ଯ୍ୟାଳୟରେ ତାଲା ଝୁଲୁଛି । ସହରରେ ବସଷ୍ଟାଣ୍ଡଟିଏ ନାହିଁ । ଦିନ ଥିଲା ଏହି ସ୍ଥାନରେ ସରକାରୀ ବସ୍ ଡିପୋ ଥିଲା । ଏହି ସହରରୁ ରାଜ୍ୟର ଏବଂ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏବଂ ସହରକୁ ସରକାରୀ ବସ ଚାଲିଥିଲା । ବହୁ କର୍ମଚାରୀ ରହୁଥିଲେ । ସରକାରୀ ବସ୍ ମରାମତି ନିମନ୍ତେ ଗ୍ୟାରେଜ ରହିଥିଲା ଜଣେ ଷ୍ଟେସନ ମାଷ୍ଟର ରହୁଥିଲେ । ହେଲେ ଏବେ ଏହି ସହରରୁ ଗୋଟିଏ ବି ସରକାରୀ ବସ ଚଳାଚଳ କରୁନାହିଁ ।

ସବୁ ଅଛି ହେଲେ କିଛି ନାହିଁ । ଏହିଭଳି ଲେଖିବା ଅର୍ଥ ହେଲା ସରକାର କାମ ଚଳାରେ ସମସ୍ତ ଅନୁଷ୍ଠାନକୁ ଚଳେଇ ଚାଲିଛନ୍ତି ଦୀର୍ଘ




ବର୍ଷ ହେଲା । ଯେନତେନ ପ୍ରକାରେ କାର୍ଯ୍ୟାଳୟ ଚାଲିବା ଆବଶ୍ୟକ । କହିବାକୁ ଗଲେ କାମଚଳାରେ ଚାଲିଛି । ଏହି ଭଳି ଚାଲିଛି ଘୁ.ଉଦୟଗିରି ଅଞ୍ଚଳର ବିକାଶ । ସ୍ଥାନୀୟ ସହରରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ମାସ ହେଲା ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି । ସେଇଭଳି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡ଼ିଛି ।

ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାର ବିକାଶ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନାହିଁ । ଖେଳିବା ନିମନ୍ତେ ଭଲ ଖେଳପଡ଼ିଆର ଅଭାବ ରହିଛି । ନାଁକୁ ଷ୍ଟାଡିୟମ ନିର୍ମାଣ ହୋଇଛି ହେଲେ ଖେଳାଳିଙ୍କ କାର୍ଯ୍ୟରେ ଲାଗିପାରିନି । ସ୍ଥାନୀୟ ସହରରେ ୩୦ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଅଛି ହେଲେ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘ ବର୍ଷ ହେଲା ଖାଲି ପଡିଛି । ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ ପର୍ଯ୍ୟଟନସ୍ଥଳୀ ଥିବା ବେଳେ ସେଇ ପର୍ଯ୍ୟଟନସ୍ଥଳୀର ବିକାଶ ଶୁନ । କେଉଁ ସ୍ଥାନକୁ ଯିବାକୁ ରାସ୍ତା ନାହିଁ ତ କେଉଁଠି ବସିବାକୁ ସ୍ଥାନ ନାହିଁ । ସହରରେ ଦୀର୍ଘ ବର୍ଷ ହେଲା ନବନିର୍ମିତ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁନି ।

ସେଇଭଳି ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସହ ରାସ୍ତାଘାଟ ସମସ୍ୟା ଗୁରୁତର ରହିଛ । ସ୍ଥାନୀୟ ଅଞ୍ଚଳର ଯୁବ ପିଢ଼ି କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଦିନକୁ ଦିନ ଦାଦନ ସଂଖ୍ୟା ବଢିବାରେ ଲାଗିଛି । ସପ୍ତାହକୁ ୪ଟି ବସ୍ କେରଳ ଅଭିମୁଖେ ଦାଦନ ଶ୍ରମିକଙ୍କୁ ନେଇ ଯାଉଥିବା ଦୃଶ୍ୟ ଦେଖିବା ପରେ ସ୍ଥାନୀୟ ଅଞ୍ଚଳର ବିକାଶ କେତେ ହେଇଛି ସ୍ପଷ୍ଟ ବାରି ହେଉଛି । ଦୀର୍ଘ ବର୍ଷ ହେଲା ଅବହେଳାର ଶିକାର ହୋଇ ରହିଥିବା ଘୁ.ଉଦୟଗିରି ଅଞ୍ଚଳ ପ୍ରତି କାହାର ନିଘା ନାହିଁ । ଦୀର୍ଘ ବର୍ଷ ହେଲା ସମସ୍ୟାର ପାହାଡ଼ ଉପରେ ଥିବା ଘୁ.ଉଦୟଗିରି ଅଞ୍ଚଳ ନାହିଁ ନାହିଁରେ ଚାଲିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ପ୍ରଶାସନିକ ଅବହେଳା ଯୋଗୁଁ ଘୁ.ଉଦୟଗିରି ଅଞ୍ଚଳ ବିକାଶ ଠାରୁ ବହୁ ପଛରେ ରହିଯାଇଛି । ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ନେତୃତ୍ୱର ଅଭାବ ଯୋଗୁଁ ଯେକୌଣସି ବିକାଶ କାର୍ଯ୍ୟ ଆଗକୁ ବଢି ନ ପାରିବା ସହ ବିକାଶମୂଳକ କାର୍ଯ୍ୟ ପଛେଇଯାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ଆଜିକାଲି ଖାଦ୍ୟ ମଧ୍ୟ ଫ୍ୟାସନ ଭିତରକୁ ଚାଲିଆସିଲାଣି । ଆମ ପାରମ୍ପରିକ ଖାଦ୍ୟ ଆଉ ଆମ ପିଲାଙ୍କୁ ରୁଚୁନି କି ଆଜିର ଶିକ୍ଷିତ ଆଧୁନିକା ମା’ମାନେ ଏଥିପ୍ରତି ପିଲାଙ୍କର ରୁଚି ବଢ଼େଇବାକୁ ଚାହୁଁନାହାନ୍ତି । ଏ ଜମାନାକୁ ଆମେ ଫାଷ୍ଟଫୁଡ୍ ଜମାନା କହିପାରିବା । ମାତ୍ର ଦୁଇ ମିନିଟ୍ ଭିତରେ ନୁଡୁଲ୍ସ ତିଆରି ହୋଇପାରୁଛି । ତେଣୁ ଜଳଖିଆ ପ୍ରସ୍ତୁତିରେ ସମୟ ଅପଚୟ କରିବାକୁ ଚାହୁଁନାହାନ୍ତି ସେମାନେ । ଏଥିସହିତ ଜଙ୍କଫୁଡ୍ ଏବଂ ପ୍ରସେସଡ୍ ଫୁଡ୍ ପ୍ରତି ମଧ୍ୟ ପିଲାଙ୍କର ଆଗ୍ରହ ବଢ଼ିବାରେ ଲାଗିଛି । ଏସବୁ ଖାଦ୍ୟ ନିଶା ପାଲଟି ଗଲାଣି । ଏସବୁ ଖାଦ୍ୟ ହିଁ ମେଦବହୁଳତାର କାରଣ ବୋଲି ସ୍ୱାସ୍ଥ୍ୟ ବିଶାରଦମାନେ ମତ ଦେଉଛନ୍ତି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୩୧ ଜାନୁଆରୀ ୨୦୨୬ | ଶନିବାର



ଓଡ଼ିଶା ଏକ୍ସପ୍ରେସ୍


## ନିଶାଗ୍ରସ୍ତ କରେଇ ନିଶା ଛଡ଼େଇବାର ପ୍ରୟାସ

ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୫-୨୬ରେ ପ୍ରକାଶିତ ଅନ୍ୟାନ୍ୟ ରିପୋର୍ଟ ଭିତରୁ ଦୁଇଟି ରିପୋର୍ଟ ଖୁବ୍ ଚିନ୍ତା ଉଦ୍ରେକକାରୀ । ଗୋଟିଏ ହେଉଛି- ଭାରତରେ ଯୁବପିଢ଼ିଙ୍କ ଡିଜିଟାଲ ନିଶା ଏବଂ ସ୍କ୍ରିନ୍ ସମ୍ବନ୍ଧୀୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ବିଶେଷ କରି ଛୋଟପିଲା ଓ କିଶୋର, କିଶୋରୀମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି । ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ସ୍ମାର୍ଟଫୋନ୍, ସୋସିଆଲ୍ ମିଡିଆ, ଗେମିଂ ଏବଂ ଅନ୍‌ଲାଇନ୍ ପ୍ଲାଟଫର୍ମକୁ ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ତାହା ସୁସ୍ଥତା ଏବଂ ଶିକ୍ଷା ଫଳାଫଳକୁ ପ୍ରଭାବିତ କରୁଛି । ଏହାଦ୍ୱାରା ମାନସିକ ଯନ୍ତ୍ରଣା ବଢ଼ିବା ସହିତ ଏକାଗ୍ରତା କମ୍ ହେଉଥିବା ବେଳେ ନିଦ୍ରା ମଧ୍ୟ ପ୍ରଭାବିତ ହେଉଛି । ଏହା ପ୍ରତ୍ୟକ୍ଷ ଯୋଗାଯୋଗକୁ ନିରୁତ୍ସାହିତ କରୁଥିବା ବେଳେ ସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ଦୁର୍ବଳ କରୁଛି । ଡିଜିଟାଲ ନିଶା କେବଳ ସାମାଜିକ କିମ୍ବା ବ୍ୟକ୍ତିଗତ ଭାବେ କ୍ଷତିକାରକ ନୁହେଁ, ବରଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ହାନିକାରକ । ଅନ୍‌ଲାଇନ୍ ଖର୍ଚ୍ଚ, ଗେମିଂ ଓ ସାଇବର ଠକେଇରୁ ପ୍ରତ୍ୟକ୍ଷ ଆର୍ଥିକ କ୍ଷତି ହେଉଛି । ଲୋକମାନେ ନିଜ ଜୀବନସାରାର ରୋଜଗାର ହରାଉଛନ୍ତି ଅନେକ ସମୟରେ ।

ଆଉ ଏକ ରିପୋର୍ଟ ହେଉଛି- ଦେଶରେ ଛୋଟ ଛୋଟ ପିଲାଙ୍କଠାରେ ଅଣାୟତ୍ତ ହେଉଥିବା ମେଦବହୁଳତାକୁ ନେଇ । ଖାଦ୍ୟଗୁଡ଼ିକରେ ପରିବର୍ତ୍ତନ ଏଥିପାଇଁ ଦାୟୀ ବୋଲି କୁହାଯାଇପାରେ ।

ଆଜିକାଲି ଖାଦ୍ୟ ମଧ୍ୟ ଫ୍ୟାସନ ଭିତରକୁ ଚାଲିଆସିଲାଣି । ଆମ ପାରମ୍ପରିକ ଖାଦ୍ୟ ଆଉ ଆମ ପିଲାଙ୍କୁ ରୁଚୁନି କି ଆଜିର ଶିକ୍ଷିତ ଆଧୁନିକା ମା’ମାନେ ଏଥିପ୍ରତି ପିଲାଙ୍କର ରୁଚି ବଢ଼େଇବାକୁ ଚାହୁଁନାହାନ୍ତି । ଏ ଜମାନାକୁ ଆମେ ଫାଷ୍ଟଫୁଡ୍ ଜମାନା କହିପାରିବା । ମାତ୍ର ଦୁଇ ମିନିଟ୍ ଭିତରେ ନୁଡୁଲ୍ସ ତିଆରି ହୋଇପାରୁଛି । ତେଣୁ ଜଳଖିଆ ପ୍ରସ୍ତୁତିରେ ସମୟ ଅପଚୟ କରିବାକୁ ଚାହୁଁନାହାନ୍ତି ସେମାନେ । ଏଥିସହିତ ଜଙ୍କଫୁଡ୍ ଏବଂ ପ୍ରସେସଡ୍ ଫୁଡ୍ ପ୍ରତି ମଧ୍ୟ ପିଲାଙ୍କର ଆଗ୍ରହ ବଢ଼ିବାରେ ଲାଗିଛି । ଏସବୁ ଖାଦ୍ୟ ନିଶା ପାଲଟି ଗଲାଣି । ଏସବୁ ଖାଦ୍ୟ ହିଁ ମେଦବହୁଳତାର କାରଣ ବୋଲି ସ୍ୱାସ୍ଥ୍ୟ ବିଶାରଦମାନେ ମତ ଦେଉଛନ୍ତି ।

ଯେତେବେଳେ ମୋବାଇଲ୍ ଆସିଲା ଏବଂ ସ୍ମାର୍ଟଫୋନ୍‌ରେ ଯୋଗାଯୋଗ ସହଜ ହେଲା ସେତେବେଳେ କୁହାଗଲା- ସୋସିଆଲ୍ ମିଡିଆରେ ଅଧିକ ସକ୍ରିୟ ହୁଅ ଏବଂ ଯୋଗାଯୋଗ ବଢ଼ାଅ । ଧୀରେ ଧୀରେ ଏହା ନିଶା ପାଲଟିଗଲା । ସିଲଟ ଖଡ଼ି ଭଳି ସ୍ମାର୍ଟଫୋନ୍ ମଧ୍ୟ ପାଠପଢ଼ାର ଏକ ମାଧ୍ୟମ ପାଲଟିଗଲା ।

କୁହାଗଲା- ସବୁପ୍ରକାର ନେଣଦେଣ କ୍ୟାସଲେସ କର । କାଗଜ ନୋଟ୍‌ର ବ୍ୟବହାର କମାଅ । କାଗଜ ନୋଟ୍‌କୁ ନକଲ କରାଯାଇପାରୁଛି । କ୍ୟାସଲେସ୍ ନେଣଦେଣ ବଢ଼ିଲା କିନ୍ତୁ ସାଇବର ଅପରାଧୀଙ୍କୁ ଧରିବା ପାଇଁ ଯେ ଆମର ସାମର୍ଥ୍ୟ ନାହିଁ ଏକଥା ଆମକୁ ଉପଦେଶ ଦେଉଥିବା ଦିଗ୍ଗଜମାନେ ଚିନ୍ତା କଲେନି ଥରେ । ଜୀବନଯାକର ସଞ୍ଚୟ ନିମିଷକେ ଶୂନ୍ ହୋଇଯାଉଛି ଟିକେ ଅସାବଧାନ ହେଲେ । ବୟସ୍କ ଲୋକମାନେ ଏଭଳି ଠକାମିରେ ଅଧିକ ପଡୁଛନ୍ତି, କାରଣ ସେମାନେ ସ୍ମାର୍ଟଫୋନ୍ ସହିତ ସେତେଟା ପରିଚିତ ହୋଇପାରୁନାହାନ୍ତି ।

ମଦ ଦୋକାନ ହାତପାଆନ୍ତାରେ ଖୋଲାଗଲା, ପୁଣି ନିଶା ବିରୋଧୀ ଅଭିଯାନ ମଧ୍ୟ ସମତାଳରେ ଚାଲିଲା । ପ୍ରଥମେ ଲୋକଙ୍କୁ ନିଶାଗ୍ରସ୍ତ କରେଇ ନିଶାକବଳରୁ ମୁକ୍ତ କରିବା କ’ଣ ସହଜ? ଅପରାଧ ଏବଂ ସଡ଼କ ଦୁର୍ଘଟଣାରେ ମଦ୍ୟପାନର ଭୂମିକା ରହିଛି ବୋଲି ସର୍ଭେ ରିପୋର୍ଟରୁ ଅନେକଥର ଜଣାଯାଇଛି । କିନ୍ତୁ ମଦକୁ ନିଷିଦ୍ଧ କରାଯାଇପାରୁନାହିଁ । ଏହାର କାରଣ ହେଲା- ମଦ ରାଜସ୍ୱ ଦେଉଛି । ରାଜସ୍ୱ ଯଦି ସମାଜ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି ତା’ର ବିକଳ୍ପ ବାହାର କରିବା ଦରକାର । ଅବକାରୀ ରାଜସ୍ୱ ଆଉ କେଉଁ ବାଟରୁ ଭରଣା କରାଯାଇପାରିବ ସେ ଦିଗରେ ଚିନ୍ତା କରିବା ଦରକାର ।

ମୋବାଇଲ୍ ନିଶାରେ, ଫାଷ୍ଟଫୁଡ୍ ନିଶାରେ ଏବଂ ମଦ-ସିଗାରେଟ୍-ଗୁଟ୍‌ଖା ନିଶାରେ ପିଲାଙ୍କୁ ନିଶାଗ୍ରସ୍ତ କରେଇବା ପରେ ସେଥିରୁ ସେମାନଙ୍କୁ କିପରି ବିରତ ରଖାଯାଇପାରିବ- ଏ ମାନସ ମନ୍ଥନର ମାନେ ହିଁ କିଛି ହୁଏନା ବୋଲି ଯେକେହି କହିବେ ।

## ଲେଖା କାଗଜ - ଅଲେଖା ଫର୍ଦ୍ଦ

### ଅଆ-ପଣକିଆ



ବିଜୟ ଦାସ

ସାଦା କାଗଜରେ କିଛି ଅକ୍ଷରର ସମାହାର । କେତେବେଳେ ହାତଲେଖା, କେତେବେଳେ ମୁଦ୍ରଣ, କେତେବେଳେ ଚିତ୍ରର ବିଚିତ୍ରତା ତ କେତେବେଳେ ସରକାରୀ ଆଦେଶନାମା, ଘୋଷଣା ବା ନିଯୁକ୍ତିପତ୍ର । କାଗଜର ଉଦ୍ଭାବନ ପୂର୍ବରୁ ବା ବହୁଳ ବ୍ୟବହାର ଆଗରୁ ତାଳପତ୍ର ହିଁ ଥିଲା ଲେଖିବାର ପଟ୍ଟଭୂମି ଓ କରଣୀ ଥିଲା କଲମର ପୂର୍ବ ଅବସ୍ଥାର ଲେଖନୀ । ତାଳପତ୍ର ବା ବରଡ଼ାପତ୍ର ଉପରେ ଲୁହା କରଣୀ ବା ଲେଖନୀ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜ୍ ହିଁ ଆଗକାଳର ଲେଖାକାଗଜ । ଲେଖା କାଗଜ ଏକ ପରିପୂର୍ଣ୍ଣ ଅବସ୍ଥା ପୃଷ୍ଠାର, ଚୁକ୍ତିର, ସମ୍ବାଦର ଓ ବିଜ୍ଞାପନର ମଧ୍ୟ। କହିବା ବାହୁଲ୍ୟ ଥରେ ସାଦାକାଗଜ ଉପରେ କିଛି ଲେଖା ହୋଇଗଲେ ବା ଛପା ହୋଇଗଲେ, ଏହାକୁ ଲିଭେଇବା ସହଜ ନୁହେଁ । କଟାକଟି କରିବାର ଅବକାଶ ମାନ୍ୟତା ହରାଏ ଦସ୍ତାବିଜର ବା ଆଶଙ୍କା ବଢ଼ାଏ ଅନୈତିକତାର । ସୁତରାଂ ଲେଖିବା ପୂର୍ବରୁ ମାନସ ମନ୍ଥନର କାର୍ଯ୍ୟ ଏକାନ୍ତ କାମ୍ୟ ।

ଏଥର ଏହାର ଲିପିକୁ ଲକ୍ଷ୍ୟ କଲେ ଗୋଲ୍ ଅକ୍ଷର, ଛଟା ଅକ୍ଷର, କରଣୀ ଅକ୍ଷର ଇତ୍ୟାଦି ଭିନ୍ନଭିନ୍ନ ରୂପର ଅକ୍ଷର । ଠିକ୍ ସେହିପରି ଛପାଛପିରେ ଭିନ୍ନ ଭିନ୍ନ ଆକାରର, ଶୈଳୀର ଛାପା ଅକ୍ଷର ଉପଲବ୍ଧ । ବିଶେଷତଃ ଆଜିକାଲିର କମ୍ପ୍ୟୁଟର ଯୁଗରେ ଏହା ଅତୀବ ସହଜ ଓ ମନୋନୁସାରେ ପ୍ରସ୍ତୁତ ହେଉଛି । ଏହି ଲେଖାକାଗଜ ହିଁ ଆମର ଜୀବନ ଗଢ଼ିବାରେ, ଜୀବନଚର୍ଯ୍ୟାରେ ପୂରା ଜୀବଦଶାରେ ମହତ୍ତ୍ୱ ରଖେ । ପିଲାବେଳୁ ପୁସ୍ତକ ଓ ଖାତାକଲମର ସମନ୍ୱୟରେ ପାଠପଢ଼ୁ । ଅନୁସରଣ କରୁ ଓ ବିଶ୍ଳେଷଣ କରୁ । ଏହା ଜ୍ଞାନ ପରିବର୍ଦ୍ଧନର ସ୍ୱତନ୍ତ୍ର ପାହାଚ । ଥରେ କାଗଜରେ ଲେଖିଦେଲେ ତାହା ବର୍ତ୍ତମାନରୁ ଅତୀତ ହୋଇଥାଏ । କିନ୍ତୁ ତା’ ଭିତରେ ଭବିଷ୍ୟତର କଥା ଯେ ନଥାଏ ତାହା ନୁହେଁ । ପୋଥିପୁରାଣ ଠାରୁ ଐତିହାସିକ ବିବରଣୀ ସବୁ ଲେଖା କାଗଜ ହୋଇପାରେ, ମାତ୍ର ଏହା ମହାନ ପୂଜ୍ୟ ଗ୍ରନ୍ଥ ଏଥିପାଇଁ ଯେ ଏସବୁ ଆମ ପାଇଁ ଜ୍ଞାନୀ, ବୟୋଜ୍ୟେଷ୍ଠ ପ୍ରଜ୍ଞାବାନ ବ୍ୟକ୍ତି ପରି ।

ବହୁ ସମୟରେ ପୁରୁଣା ସମ୍ବାଦପତ୍ର ପରି ଲେଖାକାଗଜ ସବୁ ଅଦରକାରୀ ହୋଇପାରନ୍ତି, କିନ୍ତୁ ଏହାର ବିଷୟବସ୍ତୁ, ସମ୍ବାଦ, ବାର୍ତ୍ତା ଇତ୍ୟାଦି ଅଦରକାରୀ ନୁହେଁ । ଏହା ସମ୍ବାଦପତ୍ରରୁ ମଣିଷ ମସ୍ତିଷ୍କରେ ଘର କରିସାରିଥାଏ । ଯେତେ ଯେତେ ଯୁଦ୍ଧ, ଯୁଦ୍ଧ ବିରତି, ସମାଧାନ, ବୁଝାମଣା ସବୁ ତ ଏହି ଲିଖିତ ଦସ୍ତାବିଜ ଦ୍ୱାରା ସୁଦୃଢ଼ ହୋଇଥାଏ । ଏହି ଲେଖାକାଗଜ ଆଗରୁ ପତ୍ର, ଚିଠି ଓ ମନର କଥାକୁ ବହନ କରିଥିବା ପ୍ରେମପତ୍ରରେ ପରିଣତ ହୋଇଥାଏ । ଲେଖାକାଗଜ ଏକ ବରିଷ୍ଠ ଓ ପ୍ରଭାବୀ ସୂତ୍ରଧର ।

ମଣିଷ ଜୀବନର ଲେଖା କାଗଜ ଏକ ପୂର୍ଣ୍ଣତା ଆଡ଼କୁ ପାଦ ବଢ଼ାଇବାର ଚପଲ। ସିଏ ଯେତେ ବିଜ୍ଞ, ଯିଏ ଯେତେ ଲେଖିଛି ଜୀବନ କାଗଜରେ । କେବଳ ପ୍ରେମ ନୁହେଁ, ବିରହ, ସଫଳତା କେବଳ ନୁହେଁ ବିଫଳତା, କେବଳ ସୁଖ ନୁହେଁ ଦୁଃଖ ଏବଂ କେବଳ ସମ୍ମାନ ନୁହେଁ ଅସମ୍ମାନ, ସବୁର ଲେଖା ହିଁ ଏକ ଦୃଢ଼ ଓ ଉତ୍ତମ ମଣିଷ କରେ । ନିଆଁରେ ପୋଡ଼ିଲେ ସିନା ସୁନା ଚିକ୍‌ମିକ୍ କରିବ, ଝୁଣ୍ଟିଲେ ସିନା ଚାଲି ଶିଖିବ! ଜୀବନ କାଗଜରେ କିଛି ଭୁଲ୍‌ଭାଲ୍ ଲେଖା ହୋଇଗଲା ମାନେ ଯେ ଭବିଷ୍ୟତରେ ଠିକ୍‌ଠାକ୍ ଲେଖିହେବନାହିଁ ଏକଥା ବି ନୁହେଁ । ଜଣେ ଯଦି ତୃଣମୂଳ ସ୍ତରରୁ ଉଠିଥିବା ଯେତେ ଉପରକୁ ଗଲେ ଖସିବାର ବିପଦ ବେଶି କଷ୍ଟଦେବ ନାହିଁ । କାରଣ ଯିଏ ସବୁଠାରୁ ବେଶି ଦୁଃଖ ଦେଖିଛି, ତାକୁ କେତେ ଦୁଃଖଦେବ ଯେ!

‘ଲେଖା ଛିଡ଼ିଗଲା’, ସାମ୍ପ୍ରତିକ ରାଜନୈତିକ ପଟ୍ଟଭୂମିର ବାକ୍ ବିତଣ୍ଡାରେ ଏକ ଲଘୁ ମନ୍ତବ୍ୟ ହୋଇପାରେ । ମାତ୍ର ଏହାର ଅର୍ଥ ବିଶେଷ ଗୁରୁତ୍ୱ ବହନ କରେ । ଯେପରିକି ଚୁକ୍ତି ହୋଇଗଲା, ନିଷ୍ପତ୍ତି ହୋଇଗଲା । ଅନ୍ୟ ଅର୍ଥରେ ପୂର୍ବରୁ ଲେଖାଥିବା ଅଲିଖିତ ଚୁକ୍ତିପତ୍ରର ଧାରା ଛାଡ଼ିଗଲା । ଏହା ମଧ୍ୟ ପୁନଃ ବୁଝାଏ ଯେ ତୁମର ସମ୍ପର୍କ ଆଉ ଆଗକୁ ବଢ଼ିବ ନାହିଁ ଓ ଏପର୍ଯ୍ୟନ୍ତ ଥିବା ଲେଖାପତ୍ର ଅତୀତ ହୋଇଗଲା । ବହୁ କଥା କେବଳ ବାଚନିକ ନହୋଇ ଲିଖିତ ହେବା ଆବଶ୍ୟକ । ତା’ ନହେଲେ ପରପିଢ଼ି ପାଇଁ ବଡ଼ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଜନ୍ମ କରିବ । ଏହାହିଁ ତ ପ୍ରାମାଣିକ ହେବାର ବଡ଼ ଅବସର ।

ଯେକୌଣସି ବିଚାରରେ ଲିଖିତ ଦସ୍ତାବିଜ ବା ଲେଖାକାଗଜ ହିଁ ସର୍ବୋତ୍କୃଷ୍ଟ ପ୍ରମାଣ । ମୃତ୍ୟୁକାଳୀନ ଜମାନବନ୍ଦୀ ହେଉ ବା ମୃତ୍ୟୁ ପୂର୍ବରୁ କୌଣସି ଲିଖିତ ଘୋଷଣାପତ୍ର ହିଁ ଗୁରୁତ୍ୱପୂର୍ଣ୍ଣ ଲେଖା କାଗଜ । ଲେଖାକାଗଜ କୌଣସି ବ୍ୟକ୍ତିର, କୌଣସି ସଂସ୍ଥାର ବା ଦେଶ ଦଶ ବିଭାଜନର ପ୍ରକୃତ ମନୋଭାବ । ଏହା ଏକ ଦର୍ପଣ ଏକ ସମୟର ମାନସିକତାର । ଲେଖା କାଗଜ ହୋଇପାରେ ପୁରୁଣା ମାତ୍ର ସେ ହୋଇଯାଏ ପୁରାଣ, ଆଧ୍ୟାତ୍ମିକତାର, ଜୀବନଚର୍ଯ୍ୟାର, ଇତିହାସର ଓ ସାମାଜିକ ସଂସ୍କୃତିର ।

### ଅଲେଖା ଫର୍ଦ୍ଦ

ଭାବ ଆସେ ଭାବ ଯାଏ, ଭାବନା ଆସେ ଭାବନା ଉଭେଇଯାଏ । ମନକାଗଜରେ କିଛି ଲେଖାହୁଏ ପୁଣି ବାଷ୍ପ ହୋଇଯାଏ । ବାରମ୍ବାର ଅଲେଖା ଫର୍ଦ୍ଦ ସାଜୁଥିବା ମନ ଗୋଟିଏ ପ୍ରକାରର, କିନ୍ତୁ ଅନ୍ୟପଟରେ ସାଦାକାଗଜ ବା ଅକ୍ଷର ବସି ନଥିବା ରଙ୍ଗ ବେରଙ୍ଗର କାଗଜ ହେଉଛି ଅଲେଖା ଫର୍ଦ୍ଦ । ଏଠାରେ ପୁଣି ପ୍ରଶ୍ନ ଉଠେ କେବଳ ସାଦା ଧଳା କାଗଜ ହିଁ ଅଲେଖା ଫର୍ଦ୍ଦ। କାରଣ ରଙ୍ଗ ମାରିଦେଲେ ବି ସେ ଲେଖାକାଗଜ ହୋଇପାରେ । ଯେପରିକି କୌଣସି ଜାତିର, ଧର୍ମର, ଦେଶର ଧ୍ୱଜା । କୌଣସି ପତାକା କେବେ ଅଲେଖା ନୁହେଁ। ଅକ୍ଷର ନଥାଉ ପରେ ରଙ୍ଗ ହିଁ ଚିହ୍ନିତ କରୁଥାଏ ବାଁକୁ ।

ସମସ୍ତଙ୍କର ଅନେକ ଅଲିଖିତ ଫର୍ଦ୍ଦଥାଏ । ଏଥିମଧ୍ୟରୁ କିଛି ନିଜ ନିଜ ପାଇଁ କେହି ଲେଖିପକାନ୍ତି । ଅନ୍ୟ କେହି ଅନୁଗତ, ସମ୍ପର୍କୀୟ ବା ଭଲ ପାଉଥିବା ବ୍ୟକ୍ତି ତାଙ୍କ ପାଇଁ ଲେଖନ୍ତି । ଏହାକୁ ଜୀବନୀ ବା ଜୀବନ କାହାଣୀ କୁହନ୍ତି । ଏମିତିରେ ଜଣେ ବ୍ୟକ୍ତିଙ୍କର ଅଟୋବାୟୋଗ୍ରାଫି ପୁସ୍ତକଟି ନୋବେଲ ପୁରସ୍କାର ମଧ୍ୟ ପାଇଛି । ଏବେ ଏବେ ମୁଁ ଦୁଇଟି ଭାରତୀୟ ଲେଖକଙ୍କର ଜୀବନ କାହାଣୀ ପଢ଼ିଛି । ଗୋଟିଏ ହେଉଛି ‘ଭୋର ବେଳାର ମୋତିଫୁଲ’ ଯାହାକି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଅଟୋବାୟୋଗ୍ରାଫି ଓ ଅନ୍ୟଟି ସୁବାସ ଶତପଥୀଙ୍କ ଦ୍ୱାରା ଅନୁବାଦିତ ଓ କେନ୍ଦ୍ର ସାହିତ୍ୟ ଅନୁବାଦ ସାହିତ୍ୟ ପୁରସ୍କାର ପ୍ରାପ୍ତ ‘ରସ୍କିନ୍ ବଣ୍ଡଙ୍କ ଜୀବନ କାହାଣୀ’ । ଏଠାରେ ଏହା ଏଇଥିପାଇଁ ପ୍ରାସଙ୍ଗିକ ଯେ ଯଦି ତାହା ସବୁ ଅଲେଖା ଫର୍ଦ୍ଦ ହୋଇରହିଥାଆନ୍ତା, ତାହାହେଲେ ଆମେମାନେ ଅନେକ ଦିଗରୁ, ମାର୍ଗଦର୍ଶନ, ଜୀବନଦର୍ଶନରୁ ବଞ୍ଚିତ ହୋଇଥାଆନ୍ତୁ ।

ଅଲେଖା ଫର୍ଦ୍ଦ, ଅନ୍ୟ ଅର୍ଥରେ ଅକୁହାକଥା ବି ହୋଇପାରେ । କିଛି କଥା କହିହୁଏ, କିଛି କଥା ଲେଖିହୁଏ ଆଉ କିଛି କଥା ବଖାଣିବାରେ ମନର ଆଗ୍ରହ ନଥାଏ । କିନ୍ତୁ ସତ୍ୟ କଥା ଯେତେ ଅପ୍ରିୟ ହେଲେ ବି ଲୋକଲୋଚନକୁ ଆସିଲେ, ତାହା ଲଜ୍ଜାକର ନୁହେଁ ବରଂ ସାହସିକତାର ପରିଚୟ ହୋଇଥାଏ । ଏମିତିରେ ଯାହାର ଜୀବନ କଳଙ୍କଶୂନ୍ୟ ନୁହେଁ ବା ସଂଘର୍ଷପୂର୍ଣ୍ଣ ନୁହେଁ ସେ କ’ଣ ରୂପାଜହ୍ନ ହୋଇପାରିବ? ଅନେକ କିଛି ଜୀବନରେ ଆକସ୍ମିକ ଘଟେ । କିଛି ଅବନତି କିଛି ଉନ୍ନତି । ଅବନତ ମସ୍ତକର ପରିଭାଷା ନିଜ ପାଇଁ କ’ଣ କଳାଫର୍ଦ୍ଦ ଆଉ ଉନ୍ନତିର କାଗଜ ସଫେଦ୍? ଅବଦମିତ ଇଚ୍ଛା ଏକ ଅଲେଖା ଫର୍ଦ୍ଦ ଅନେକଙ୍କ ପାଇଁ । କିନ୍ତୁ ଶେଷରେ ଦେଖାଯାଏ ଯାହା ଅପ୍ରାପ୍ତ, ତାହାହିଁ ଅଶାନ୍ତି ।

ପାପକର୍ମ ନିଶ୍ଚେ ଏକ କଳାଫର୍ଦ୍ଦ । କିନ୍ତୁ ଏହା ଲୁକ୍କାୟିତ ହୋଇରହେ ନାହିଁ । କାରଣ ପାପ ଏକ ଅଲେଖା କାଗଜ ନୁହେଁ । ଏଥିରେ ଯେଉଁ କଳା ରଙ୍ଗ ଛାପି ହୋଇଯାଏ, ତାହାହିଁ ତ କଳା ଅକ୍ଷରର ଛାପା ଏହା କେବେ ସମାଜର କାଗଜରେ ଅଛପା ରହେନାହିଁ । ଧର୍ମର ଧ୍ୱଜା ମଧ୍ୟ ଏକ ରଙ୍ଗିନ କାଗଜ । ଯଦିଓ ଅଲେଖା ତଥାପି ତା’ର ରଙ୍ଗ ହିଁ ତା’ର ପରିଚାୟକ । ମୋ ଜୀବନ ଏକ ଖୋଲାଫର୍ଦ୍ଦ ବୋଲି କହିବାର ଅର୍ଥ, ଭଲମନ୍ଦ ସବୁକିଛି ତହିଁରେ ପ୍ରକାଶ୍ୟ । ଏହି ଖୋଲାଫର୍ଦ୍ଦ ସବୁ ଖାଲି ଖାତାର ପୃଷ୍ଠା ସବୁ ନୁହେଁ । ବରଂ ଏକ ବହି ଏକ କିତାବର ପରିସଂଖ୍ୟାନ ।

ମଣିଷର ଜୀବନଚର୍ଯ୍ୟାରେ ଅନ୍ୟମାନଙ୍କର ଉପସ୍ଥିତି, ଅନ୍ୟ ମଣିଷର ଭଲପାଇବା, ଘୃଣା, ତାତ୍ସଲ୍ୟ କି ପ୍ରଶଂସା ସବୁକିଛି ଲିପିବଦ୍ଧ ହେଉଥାଏ । କେଉଁ ପୃଷ୍ଠାରେ ଦୁଃଖ, କେଉଁ ପୃଷ୍ଠାରେ ସୁଖ, କେଉଁ ପୃଷ୍ଠାରେ ଧାବମାନ ଜୀବନ ଆଉ କେଉଁ ପୃଷ୍ଠାରେ ଥବିର ପାଦଚିହ୍ନ ସବୁ ସ୍ପଷ୍ଟ ନିଜ ପାଖରେ । ଯେତେବେଳେ ଏହାକୁ କେହି ସାର୍ବଜନୀନ କରିଦିଏ, ସେତେବେଳେ ସେ ପାଲଟିଯାଏ ଜୀବନର କଥା । ଜୀବନ କାହାଣୀ କହିଲେ ଏହା ଏକ ଗପହେଲେ ବି ସତ ପରି କଥା । ଏଠି ବାସ୍ତବତା ଅଛି ତାକୁ କାହାଣୀ କହିବା କିଆଁ?

ବେଳେବେଳେ ଶୂନ୍ୟସ୍ଥାନ ଥାଏ । ଇଚ୍ଛାକୃତ ବା ଅନିଚ୍ଛାକୃତ ହେଉ । ଏହା ଏକ ପର୍ଯ୍ୟାୟରୁ ଅନ୍ୟ ଏକ ପର୍ଯ୍ୟାୟକୁ ଯିବା ପାଇଁ ଏକ ବିଶ୍ରାମର ମୁହୂର୍ତ୍ତ । ଅଥବା ଏହିଠାରେ ଏକ ଅନିଚ୍ଛାକୃତ ସ୍ଥିରତା ରହିଯାଏ ଅନ୍ୟମାନଙ୍କ ପାଖରେ । କିଛି ନ କହିଲେ, କିଛି ତଥ୍ୟ ନଦେଲେ ଲେଖକୀୟ ସ୍ୱତନ୍ତ୍ରତା ରହେନାହିଁ, ବରଂ ପାଠକମାନେ ହିଁ ଭିନ୍ନ ଭିନ୍ନ ତଥ୍ୟକୁ ନେଇ ସମାଲୋଚନା କରନ୍ତି । ସବୁବେଳେ ଗୋଟିଏ କଥା ମନେରଖିବା ଉଚିତ୍ ଯେ ଜୀବନ ପରୀକ୍ଷାରେ ଅଲେଖା ଫର୍ଦ୍ଦ ଛାଡ଼ ନାହିଁ । କାରଣ ଏହା ମୂଲ୍ୟାୟନ ହୁଏନାହିଁ ସମାଜରେ ଯେତେ ଯେତେ ମହାମନିଷୀ ଅଛନ୍ତି ସମସ୍ତଙ୍କ ଜୀବନଖାତାରେ ଅନେକ କିଛି ଲେଖା ହୋଇଥାଏ । କିଛି ବି ଅଲେଖା ଫର୍ଦ୍ଦ ନଥାଏ ।


*ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


## ଭାରତୀୟ ସେନାବାହିନୀର ବିଚକ୍ଷଣ ଅଫିସର ମେଜର ନନ୍ଦକିଶୋର

### ଦୁନିଆର ହାଲ୍



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ଭାରତୀୟ ସୈନ୍ୟ ବିଭାଗର ଘୋଡସବାର ବାହିନୀ ରିମାଉ ଏବଂ ଭେଟେରେନାରୀ କୋର ସବୁ ସମୟରେ ସୈନ୍ୟବାହିନୀର ଏକ ବିଚକ୍ଷଣ ଅଂଶ ବିଶେଷ ବୋଲି ଗ୍ରହଣ କରାଯାଇଥାଏ । ଘୋଡସବାର ବାହିନୀ ପାହାଡ଼ ଚଢି ଆମ ସୈନ୍ୟବାହିନୀକୁ ତୋପ ଦେଇଆସନ୍ତି । ଆମ ସୈନ୍ୟବାହିନୀ ଶତ୍ରୁକୁ ଅଟକାଇ ଦିଏ କି ହଟାଇଦିଏ ରାଷ୍ଟ୍ରପତିଙ୍କର ଏପରି ସୁଯୋଗରେ ଅଙ୍ଗରକ୍ଷକ ଭାବରେ ଘୋଡସବାର ବାହିନୀ ରାଷ୍ଟ୍ରପତିଙ୍କ ଭବନରେ ମୁତୟନ ହୋଇଥାଏ । କାହିଁ କେତେ ବର୍ଷରୁ ଏ ପ୍ରଥା ଅନୁସରଣ କରାଯାଉଛି । ୧୯୬୪/୬୫ ମସିହାରେ ଆମ ରାଜ୍ୟର ନିପୁଣ ଘୋଡସବାର ବାହିନୀରେ ନନ୍ଦ କିଶୋର ଅଫିସର ଭାବରେ ଯୋଗ ଦେଇଥିଲେ । ସେନାବାହିନୀରେ କାମ କରିଲା ବେଳେ ଖ୍ୟାତି ଅର୍ଜନ କରିଥିଲେ । ଏହି ବାହିନୀରେ ଯୋଗଦେବା ପୂର୍ବରୁ ଓଡ଼ିଶା ପଶୁ ଚିକିତ୍ସା କଲେଜରେ ସ୍ନାତକ ଡିଗ୍ରୀ ହାସଲକରି ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ସୁନାମ ଥିବାରୁ ତାଙ୍କୁ ସେହି କଲେଜରେ ଶିକ୍ଷକ ହେବାପାଇଁ ସୁଯୋଗ ଦିଆଯାଇଥିଲା ।

ସୌନବାହିନୀରେ କାର୍ଯ୍ୟ କରିବା ସମୟରେ ସେ ସର୍ଟ ସର୍ଭିସ କମିଶନ ଅଫିସର ହୋଇଥିବାରୁ ତାଙ୍କୁ ତାଙ୍କ ପୂର୍ବପଦକୁ କିଛିବର୍ଷ ପରେ ଫେରିଆସିବାକୁ ପଡିଲା । ସେ ପଶୁ ଚିକିତ୍ସା ବିଭାଗରେ ବହୁବର୍ଷ କାର୍ଯ୍ୟ କରିଥିଲେ । ଯେତେବେଳେ ଆମ ରାଜ୍ୟର ପ୍ରବାଦ ପୁରୁଷ ଭାବରେ ପରିଚିତ ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଲେ, ସୈନ୍ୟବାହିନୀର ଯିଏ ବି କାର୍ଯ୍ୟସାରି ଫେରିଆସୁଥିଲା, ତା’ର ଚାକିରି କିପରି ସୁବ୍ୟବସ୍ଥିତ ହେବ ତାହା ନିଜେ ଦେଖୁଥିଲେ । ସେମାନଙ୍କୁ ସରକାରୀ ଜମି ମାଗଣାରେ ଦିଆଯାଉଥିଲା । ନିଜ ନିଜ ବିଭାଗର କେତେକାଂଶ ପଦପଦବୀ ସଂରକ୍ଷିତ ରଖି ସେମାନଙ୍କୁ ଦିଆଯାଉଥିଲା । ମେଜର ନନ୍ଦ କିଶୋର ପରିଡ଼ା ବିଭାଗରେ କାମ କଲାବେଳେ ସବୁ ସୁବିଧା ମିଳିନଥିଲା, ଆଇନର ଆଶ୍ରୟ ନେଇ ବିଭାଗର ଆଡିସିନାଲ ଡାଇରେକ୍ଟର ପଦକୁ ଉନ୍ନିତ ହୋଇଥିଲେ ।

ସେ ହରିଦାସପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ମାହାଙ୍ଗା ଅଞ୍ଚଳରେ ଗୋଟିଏ ମାଇନର ସ୍କୁଲରେ (କୋଠପଡା) ପ୍ରଧାନଶିକ୍ଷକ ଭାବରେ ଅବସର ପର୍ଯ୍ୟନ୍ତ ବୃତ୍ତିରେ ଥିଲେ । ନନ୍ଦ କିଶୋର ପରିଡ଼ାଙ୍କର ଆଉ ତିନିଜଣ ଭାଇ ଥିଲେ। ନନ୍ଦ କିଶୋରଙ୍କୁ ମିଶାଇଲେ ତିନିଜଣ ମୃତ୍ୟୁବରଣ କରିସାରିଲେଣି । ତାଙ୍କ ଭଉଣୀ କଟକ ଟାଙ୍ଗୀରେ ବିବାହ କରିଥିଲେ ସ୍ୱର୍ଗତ ବନମାଳୀ ମହାନ୍ତିଙ୍କୁ । ତାଙ୍କ ସ୍ୱାମୀ ଖୋର୍ଦ୍ଧାରୋଡ଼ ରେଳବାଇ ଷ୍ଟେସନର ଷ୍ଟେସନ ମାଷ୍ଟର ଥିଲେ ।

ନନ୍ଦ କିଶୋର ପରିଡ଼ା ଗୋଟିଏ ଶିକ୍ଷକ ପରିବାରର । ତାଙ୍କ ବାପା ଓ ମା’ ତ୍ୟାଗପୁତ ଜୀବନ ବିତାଉଥିଲେ । ତାଙ୍କ ବଡ଼ଭାଇ ଦିବାକର ପରିଡ଼ା ସୈନ୍ୟବାହିନୀରେ ସିଗନାଲ ବାହିନୀରେ କାମକରି, ରାଜ୍ୟକୁ ଫେରି ସେଇ ସିଗନାଲ ବିଭାଗରେ ଏସ.ପି ପାହ୍ୟା ପର୍ଯ୍ୟନ୍ତ କାମ କରିଥିଲେ । ଆଉ ତାଙ୍କର ଜଣେ ଭାଇ ସ୍ୱର୍ଗତ ନବକିଶୋର ପରିଡ଼ା ଗାଁ’ରେ ରହି ସମାଜସେବା କରୁଥିଲେ । ବେଳେବେଳେ ଲୋକପ୍ରତିନିଧି ଭାବରେ ପଞ୍ଚାୟତ ସମିତିରେ ରହି କାମ କରିଥିଲେ । ଅନ୍ୟଜଣେ ଭାଇ ବିଦ୍ୟାଧର ପରିଡ଼ା ଏବେ ଜୀବିତ । ଆଠଗଡ଼ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି । ନନ୍ଦ କିଶୋର ପରିଡ଼ାଙ୍କ ପରିବାର ତାଙ୍କ ଅଞ୍ଚଳରେ ଏକ ଆଦର୍ଶ ପରିବାର ଭାବରେ ପରିଚିତ । ତାଙ୍କର ପୁତୁରାମାନେ ଅନନ୍ତ, ଅଶ୍ୱିନୀ, ଚଣ୍ଡି, ଶଙ୍ଖି, ବିଲ୍ଲି ପ୍ରଭୃତି ପରିବାର ପାଇଁ ସମର୍ପିତ ହୋଇ କାମ କରିଆସିଛନ୍ତି । ନନ୍ଦ କିଶୋର ଗୋଟିଏ ପୁଅ ଓ ତିନୋଟି କନ୍ୟାଙ୍କର ପିତା । ପୁଅ ଶିବୁ, କନ୍ୟାମାନେ ହେଲେ ମାମି, ସୋନି, ଅନୁ । ଶେଷ ପର୍ଯ୍ୟନ୍ତ ସେମାନେ ନନ୍ଦ କିଶୋରଙ୍କ ସହିତ ଯୋଡିହୋଇ ରହି ଆସିଛନ୍ତି । ସେମାନେ ସମସ୍ତେ ଉଚ୍ଚଶିକ୍ଷିତ ଓ ଶିକ୍ଷିତା । ନନ୍ଦ କିଶୋର ଖୋର୍ଦ୍ଧାର ଗୁରୁଜଙ୍ଗର ସ୍ୱର୍ଗତ ଭ୍ରମରବର ପ୍ରଧାନ ଓ ସ୍ୱର୍ଗତା ଦମୟନ୍ତୀ ପ୍ରଧାନଙ୍କ କନ୍ୟା ଶ୍ୟାମା କଲ୍ୟାଣୀଙ୍କୁ ବିବାହ କରିଥିଲେ । ଭ୍ରମରବର ପ୍ରଧାନ ଜଣେ ଦକ୍ଷ ପୋଲିସ ଅଫିସର ଭାବରେ କାର୍ଯ୍ୟ କରିଥିଲେ । ଶ୍ୟାମା କଲାଣୀଙ୍କର ଭାଇମାନେ ହେଲେ ପ୍ରଦୀପ୍ତ, ଯୁଦୀପ୍ତ, ନୀଳାଦ୍ରି, ହିମାଦ୍ରୀ ଓ ଦେବେନ୍ଦ୍ର (ଦୁର୍ଭାଗଜନକ କଥା ଯେ ଦେବେନ୍ଦ୍ର ଦୁଇବର୍ଷ ହେଲା ମୃତ୍ୟୁବରଣ କରିଛନ୍ତି) । ଠିକ ତିନିବର୍ଷ ତଳେ ଶ୍ୟାମାକଲାଣୀଙ୍କ ମୃତ୍ୟୁ ଘଟିଛି । ଶ୍ୟାମା କଲାଣୀଙ୍କ ଭାଇମାନେ ପେଶାରେ ଓକିଲ, ଓଏଏସ ଅଫିସର, ବ୍ୟାଙ୍କ ମ୍ୟାନେଜର, ସିଭିଲ କ୍ରାକ୍ଟର ହୋଇଥିଲେ । ଶ୍ୟାମା କଲ୍ୟାଣୀଙ୍କର ଦୁଇ ଭଉଣୀ ଜୀବିତ ଅଛନ୍ତି । ସେମାନେ ହେଲେ ଉମା କଲ୍ୟାଣୀ ଓ ଲକ୍ଷ୍ମୀ କଲ୍ୟାଣୀ । ନନ୍ଦ କିଶୋରଙ୍କର ଭିଣୋଇମାନେ ହେଲେ ମନୋରଞ୍ଜନ ଓ ଅକ୍ଷୟ । ନନ୍ଦ କିଶୋରଙ୍କ ବିଷୟରେ ମୁଁ ଲେଖୁ ଲେଖୁ ସବୁକଥା ଲେଖୁଛି, ସମୟ ଗଡିଗଲେ ସବୁ ସ୍ମୃତିକୁ ଅଟକେଇ ରଖି ହେବନାହିଁ । ନନ୍ଦ କିଶୋରଙ୍କ ଜ୍ୱାଇଁମାନେ ଯୁଶ, କୀର୍ତ୍ତି ଓ ସୌରଭ ପରିଡ଼ା ପରିବାର ଆଦର୍ଶକୁ ସବୁ ସମୟରେ ମୁଣ୍ଡ ଉପରେ ରଖିଥାଆନ୍ତି । ନନ୍ଦ କିଶୋର ସୈନ୍ୟବାହିନୀର ଜଣେ ଦକ୍ଷ ଅଫିସର, ଏକଥା ତାଙ୍କ ସହିତ ଯେଉଁମାନେ ପରିଚିତ ଥିଲେ ସେମାନେ ଜାଣିଥିଲେ । ତାଙ୍କ ପାରଙ୍ଗମତା ବିଷୟରେ ମଧ୍ୟ ସମସ୍ତେ ଜାଣିବା କଥା । ସୈନ୍ୟବାହିନୀ ହେଉ କି ପଶୁ ଚିକିତ୍ସା ବିଭାଗରେ ହେଉ ସେ ଯେତେବେଳେ ଯେଉଁଠି କାମ କରୁଥିଲେ ଅତି ନିଷ୍ଠାର ସହିତ କାମ କରୁଥିଲେ । ଜଣେ ସଚ୍ଚୋଟ ଅଫିସର ଭାବରେ ତାଙ୍କର ପଦଚିହ୍ନ ସେ ସବୁଠି ଛାଡି ଯାଇଛନ୍ତି ।

ନନ୍ଦ କିଶୋରଙ୍କ ପରିବାର ପ୍ରାୟ ଦେଢଶହ ବର୍ଷ ହେଲା ଏକାଠି ଚଳୁଥିଲେ । ଗୋଟିଏ ପରିବାରର ଲୋକମାନେ ଯେମିତି ଚଳନ୍ତି, ସେମିତି ଗାଁରେ ଚଳୁଥିଲେ । ଏପରି ବୃହତ୍ତର ପରିବାର ଗଢିହେବାର ଚିନ୍ତାଧାରା କ୍ରମେ ଲୋପ ପାଇଯାଇଛି । ବର୍ତ୍ତମାନ ପରିବାର କହିଲେ ଆମେ ବୁଝିବା ବାପା, ମାଆ ଓ ସନ୍ତାନ ସନ୍ତତି । ଅନ୍ୟ ପରିବାରର ଦୁଃଖ ପାଇଁ ଆମ ପୁଅ କ’ଣ ଯାଇ ସେମାନଙ୍କ ସହିତ ଠିଆହେବ? ନନ୍ଦ କିଶୋରଙ୍କ ପିତା ସମ୍ମାନସ୍ପଦ ବୈଷ୍ଣବ ପରିଡ଼ା ଅତି ଉଦାର, ସ୍ନେହୀ ଓ ସମର୍ପିତ ବ୍ୟକ୍ତି ଥିଲେ । ମାହାଙ୍ଗାର କୋଠପଡାକୁ ଯିବେ ବୋଲି ତାଙ୍କ ପୁଅ ରହୁଥିବା ତୁଳସୀପୁର ଘରୁ ସେ ରେଳଟାଇମର ଦୁଇ ଘଣ୍ଟା ପୂର୍ବରୁ ଚାଲିବାକୁ ଆରମ୍ଭ କରନ୍ତି । ଏତେବାଟ ଚାଲିକରି ଯିବେ ସମସ୍ତେ ବିସ୍ମିତ ହୁଅନ୍ତି । ମୁଁ କଲେଜ ଛାତ୍ରଟିଏ ଥାଏ, ମୁଁ ତାଙ୍କୁ ଅନାଇ ରହିଥାଏ । ସେ ଗାନ୍ଧିବାଦୀ ଥିଲେ । ତାଙ୍କ କର୍ତ୍ତବ୍ୟରୁ ଓ ତାଙ୍କ ଚିନ୍ତନରୁ କେହି ତାଙ୍କର ବିଚ୍ୟୁତ ଘଟାଇ ପାରିବେ ନାହିଁ । ଏହାତ ତ ଦୃଷ୍ଟାନ୍ତମୂଳକ ଶିକ୍ଷଣୀୟ କଥା ଥିଲା ।

ଆଜି ନନ୍ଦ କିଶୋର ପରିଡ଼ାଙ୍କୁ ତାଙ୍କ ପରିବାର ତାଙ୍କୁ ଜାଣିଥିବା ଓ ଭଲ ପାଉଥିବା ଲୋକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବେ । ସେ ଯେଉଁ ରଥରେ ବସି ଆରପାରିକୁ ଗଲେ, ତାହା ଅଣଲେଉଟା । ସେ ରଥ ପଛକୁ ଫେରିବ ନାହିଁ । ତାଙ୍କ ସ୍ମୃତିକୁ କେବଳ ମନେପକାଇବା ଓ ତାଙ୍କୁ ଝୁରିହେବା । ରିମାଉ ଲେଟେରେନାରୀର ଜଣେ ଦକ୍ଷ ଅଫିସର ଭାବରେ ସର୍ବଦା ସ୍ମୃତିରେ ରୁହ ।


*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*


## ସମସ୍ତଙ୍କୁ ଭଲ ପାଉଥିବା ଜଣେ ଭଲଲୋକଙ୍କ ସ୍ମୃତିରେ

■ ତୁଷାରକାନ୍ତ ଶତପଥୀ ■

ମୋର ବଡଭିଣୋଇ ପ୍ରସନ୍ନ କୁମାର ଆଚାର୍ଯ୍ୟ, ତତ୍କାଳୀନ ଗୋଟିଏ ସ୍ୱନାମଧନ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ କାଳର କରାଳଚକ୍ରରେ ଗୋଟିଏ ମଧ୍ୟବିତ୍ତ ପରିବାରରୁ ତଳିତଳାନ୍ତ ହୋଇଯାଇଥିବା ଆମ ପରିବାରରେ ବିବାହ କରିବାକୁ ରାଜିହେବା ହିଁ ତାଙ୍କ ମହନୀୟତାର ପ୍ରଥମ ପରିଚୟ । ୧୯୬୨ ମସିହାରେ ଏହି ବିଭାଘର ହେଲାବେଳକୁ ସେ ସେତେବେଳେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଷ୍ଟେନୋଗ୍ରାଫର ରୂପେ ନିୟୋଜିତ ଥିଲେ । ତାପରେ ସେ ସେତେବେଳେ ଭୁବନେଶ୍ୱରରେ ଥିବା ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ ।

ମୁଁ ୧୯୬୬ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ତାଙ୍କପାଖକୁ ଚାକିରି ଖୋଜିବାପାଇଁ ଆସିଥିଲି । ସେ ସେତେବେଳେ, ଭୁବନେଶ୍ୱରର ୟୁନିଟ୍-୮ସ୍ଥିତ ପାରାଦୀପ କଲୋନୀର ଗୋଟିଏ ଦୁଇ ବଖୁରିଆ ଘରେ ରହୁଥିଲେ । ଦୁଇଟି ଛୁଆ, ସେ ଓ ମୋ ବଡ଼ ଭଉଣୀ, ୟୁନିଟ୍-୬ ହାଇସ୍କୁଲରେ ପଢୁଥିବା ସାନଭାଇ ଓ ବେସିକ ସାଇନ୍ସ କଲେଜରେ ପଢୁଥିବା ସାନ ଭଉଣୀ ସେଠାରେ ରହୁଥିଲେ । ସେ ମୋତେ ‘ଚାକିରି ଖୋଜା ଚାଲିଥାଲେ, ତୁ ବିଜେବି କଲେଜରେ ପ୍ରି ୟୁନିଭରସିଟି (ସାଇନ୍ସରେ)ରେ ନାମ ଲେଖେଇଦେ, ଚାକିରି ମିଳିଲେ ଦେଖିବା’ ବୋଲି କୁହନ୍ତେ, ତାଙ୍କ ଉପରେ ସମୁଦାୟ ୬ ଜଣଙ୍କ ପରେ ସପ୍ତମ ବୋଝ ନହେବାକୁ ମୁଁ କଲେଜରେ ନାମ ଲେଖାଇବାକୁ ରାଜି ହୋଇନଥିଲି ।



ସେ ମୋତେ ଆକଟକରି, ତାଙ୍କ ସାଇକେଲରେ ବସେଇ ମୋତେ ବିଜେବି କଲେଜକୁ ନେଇ ଦରଖାସ୍ତ ଦିଏଇଥିଲେ । ସେଠାରେ ମୋର ମନୋନୟନ ହେବାପରେ, ସେ ପ୍ରବେଶିକା ଖର୍ଚ୍ଚ ବହନକରି ମୋର ନାମ ଲେଖାଇ ଦେଇଥିଲେ ଓ ପ୍ରତିମାସର କଲେଜ ଫି (ଅଧାଛାଡ) ବହନ କରୁଥିଲେ । ତାଙ୍କ ଦରମାରେ ଦୁଇଟି ଛୁଆଙ୍କ ଖର୍ଚ୍ଚ ସହିତ ସମୁଦାୟ ସାତଜଣଙ୍କର ଖର୍ଚ୍ଚ ତୁଲେଇବା ସମ୍ଭବପର ନହେବାରୁ ସେ ରାତିରେ ଗୋଟିଏ ଘରୋଇ ଫାର୍ମରେ କାମକରି କିଛି ରୋଜଗାର କରୁଥିଲେ । ୧୯୬୭ ମସିହାରେ ମୋ ପରୀକ୍ଷାଫଳ ବାହାରିବାବେଳକୁ ତାଙ୍କ କାର୍ଯ୍ୟାଳୟ ପାରାଦୀପକୁ ଉଠିଯିବା ଖବର ଆସିଥିଲା ।

ସେତେବେଳକୁ ମୁଁ ତତ୍କାଳୀନ ଡିପିଆଇ ଅଫିସରୁ ମିଳୁଥିବା ନ୍ୟାସନାଲ ଲୋନ୍ ସ୍କଲାରସିପ୍ ପାଇଁ ଦେଇଥିବା ଦରଖାସ୍ତ ମଞ୍ଜୁର ହୋଇ ଅଧିକ ପଢ଼ିବାପାଇଁ ବାର୍ଷିକ ୯୬୫ ଟଙ୍କା ମଞ୍ଜୁର ହୋଇଥିବା ଚିଠି ମୋତେ ମିଳନ୍ତେ, ସେ ମୋତେ କୃଷି ମହାବିଦ୍ୟାଳୟକୁ ନେଇ ଚାରି ବର୍ଷିଆ B.SC(Ag) ପାଠ୍ୟକ୍ରମରେ ନାମ ଲେଖାଇ ଦେଇଥିଲେ ।

ବାର୍ଷିକ ୯୬୫ ଟଙ୍କାରେ ଚଳିବା କଷ୍ଟକର ହେଉଥିବାରୁ ସେ ମଝିରେ ମଝିରେ କିଛି ଟଙ୍କା ପଠାଉଥିଲେ । ତାଙ୍କୁ ଜାଣିଥିବା ପ୍ରତ୍ୟେକ ବ୍ୟକ୍ତି ଆଚାର୍ଯ୍ୟବାବୁ ବଢ଼ିଆ ଲୋକ’ କହିଲେ ମୋ ଛାତି କୁଣ୍ଢେମୋଟ ହୋଇଯାଉଥିଲା । ପୋଟଟ୍ରଷ୍ଟର ସହକାରୀ ସଚିବ ପଦବୀରୁ ଅବସର ନେବାସମୟରେ ପାରାଦୀପରେ ରହିବାର ସୁଯୋଗ ଥିଲେ ମଧ୍ୟ ତାଙ୍କ ବୋଉ, ବୟସାଧିକ ତଥା ଆଖିର ସମସ୍ୟା ସତ୍ତ୍ୱେ ଗାଁ ଛାଡ଼ିବାକୁ ଛାଡ଼ିବାକୁ ରାଜି ନହେବାରୁ ସେ ବୋଉଙ୍କ ସେବା କରିବାକୁ ନିଜ ଗାଁ’କୁ ପଳେଇ ଆସିଥିଲେ । ତାଙ୍କ ବୋଉ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ରହିତ ହେବାପରେ, ଶ୍ରୀ ଆଚାର୍ଯ୍ୟଙ୍କ ଦ୍ୱାରା ମାତୃସେବାର ପରାକାଷ୍ଠା ଯିଏ ଦେଖିଛନ୍ତି, ସିଏ ହିଁ ପ୍ରତ୍ୟକ୍ଷ କରିଛନ୍ତି ତାଙ୍କର ପୁରାଣବର୍ଣ୍ଣିତ ଶ୍ରବଣ କୁମାରଙ୍କ ଚରିତ୍ରର ପିତୃମାତୃସେବାର ଝଲକ । ମୋ ଝିଅ ବିଭାଘରକୁ ଆସିବାକୁ ନିମନ୍ତ୍ରଣ କରନ୍ତେ, ସେ ମୋ ଉଦ୍ଦେଶ୍ୟରେ ‘ଏଠି ବୋଉର ସେବା କରିବା ଜରିଆରେ ତୋ ଝିଅଜ୍ୱାଇଁଙ୍କୁ ଆଶୀର୍ବାଦ ଦେବି ନା ତୋ ଘରକୁ ଯାଇ ବୋଉକୁ ହଇରାଣ କରିବି’ ଭଳି ଜିଜ୍ଞାସାର ଉତ୍ତର ମୋ ପାଖରେ ନଥିଲା । ମୋତେ ଅତି ସ୍ନେହ କରୁଥିବା ତାଙ୍କ ବୋଉ (ମୋ ମାଉସୀ) ‘ଟୁକୁ (ମୋ ଡାକନାମ) ଡାକୁଛି, ବାବୁ( ତାଙ୍କ ଡାକନାମ) ତୁ ସକାଳୁ ଯାଇ ସଞ୍ଜବେଳକୁ ଫେରି ଆସିବୁ, ମୁଁ ଯେମିତି ହେଲେ ଚଳିଯିବି’ ବୋଲି କହିବାପରେ ବି ବୋଉ କାଳେ ହଇରାଣ ହେବ ଚିନ୍ତାରେ ସେ ଘାରି ହୁଅନ୍ତେ, ମୁଁ ତାଙ୍କୁ ‘ମାଉସୀଙ୍କ ସେବା ବଡ଼ ଓ ତାହା ଜରିଆରେ ମୋ ଝିଅଜ୍ୱାଇଁଙ୍କୁ ଅଧିକ ଆଶୀର୍ବାଦ ମିଳିବ’ ବୋଲି କହିବାପରେ ସେ ଆଶ୍ୱସ୍ତି ଲାଭ କରିଥିଲେ ଓ ତାହା ହିଁ ଘଟିଥିଲା ।

ମୋର ଘୋର ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଗତ ତା୨୧.୧୨.୨୦୨୫ରିଖରେ ସପରିବାର ତାଙ୍କ ଅରିଲୋ ଶାସନ (ମାହାଙ୍ଗା ବ୍ଲକ, କଟକ ଜିଲ୍ଲା)କୁ ଯାଇ ତାଙ୍କୁ ଭେଟିଥିଲି । ସେ ମଧ୍ୟ ଭୁବନେଶ୍ୱର ଆସି ମୋତେ ଭେଟିବାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତା୨୦.୧.୨୦୨୬ ରିଖରେ ସେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ଶୋକସାଗରରେ ଭସେଇ ଦେଇ ଚାଲିଗଲେ । ଏଭଳି ଜଣେ ଦିବ୍ୟବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ମୋର ଜୀବନ ଯେ ଧନ୍ୟ ହୋଇଛି, ତାହା ସ୍ୱୀକାର କରିବାରେ ମୋର ତିଳେମାତ୍ର କୁଣ୍ଠାବୋଧ ନାହିଁ । ତାଙ୍କ ଋଣ ପରିଶୋଧ କରି ପାରିଲି ନାହିଁ । ତାଙ୍କ ସ୍ମୃତିରେ ଶତକୋଟି ପ୍ରଣାମ ଅର୍ପଣ କରୁଛି ।


ବାଗଲପୁର, ଜଗତସିଂହପୁର


## ସ୍ୱାସ୍ଥ୍ୟ ଓ ସୌଭାଗ୍ୟ ପାଇଁ ଲୁଣ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମ ନିତିଦିନିଆ ଜୀବନରେ ଲୁଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଥାରେ ବି ରହିଛି ଲୁଣର ଗୁଣ। ଆମ ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ହେଉଛି – ‘ଲୁଣ ଖାଇଛି ମାନେ ଗୁଣ ଗାଇବା।’ ଲୁଣ କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ। ଘରର ସୁଖ-ସମୃଦ୍ଧିକରିବାରେ ତଥା ଶରୀରର ଥକ୍କାପଣକୁ ଦୂର କରିବାରେ ବି ଲୁଣର ବିଶେଷ ଭୂମିକା ରହିଛି। ଯେମିତିକି ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଉର୍ଜା ନଷ୍ଟ ହୋଇ ଘରେ ଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି। ଏହା ଖରାପ ନଜରରୁ ମଧ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥାଏ । କୌଣସି ବ୍ୟକ୍ତି ବା ପିଲାଙ୍କୁ କାହାର ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡ଼ିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି । ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇ ଦେଲେ ଥକ୍କାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ ।

ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ରୋଗରେ ପଡ଼ିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ଜ୍ୟୋତିର୍ବିଦମାନେ ମତ ଦେଇଥାନ୍ତି। ଅନେକ ସମୟରେ ଦେଖାଯଏ, ଘରେ କିଛି ବାସ୍ତୁ ଦୋଷ ଥିଲେ କିମ୍ବା ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଉଥିଲେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଖାଇବା କଥା ତ ଅଲଗା। ଲୁଣ ବିନା ଖାଦ୍ୟ ଅରୁଚିକର କିଛି ଲୋକଙ୍କୁ ଲାଗିଥାଏ। ତେବେ ଲୁଣକୁ ନେଇ ଅନେକ କଥା ଓ କାହାଣୀ ରହିଛି। ସ୍ୱାସ୍ଥ୍ୟ ବିଜ୍ଞାନରେ ଲୁଣର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେବେ ଲୁଣ ଯାହା ହେଉନା କାହିଁକି ସେ ଅନ୍ତତଃ ଆମ୍ଭ ମାନଙ୍କୁ ଜୀବନରେ ଯେଉଁ ଯେଉଁମାନେ ଆମ୍ଭମାନଙ୍କର ଉପକାର କରିଛନ୍ତି ସେମାନଙ୍କ ପ୍ରତି କୃତଜ୍ଞତା ରହିବାର ଜ୍ଞାନ ଶିକ୍ଷା ଦେଇଥାଏ।


ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ ୯୪୩୭୦୩୧୨୫୩

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୧ ଜାନୁଆରୀ ୨୦୨୬ ଶନିବାର ପୃଷ୍ଠା ୫


ବୈଶ୍ୱିକକରଣ କାରଣରୁ ଦୁନିଆ କ୍ରମଶଃ ଅଧିକରୁ ଅଧିକ ସଂଯୁକ୍ତ ହୋଇଯାଉଛି ।ତେବେ ଏହା ଅନେକ ସଂସ୍କୃତି ଏବଂ ସମାଜର ଅସ୍ତିତ୍ୱ ମଧ୍ୟ ହଜାଇ ଦେଉଛି । ଅନେକ ଆଦିମ ଅଧିବାସୀ ସମୂହ କ୍ରମଶଃ ବିଲୁପ୍ତ ହୋଇ ଯାଉଛି । ତେବେ ଜଗତୀ କରଣର ଅନେକ ପୂର୍ବରୁ ଏହି ଆଦିମ ଅଧିବାସୀମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି ଔପନିବେଶିକ ଅନୁପ୍ରବେଶ, ଗୃହ ଯୁଦ୍ଧ, ବିପ୍ଲବ ଏବଂ ବଳପୂର୍ବକ ସମୂହକରଣ ଯୋଗୁଁ । ଯାହାକି ବର୍ତ୍ତମାନ ସେମାନଙ୍କୁ ବିଲୁପ୍ତି ଆଡ଼କୁ ନେଉଛି । ସେମାନଙ୍କ ଜିନ୍‌ଗତ ଶୁଦ୍ଧତା ନଷ୍ଟ ହେଉଛି । ଏହି ଆଦିବାସୀ ଗୋଷ୍ଠୀଗୁଡ଼ିକ ପ୍ରତି ଅଧିକ ଚିନ୍ତା ପ୍ରକାଶ ପାଉଛି କାରଣ ଏଗୁଡିକ ମଧ୍ୟରୁ ଅନେକେ ଆଫ୍ରିକାରେ ମନୁଷ୍ୟ ସୃଷ୍ଟି ହେବା ସମୟରୁ ଅଛନ୍ତି । ଆଉ କିଛି ଗୋଟିଏ ଭିନ୍ନ ଭୂଭାଗରେ ନିଜକୁ ଅବସ୍ଥାପିତ କରିଛନ୍ତି କୌଣସି ଏକ ପରିସ୍ଥିତିରେ, କିନ୍ତୁ ତାହା ମଧ୍ୟରେ ବି ନିଜର ସଂସ୍କୃତି ଏବଂ ଅନନ୍ୟତା ବଜାୟ ରଖି ପାରିଛନ୍ତି ।

# ବିଲୁପ୍ତ ପ୍ରାୟ ଜନଜାତି









## ନେଗ୍ରିଟୋସ୍

ଆଣ୍ଡାମାନ ଦ୍ୱୀପରେ ରହୁଥିବା ନେଗ୍ରିଟୋସ୍ ବା ଆଣ୍ଡାମାନି ଜନଜାତିର ଲୋକମାନଙ୍କୁ ସେମାନଙ୍କ ଛୋଟ ଆକାର ପାଇଁ ପିଗ୍‌ମୀ ବା ବାମନ ବୋଲି କୁହାଯାଏ । ଏହି ଜନଜାତିର ପୁରୁଷଙ୍କ ଉଚ୍ଚତା ସର୍ବାଧିକ ୪ଫୁଟ ୧୧ ଇଞ୍ଚ ହେଉଥିବା ବେଳେ ମହିଳାମାନଙ୍କ ଶରୀର ଆବଶ୍ୟକତା ଠାରୁ ଅଧିକ ଓଜନିଆ । ଏହି ଜନଜାତି ସର୍ବପ୍ରଥମେ ଆଫ୍ରିକା ମହାଦେଶ ଛାଡ଼ିଥିଲେ । ଏ ସମ୍ପ୍ରଦାୟର ଲୋକମାନେ ସମସ୍ତଙ୍କଠାରୁ ଦୂରେଇ ରୁହନ୍ତି । ସାଧାରଣ ସଭ୍ୟତା ବି ସେମାନଙ୍କୁ ସ୍ପର୍ଶ କରିନି । ଏମାନେ ନିଆଁ ଜଳାଇବା ବି ଜାଣନ୍ତି ନାହିଁ । ଆଣ୍ଡାମାନି ଜନଜାତିଙ୍କର ଅନେକ ସମୁହ ଅଛନ୍ତି । ସେମାନଙ୍କ ମଧ୍ୟରୁ ସେଣ୍ଟାଇନ୍‌ଲିଜ୍ ସମୂହ ସମ୍ପୂର୍ଣ୍ଣ ଏକାକୀ ରୁହନ୍ତି । ତେଣୁ ସେମାନଙ୍କ ବିଷୟରେ ବିଶେଷ କିଛି ଜଣାପଡ଼ିନି । ଅନ୍ୟ ଜନଜାତିମାନେ ଜମି ଅଧିଗ୍ରହଣ, ପର୍ଯ୍ୟଟକ ଓ ରୋଗ ଆଦି ଯୋଗୁ ନାନା ସମସ୍ୟା ଭୋଗୁଛନ୍ତି ।

୨୦୧୧ ଜନଗଣନା ଅନୁଯାୟୀ ଦେଶର ସମୁଦାୟ ଜନସଂଖ୍ୟାର ୮.୬ ପ୍ରତିଶତ ବା ୧୦୪ ନିୟୁତ ଜନତା ଆଦିବାସୀ। ତେବେ ଭାରତର ଜନଜାତି ମଧ୍ୟରୁ ସବୁଠାରୁ ଭିନ୍ନ ହେଉଛନ୍ତି ଆଣ୍ଡାମାନ ନିକୋବର ଦୀପପୁଞ୍ଜରେ ହଜାର ହଜାର ବର୍ଷ ଧରି ଏକାନ୍ତରେ ବାସ କରୁଥିବା ଆଦିବ ଅଧିବାସୀମାନେ। ଏହି ଆଦିବାସୀମାନଙ୍କର ଅନନ୍ୟ ଶାରିରୀକ ଗଠନ, ସଂସ୍କୃତି ଏବଂ ବୃତ୍ତି ରହିଛି। ଏହି ଆଦିବାସୀ ଗୋଷ୍ଠୀମାନେ ମୁଖ୍ୟତଃ ବସ୍ତ୍ରହୀନ ରୁହନ୍ତି କିମ୍ବା



ଗଛର ପତ୍ର ଓ ଡାଳରେ ତିଆରି ଏକ ଭିନ୍ନ ପ୍ରକାରର ପୋଷାକ ପିନ୍ଧନ୍ତି। ସେମାନଙ୍କର ମୁଖ୍ୟ ବୃତ୍ତି ହେଉଛି ଶୀକାର କରିବା, ପନିପରିବା ଚାଷ କରିବା ଏବଂ ପକ୍ଷୀପାଳନ। ଏ ମଧ୍ୟରୁ ଅଧିକାଂଶ ରୋଗ, ବାସସ୍ଥାନର ଅଭାବ, ହିଂସା ଏବଂ ନିଶା ସେବନ କାରଣରୁ ବିଲୁପ୍ତି ପଥର ଯାତ୍ରୀ ହୋଇଛନ୍ତି।

ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ଆଣ୍ଡାମାନ ନିକୋବରର ଆଦିମ ଅଧିବାସୀମାନେ ବାହ୍ୟଜଗତର ଦୃଷ୍ଟିକୁ ଆସିଲେ। ସେତେବେଳେ ପ୍ରାୟ ୭ହଜାର ଆଦିମ ଅଧିବାସୀ ଥିଲେ ସେଠାରେ ସେମାନଙ୍କୁ ସେମାନଙ୍କର ଅନନ୍ୟ ସଂସ୍କୃତି, ଭିନ୍ନ ଅଞ୍ଚଳ ଏବଂ ଭାଷା ଅନୁଯାୟୀ ପାଞ୍ଚଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇଥିଲା। ତେବେ ଗୋଟିଏ ଶତାବ୍ଦୀ ମଧ୍ୟରେ ସେମାନେ ମୁଖ୍ୟତଃ ଲୋପ ପାଇଗଲେ। ବର୍ତ୍ତମାନ ଏମାନଙ୍କର ସଂଖ୍ୟା ଖୁବ୍ କମ୍। ଗୋଟିଏ ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯାଇଛନ୍ତି। ଦୁଇଟି ଗୋଷ୍ଠୀ ନିଜକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛନ୍ତି। ଏମାନେ ଆଜି ପର୍ଯ୍ୟନ୍ତ ବାହାର ଦୁନିଆ ସହ ସଂଯୁକ୍ତ ହୋଇନାହାନ୍ତି।

ଗ୍ରେଟ ଆଣ୍ଡାମାନିଜ ଆଦିବାସୀ ସମୂହର ମାତ୍ର ୫୪ଜଣ ବ୍ୟକ୍ତି ଜୀବିତ ଅଛନ୍ତି, ଜରୱାମାନଙ୍କ ମଧ୍ୟରୁ ମାତ୍ର ୨୫୦ରୁ ୪୦୦ଜଣ ନିଜର ଶୁଦ୍ଧବଂଶାନୁକ୍ରମିକତାରେ ଥିବା ଜଣାପଡ଼ିଛି। ଜଙ୍ଗିନ ବା ରୁଟଲାଣ୍ଡ ଜରୱା ଆଦିବାସୀମାନଙ୍କର ବିଶୁଦ୍ଧ ସମୂହ ସମ୍ପୂର୍ଣ୍ଣ ଲୋପ ପାଇଯାଇଛନ୍ତି, ସେହିପରି ଓନଗେ ଆଦିବାସୀମାନଙ୍କର ମାତ୍ର ୧୦୦ଜଣ ବ୍ୟକ୍ତି ଜିନ୍ ଗତ ସୁଦ୍ଧତା ବଜାଇ ରଖିପାରିଛନ୍ତି। ସେହିପରି ସେଣ୍ଟିନେଲିଜମାନଙ୍କ ମଧ୍ୟରୁ ୧୦୦ରୁ ୨୦୦ଜଣ ଜୀବିତ ଥିବା ଜଣାପଡ଼ିଛି।

## କାଲାଶ, ପାକିସ୍ତାନ

ଏମାନେ ଶ୍ୱେତାଙ୍ଗ ଜନଜାତି । ସୁନେଲୀ କେଶ ଓ ନୀଳ ଆଖି ବିଶିଷ୍ଟ କାଲାଶ ଆଦିବାସୀ ପାକିସ୍ତାନର ବରଫାବୃତ୍ତ ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ରୁହନ୍ତି । ସେମାନେ ନିଜକୁ ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍‌ଙ୍କ ବଂଶଜ ବୋଲି ମାନନ୍ତି । ଡିଏନ୍‌ଏ ଟେଷ୍ଟରୁ ସ୍ପଷ୍ଟ ହୋଇଛି ଆଲେକ୍‌ଜାଣ୍ଡାରଙ୍କ ବିଜୟ ଅଭିଯାନରେ ସାମିଲ ଥିବା ୟୁରୋପୀୟମାନଙ୍କ ଡିଏନ୍‌ଏ ସହ କାଲାଶମାନଙ୍କ ଡିଏନ୍‌ଏର ସମାନତା ଅଛି । ଏହି କାରଣରୁ ସେମାନେ ଆଲେକ୍‌ଜାଣ୍ଡାରଙ୍କ ବଂଶଜ ଏହି ଉକ୍ତି ସତ ମନେ ହେଉଛି । କେବଳ ସେମାନଙ୍କ ଶାରୀରିକ ଆକାର ଆକୃତି ନୁହେଁ ସଂସ୍କୃତି ମଧ୍ୟ ଖୁବ୍ ଅଲଗା ସ୍ଥାନୀୟ ଅଧିବାସୀ ଏବଂ ଜନଜାତିଙ୍କଠାରୁ । ସେମାନଙ୍କର ସ୍ୱତନ୍ତ୍ର ସଂସ୍କୃତି , ପରମ୍ପରା, ରିତିନୀତି, ଉତ୍ସବ ଆଦି ଅଛି ଯାହା ଏସୀଆ ମହାଦେଶର ଅନ୍ୟ ଜନଜାତି ଠାରୁ ଏକଦମ୍ ଭିନ୍ନ । ଏହି ସମ୍ପ୍ରଦାୟରେ ମହିଳାଙ୍କ ସଂଖ୍ୟା ଅଧିକ, ମଦ୍ୟ ସେମାନଙ୍କର ସାଧାରଣ ପାନୀୟରେ ସାମିଲ । ଏମାନଙ୍କ ପୋଷାକ ଖୁବ୍ ଗାଢ଼ ରଙ୍ଗର । ମହିଳାମାନେ ସାଧାରଣତଃ ଲମ୍ବା କଳା ପୋଷାକ ପିନ୍ଧନ୍ତି ଏବଂ ଏଥିରେ ହାତରେ କଉଡି ଲଗାଯାଇ ଏମ୍ବ୍ରୋଡ଼ୋରୀ କରାଯାଇଥାଏ । ସ୍ଥାନୀୟ ଲୋକେ ସେମାନଙ୍କୁ ଏହି ପୋଷାକ କାରଣର କଳା କାଫେର୍ ବୋଲି କହିଥାନ୍ତି । ପୁରୁଷମାନେ କ୍ରମଶଃ ପାକିସ୍ତାନୀ ପୁରୁଷଙ୍କ ପୋଷାକକୁ ଆପଣାଇ ନେଲେଣି । ପିଲାମାନେ ଚାରି ବର୍ଷ ବୟସ ପରେ ପଚରଚଷ ବା ମହିଳାମାନଙ୍କ ଶୈଳୀର ପୋଷାକ ପିନ୍ଧନ୍ତି । ସେମାନେ ନିଜର ପାରମ୍ପରିକ ଧର୍ମ ଅନୁସରଣ କରନ୍ତି ଯାହାର ରଗ୍‌ବେଦୀୟ ଆର୍ଯ୍ୟମାନଙ୍କ ରିତିନୀତି ସହ ସମାନତା ଅଛି । ବର୍ତ୍ତମାନ ସେମାନଙ୍କ ଜନସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଏହାର ମୁଖ୍ୟ କାରଣ ପାକିସ୍ତାନରେ ମୁସଲମାନଙ୍କ ଅତ୍ୟାଚାର । ସେମାନେ ଜବରଦସ୍ତି କାଲାଶ ଜନଜାତିର ଲୋକଙ୍କୁ ଇସ୍‌ଲାମ୍ ଗ୍ରହଣ କରିବାକୁ ବାଧ କରୁଛନ୍ତି । ଏହା ବ୍ୟତୀତ ସେମାନେ ସନ୍ତ୍ରାସବାଦୀଙ୍କ ଠାରୁ ମଧ୍ୟ ବିପଦର ସାମ୍ନା କରୁଛନ୍ତି । ବର୍ତ୍ତମାନ ସମୟରେ



ସେମାନଙ୍କ ସଂଖ୍ୟା ୬ହଜାରରୁ କମ୍ ଅଛି ।

## ଟାକୁ ଅଟୋଲ, ପଲିନେସିଆ

ଏହି ଗୋଷ୍ଠୀର ଆଦିମ ଅଧିବାସୀମାନେ ଏକଦମ୍ ନିର୍ଜନ ସ୍ଥାନରେ ରହନ୍ତି । ସେମାନେ ନିଜ ସଂସ୍କୃତିର ସୁରକ୍ଷା ପାଇଁ ଖୁବ୍ ସଚେତନ ତେଣୁ ବାହ୍ୟ ଦୁନିଆ ସହ ସମ୍ପର୍କ ରଖନ୍ତି ନାହିଁ । ଏହି ଜନଜାତି ଖୁବ୍ ଖୁସିବାସିଆ, ସପ୍ତାହରେ ୨୦–୩୦ ଘଣ୍ଟା ନାଚଗୀତରେ କଟେ । ଏବେ ସେମାନଙ୍କ ରହିବା ସ୍ଥାନକୁ



ସମୁଦ୍ର ଧୀରେ ଧୀରେ ଖାଇଯାଉଛି । ସେମାନେ ପାଣି ଅଟକାଇବା ପାଇଁ ପାଚେରି କରୁଛନ୍ତି, କିନ୍ତୁ ସେଗୁଡ଼ିକ ଭାଙ୍ଗିଯାଉଛି । ଶସ୍ୟ ଉତ୍ପାଦନଠାରୁ ଆରମ୍ଭ କରି ବାସସ୍ଥାନ ପର୍ଯ୍ୟନ୍ତ ସବୁକିଛିକୁ ଏବେ ସମୁଦ୍ର ବିପନ୍ନ କରିଦେଉଛି ।

## ସ୍ପିନିଫେକ୍ସ, ଅଷ୍ଟ୍ରେଲିଆ

ସ୍ପିନିଫେକ୍ସ ବିଶାଳ ଭିକ୍ଟୋରିଆ ମରୁଭୂମିର ମୂଳ ନିବାସୀ । ସେମାନେ ଏହି ସ୍ଥାନରେ ୧୫ହଜାର ବର୍ଷରୁ ଅଧିକ କାଳ ହେବ ଅଛନ୍ତି । ୟୁରୋପୀୟମାନେ ଅଷ୍ଟ୍ରେଲିଆରେ ଆସି ବସବାସ କରିବା ପରେ ମଧ୍ୟ ଏମାନଙ୍କର କୌଣସି କ୍ଷତି ହୋଇନଥିଲା । ଅଷ୍ଟ୍ରେଲିଆର ଏହି ମରୁଭୂମିରେ ଜୀବନ ଖୁବ୍ ଦୁଷ୍କର । କେବଳ ଆଣବିକ ପରୀକ୍ଷଣ ବ୍ୟତୀତ ଅନ୍ୟ ସବୁକିଛି ପାଇଁ ଏହା ଅଯୋଗ୍ୟ । ୧୯୫୦ ମସିହାରୁ ଏଠାରେ ଆଣବିକ ପରୀକ୍ଷଣ ହେଉଛି । ଆଣବିକ ପରୀକ୍ଷଣ ଯୋଗୁ ବିସ୍ଥାପନର ଭୟ ଥିଲା । ଏହାପରେ ଭୂମି ଅଧିଗ୍ରହଣ ଯୋଗୁଁ ସେମାନଙ୍କ ଅସ୍ତିତ୍ୱ ଉପରେ ବିପଦ ସୃଷ୍ଟି ହେଲା । ଅବଶ୍ୟ ସେମାନଙ୍କ ଜମି ସରକାର ନେଇଯାଇ ନାହାନ୍ତି । ଏବେ ସ୍ପିନିଫେକ୍ସ ଆଦିବାସୀ ଗୋଷ୍ଠୀର ଜନସଂଖ୍ୟା ମାତ୍ର ୧୫୦ରୁ ୨୫୦ ମଧ୍ୟରେ । ଏମାନଙ୍କ ଭବିଷ୍ୟତ ଖୁବ୍ ବିପଦରେ ଅଛି ।

## ଡୁଖା, ମଙ୍ଗୋଲିଆ

ଏହି ମଙ୍ଗୋଲୀୟା ଆଦିମ ଜନଜାତି ମୁଖ୍ୟତଃ ବଲ୍‌ଗା ହରିଣ ଚରାଇବା କାମ କରନ୍ତି । ଏମାନେ ମଙ୍ଗୋଲିଆର ହୋବସ୍ ଗୋଲ ପ୍ରଦେଶରେ ବାସ କରନ୍ତି। ଏମାନେ ନିଜ ଭୂମିକୁ ଭଲପାନ୍ତି, ବରଫ ପଡ଼ିଥିବା ଜଙ୍ଗଲକୁ ପୂଜା କରନ୍ତି । ଏମାନଙ୍କର ଜୀବିକା ଶୀକାର ଏବଂ ସଂଗ୍ରହ। ବଲଗା ହରିଣ ଉପରେ ମାଂସ, ଦୁଗ୍ଧ, ଛେନା ଏବଂ ପରିବହନ ପାଇଁ ନିର୍ଭର କରନ୍ତି। ଏମାନେ ପୃଥିବୀର ଅନ୍ୟ ସମସ୍ତଙ୍କଠାରୁ ଏକଦମ ଭିନ୍ନ ଭାବରେ ବଞ୍ଚନ୍ତି। ସେମାନେ ଗଛ ବକଳରେ ତିଆରି କୁଡ଼ିଆ ଘରେ ବାସ କରନ୍ତି ଯାହାକୁ କି ସେମାନେ ଇୟୁଟ ବୋଲି କହିଥାନ୍ତି। ସେମାନଙ୍କର ଚେହେରା ମୂଳ ଆମେରିକୀୟ ଆଦିମ ଅଧିବାସୀ ଟେପେସମାନଙ୍କ ପରି। ୨୦୦୪ ନ୍ୟାସନାଲ ଜିଓଗ୍ରାଫିକ୍ ରିପୋର୍ଟ ଅନୁଯାୟୀ ଦୁଖାମାନେ ବିଶ୍ୱାସ କରନ୍ତି ସେମାନଙ୍କ ପୂର୍ବଜଙ୍କ ଭୂତମାନେ ଜଙ୍ଗଲରେ ପଶୁ ଭାବରେ ଜନ୍ମ ଗ୍ରହଣ କରିଛନ୍ତି ଏବଂ ସେମାନେ ନିଜ ପରପିଢ଼ିକୁ ବଞ୍ଚିବାର ରାସ୍ତା ଦେଖାଇବେ । ସେମାନେ ଶମାନିଜିମ ନାମକ ଏକ ଧର୍ମ ପାଳନ କରନ୍ତି ଯାହା ପ୍ରକୃତିର ପୂଜା ଆଧାରିତ। ମୁଖ୍ୟତଃ ଅତ୍ୟଧିକ ଥଣ୍ଡା ଜଳବାୟୁ ବିଶିଷ୍ଟ ପାର୍ବତ୍ୟାଞ୍ଚଳରେ ରହୁଥିବା ଏହି ଆଦିବାସୀ ସମୁହ ଯିବା ଆସିବା ଓ ଘର ଜିନିଷ ବୋହିବା ପାଇଁ ବଲ୍‌ଗାହରିଣ ବ୍ୟବହାର କରନ୍ତି । ଏମାନେ ବିଦେଶୀ ଓ ପର୍ଯ୍ୟଟକଙ୍କ ସହ ବନ୍ଧୁତାପୂର୍ଣ୍ଣ ବ୍ୟବହାର କରନ୍ତି । ବର୍ତ୍ତମାନ ଏହି ସମୁଦାୟର ମାତ୍ର ୩ଶହ ବ୍ୟକ୍ତି ଜୀବିତ ଅଛନ୍ତି । ନୂଆ ପିଢ଼ିର ଡୁଖା ଆଦିବାସୀମାନେ ଆଧୁନିକ ସଭ୍ୟତାକୁ ଆପଣାଇବା ଆରମ୍ଭ କଲେଣି।

## ଏଲ୍ ମୋଲୋ, କେନିଆ

କେନିଆରେ ରହୁଥିବା ଏଲ୍ ମୋଲୋ ପ୍ରାଚୀନ ଆଦିବାସୀଙ୍କର ସବୁଠାରୁ କ୍ଷୁଦ୍ର ଗୋଷ୍ଠୀ ଏବଂ ଏହି ଗୋଷ୍ଠୀ ବିଲୁପ୍ତ ହେବାର ବିପଦ କ୍ରମଶଃ ଅଧିକରୁ ଅଧିକ ହେବାରେ ଲାଗିଛି । ଏହି ଗୋଷ୍ଠୀ ତୁରକାନା ହ୍ରଦ କୂଳରେ ରୁହନ୍ତି ଏବଂ ଏଥିରୁ ମିଳୁଥିବା ଖାଦ୍ୟ ଉପରେ ନିର୍ଭର କରନ୍ତି ।





ସେମାନଙ୍କର ମୁଖ୍ୟ ଜୀବିକା ମାଛଧରା ଏବଂ କୁମ୍ଭୀର ଶୀକାର। ଏମାନେ ଖ୍ରୀଷ୍ଟପୂର୍ବ ୧୦୦୦ ବେଳକୁ ଇଥିଓପିଆରୁ ଏହି ହ୍ରଦ ନିକଟକୁ ଚାଲି ଆସିଥିଲେ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଏହି ହ୍ରଦ ଦ୍ରୁତଗତିରେ ପ୍ରଦୂଷିତ ହେବାରେ ଲାଗିଛି ଏବଂ ଏହାର ଜଳସ୍ତର କ୍ରମଶଃ ହ୍ରାସ ପାଉଛି । ଫଳରେ ଏଥିରୁ ମିଳୁଥିବା ଖାଦ୍ୟ କମ୍ ହେବାରେ ଲାଗିଛି । ଏହି ଗୋଷ୍ଠୀର ଜନସଂଖ୍ୟା ମାତ୍ର ୨୦୦ । ହଇଜା ଓ ଖାଦ୍ୟାଭାବ ଏହି ଜନଜାତିର ମୁଖ୍ୟ ବିପଦ । ଏହି ଜନଜାତି ସେମାନଙ୍କ ମୃତ ପୂର୍ବଜଙ୍କ ପାଇଁ ସମାଧି ତିଆରି କରନ୍ତି। ୧୯୬୨ ମସିହାରେ ଏହି ଅଞ୍ଚଳରେ ହୋଇଥିବା ଏକ ପ୍ରନ୍ତାତ୍ତ୍ୱିକ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ସେମାନେ ଏ ମଧ୍ୟରେ ମୃତଦେହ ସଂରକ୍ଷଣ କରନ୍ତି। ଏହି କବରଗୁଡ଼ିକ ମୁଖ୍ୟତଃ ଝରଣା କିମ୍ବା ଅନ୍ୟ ଜଳସ୍ରୋତ ନିକଟରେ ହିଁ ରହିଥାଏ।

## କେହୁଇଲା, ଆମେରିକା

ଦକ୍ଷିଣ କାଲିଫର୍ଣ୍ଣିଆର କୋଚେଲା ଘାଟି ନିକଟରେ କେହୁଇଲା ଜନଜାତିର ଲୋକମାନେ ଗତ ତିନିହଜାର ବର୍ଷ ହେବ ରହୁଛନ୍ତି । ପ୍ରାଚୀନ କେହୁଇଲା ଜନଜାତିର ଲୋକଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି ଅସାଧାରଣ । ଏବେ ଏହି ଜନଜାତିର ଲୋକ ସଂଖ୍ୟା ମାତ୍ର ୩ହଜାର । ଏମାନେ ନିଜ ପାରମ୍ପରିକ ଭାଷା ଭୁଲିଗଲେଣି । ଗୋଷ୍ଠୀର ଖୁବ୍ କମ୍ ଲୋକହିଁ ପାରାମ୍ପରିକ ଭାଷା ବ୍ୟବହାର କରୁଛନ୍ତି । ଏମାନଙ୍କ ସଂସ୍କୃତିକୁ ଅକ୍ଷୁଣ୍ଣ ରଖିବା ପାଇଁ ସରକାର ସବୁପ୍ରକାର ଉଦ୍ୟମ କରୁଛନ୍ତି ।

## କାୟାପୋ, ବ୍ରାଜିଲ

ଜିଙ୍ଗୁର ନଦୀ କୂଳରେ ପ୍ରାୟ ୪୪ଟି ଭିନ୍ନ ଭିନ୍ନ ଗ୍ରାମରେ କାୟାପୋ ଆଦିବାସୀମାନେ ରୁହନ୍ତି । ଜିଙ୍ଗୁର ନଦୀ ଯୋଗୁ ସେମାନଙ୍କ ପିପୁଲ ଅଫ୍ ବିଗ୍ ୱାଟର କୁହାଯାଏ । ମାତ୍ର ଆଉ ଅଧିକ ଦିନ ସେମାନଙ୍କର ଏହି ପରିଚୟ ରହିବ ନାହିଁ । ସରକାର ଜିଙ୍ଗୁର ନଦୀ ଉପରେ ନଦୀବନ୍ଧ ନିର୍ମାଣ କରୁଛନ୍ତି । ଏହାଦ୍ୱାରା ସେମାନଙ୍କ ବସତି ପ୍ରତି ବିପଦ ସୃଷ୍ଟି ହେବ ।

## ପିରାହା, ବ୍ରାଜିଲ୍

ବ୍ରାଜିଲ୍‌ର ପିରାହା ଜନଜାତି, ଆଦିମ ଅଧିବାସୀମାନଙ୍କର ଏମିତି ଏକ ଗୋଷ୍ଠୀ ଯେଉଁମାନେ ଆଧୁନିକ ସଭ୍ୟତାର କୌଣସି ଜିନିଷକୁ ନିଜ ଜୀବନଶୈଳୀରେ ଆପଣାଇ ନାହାନ୍ତି । ଆମାଜନ୍ ଅବବାହିକାର ମୂଳ ବାସିନ୍ଦା ଏହି ଆଦିବାସୀମାନେ କେଇ ହଜାର ବର୍ଷ ହେବ ମୈକି ନଦୀ ତଟରେ ରହୁଛନ୍ତି । ଏମାନଙ୍କର ନିଜସ୍ୱ ଭାଷା ଅଛି । ଏହି ଭାଷାରେ ସଂଖ୍ୟା କିମ୍ବା ରଙ୍ଗ ନାହିଁ । ଏମାନେ ଏବେବି ଗୋଟିଏ ଜିନିଷ ବଦଳରେ ଅର୍ଥ ନ ଦେଇ ଅନ୍ୟ ଏକ ସାମଗ୍ରୀ ଦିଅନ୍ତି । ଅର୍ଥାତ୍ ଏବେବି ପଣ୍ୟ ବିନିମୟରେ ଏମାନେ କିଣାବିକା କରନ୍ତି । କେଇବର୍ଷ ପୂର୍ବେ ଖ୍ରୀଷ୍ଟିଆନ୍ ମିସନାରୀମାନେ ସେମାନଙ୍କ ଧର୍ମ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସଫଳ ହୋଇପାରିନଥିଲେ । ବର୍ତ୍ତମାନ ଏମାନଙ୍କ ସଂଖ୍ୟା ପ୍ରାୟ ୪୨୦ । ପିରାହା ଜନଜାତିର ଏକ ଉପଗୋଷ୍ଠୀ ଅଛି, ଯାହାକୁ ମୁରା କୁହାଯାଏ। ଏମାନେ ବ୍ରାଜିଲର ଆମାଜନ ପ୍ରଦେଶର ମାଇକି ନଦୀକୂଳରେ ବାସ କରନ୍ତି। ଏମାନେ ପିରାହା ଭାଷାରେ କଥାବାର୍ତ୍ତା କରନ୍ତି, ଏହି ଭାଷାରେ କୌଣସି ରଙ୍ଗ ଏବଂ ସଂଖ୍ୟା ପାଇଁ ଶବ୍ଦ ନାହିଁ। ସେମାନେ ନିଜ ନିଜ ମଧ୍ୟରେ ସବୁକିଛି ବାଣ୍ଟନ୍ତି। ପୀରାହାମାନେ ଜଙ୍ଗଲ ମଧ୍ୟରେ ଖୁବ୍ ସୁନ୍ଦର ଭାବରେ ବଞ୍ଚିପାରନ୍ତି। ନିଜ ଅଞ୍ଚଳର ପ୍ରତ୍ୟେକ ସ୍ଥାନ ଏବଂ ପ୍ରତ୍ୟେକ ଗଛକୁ ସେମାନେ ଭଲ ଭାବରେ ଚିହ୍ନନ୍ତି। ସେମାନେ ଜଙ୍ଗଲର ପଶୁମାନଙ୍କ ବ୍ୟବହାରକୁ ଭଲ ଭାବରେ ଜାଣନ୍ତି, ତେଣୁ ସେମାନେ କାହାକୁ ଧରିବାକୁ ହେବ ଏବଂ ଏହାକୁ ଏଡାଇ ଚଳିହେବ ବୁଝିପାରନ୍ତି। ସେମାନେ ବିନା ଅସ୍ତ୍ରଶସ୍ତ୍ର ନିର୍ଭିକ ଭାବରେ ଜଙ୍ଗଲ ମଧ୍ୟରେ ବାସ କରନ୍ତି

## ବଟକ୍, ଫିଲିପାଇନ୍ସ

ଫିଲିପାଇନ୍ସର ପାଲାଓ୍ୱଜ ଦ୍ୱୀପର ବାସିନ୍ଦା ହେଉଛନ୍ତି ବଟକ୍ ଜନଜାତି । ପ୍ରାୟ ୭୦ହଜାର ବର୍ଷ ପୂର୍ବେ ଏମାନେ ଆଫ୍ରିକା ଛାଡ଼ି ଫିଲିପାଇନ୍ସରେ ରହିବା ଆରମ୍ଭ କରିଥିଲେ । ଏମାନେ ଜଙ୍ଗଲରେ ରୁହନ୍ତି । କୃଷି ଓ ଶିକାର ଏମାନଙ୍କର ମୁଖ୍ୟ ଜୀବିକା । ଏ ସମୁହ ଖୁବ୍ ଛୋଟ, ଏହି ଆକାର ଦିନକୁ ଦିନ କମ୍ ହେବାରେ ଲାଗିଛି । ଏମାନେ କୁପୋଷଣ ଯୋଗୁ ଦିନକୁ ଦିନ ରୁଗ୍‌ଣ ହେଉଛନ୍ତି । ଜମି ଉପରେ ଅବୈଧ କବ୍‌ଜା ମଧ୍ୟ ବଟକ୍ ଆଦିବାସୀଙ୍କ ପାଇଁ ଅନ୍ୟତମ ମୁଖ୍ୟ ସମସ୍ୟା ପାଲଟିଛି । ଏହି ସମୁହ ବିଲୁପ୍ତ ହେବାର ଆଶଙ୍କା ଦେଖାଦେଇଥିବାରୁ ବର୍ତ୍ତମାନ ଫିଲିପାଇନ୍ସ ସରକାର ସେମାନଙ୍କୁ ସୁରକ୍ଷା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

ବଟକମାନେ ଫିଲିପାଇନ୍ସରେ ଥିବା ୭୦ଟି ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ଅନ୍ୟତମ। ଏମାନେ ଉତ୍ତର ପଲାଓ୍ୱାନର ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରନ୍ତି। ଏମାନଙ୍କର ଆକାର ଖୁବ୍ ଛୋଟ, ତ୍ୱଚାର ରଙ୍ଗ ଗାଢ଼ କଳା ଏବଂ କେଶ ଛୋଟ। ଏମାନେ ମୁଖ୍ୟତଃ ଶୀକାର, ପ୍ରକୃତିଜାତ ଉତ୍ପାଦ ସଂଗ୍ରହ, ମାଛ ଧରିବା ଏବଂ ଚାଷ ଉପରେ ନିର୍ଭର କରନ୍ତି। ତେବେ ଜଙ୍ଗଲ କାଟିବା ଏବଂ ସଂରକ୍ଷଣ ନୀତି କାରଣରୁ ଏମାନଙ୍କର ଜୀବିକା ବାଧାପ୍ରାପ୍ତ ହେଉଛି। ଏହି ଜନଜାତିକୁ ଟିନିଟିୟାନ୍ସ ବୋଲି କୁହାଯାଏ। ଏମାନଙ୍କର କେନ୍ଦ୍ରୀୟ ଲୁଜୋନରେ ଥିବା ଅନ୍ୟ ଏକ ନେଗ୍ରିଟୋ ଜନଜାତି ଆୟଟାମାନଙ୍କ ସହ ଅନେକ ସଦୃଶ୍ୟ ରହିଛି ବୋଲି ନୃତତ୍ତ୍ୱମାନଙ୍କ ମତ। ବର୍ତ୍ତମାନ ଏହି ସମୂହ ମଧ୍ୟରେ ଆନ୍ତଃସମୂହ ବିବାହ ଧାରା ମଧ୍ୟ ସୃଷ୍ଟି ହେଲାଣି। ଫଳରେ ସେମାନଙ୍କର ମୂଳ ଜିନ୍‌ରେ ପରିବର୍ତ୍ତନ ସୃଷ୍ଟି ହୋଇଛି।

## ନେନେଟ, ରୁଷିଆ

ନେନେଟମାନେ ଉତ୍ତର



ସାଇବେରିଆର ସର୍ବବୃହତ୍ ଆଦିବାସୀ ସମୂହ। ସେମାନେ ଅର୍ଦ୍ଧ ଯାଯାବର ଜୀବନଶୈଳୀ ଅନୁସରଣ କରନ୍ତି ଏବଂ ବଲଗା ହରିଣ ସହ ରୁହନ୍ତି। ସେମାନେ ମୁଖ୍ୟତଃ ବଲଗା ହରିଣ ପ୍ରଜନନ ଏବଂ ପାଳନରେ ଲିପ୍ତ ରୁହନ୍ତି। ବଲଗା ହରିଣ ମାଂସ, ସଦ୍ୟ କଟାଯାଇଥିବା ବଲଗା ହରିଣର ରକ୍ତ, ମାଛ ସେମାନଙ୍କର ଭୋଜନର ଏକ ମୁଖ୍ୟ ଅଂଶ। ବର୍ତ୍ତମାନ ଏହି ଗୋଷ୍ଠୀ ସେମାନଙ୍କ ପ୍ରାକୃତିକ ସମ୍ପଦ ଦୋହନ, ଜଳବାୟୁ ପରିବର୍ତ୍ତନ ଏବଂ ଦୁର୍ବଳ ସ୍ୱାସ୍ଥ୍ୟସେବା କାରଣରୁ ବିଲୁପ୍ତ ହେବାକୁ ଯାଉଛନ୍ତି। ନେନେଟ ସମୂହର ଲୋକମାନେ ତୁନ୍ଦ୍ରା ଅଞ୍ଚଳର ଭଙ୍ଗୁର ଜୈବ ସଂସ୍ଥାନ ସହ ଶହ ଶହ ବର୍ଷ ଧରି ବାସ କରିଆସୁଛନ୍ତି। ସେମାନଙ୍କ ସମୂହକୁ ସୁରକ୍ଷା ଦେବା ପାଇଁ ଋଷ ସରକାର ସେମାନଙ୍କର ସହମତି ବିନା ସେମାନଙ୍କ ଅଞ୍ଚଳରେ କୌଣସି ବିକାଶ କାର୍ଯ୍ୟ ନ କରାଯିବା ପାଇଁ ଆଇନ ପ୍ରଣୟନ କରିଛନ୍ତି ଏବଂ କୌଣସି କାରଣରୁ ସେମାନଙ୍କର ଜୀବିକା ଓ ବାସସ୍ଥାନ ପ୍ରତି ସୃଷ୍ଟି ହେଲେ ସରକାର ଏହାର ପ୍ରତିରୂପ ସୃଷ୍ଟି କରିବା ଏବଂ ସେମାନଙ୍କୁ ଥଇଥାନ କରିବା ନେଇ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।

## ମାଓରୀ , ନ୍ୟୁଜଲାଣ୍ଡ

ମାଓରୀମାନେ ସେମାନଙ୍କର ସମୃଦ୍ଧ ସଂସ୍କୃତି, ଅନନ୍ୟ କିମ୍ବଦନ୍ତୀ, ଭିନ୍ନ ଭାସ୍କର୍ଯ୍ୟ ଏବଂ ନୃତ୍ୟକଳା କାପାହାକା କାରଣରୁ ଜଣାଶୁଣା। ଏମାନେ ପର୍ଯ୍ୟଟକ ସହଯୋଗୀ, ପର୍ଯ୍ୟଟକମାନେ ଏହି ଅନନ୍ୟ ମାଓରୀ ସଂସ୍କୃତି ଏବଂ ପରମ୍ପରା ସମ୍ପର୍କରେ ଆୟୋଜିତ ଗସ୍ତ ଦ୍ୱାରା ଜାଣିପାରିବେ। ବର୍ତ୍ତମାନ ମାଓରୀ ଜନଜାତି ସାରା ନ୍ୟୁଜିଲାଣ୍ଡରେ ବାସ କରୁଛନ୍ତି। ସେମାନେ ଅନ୍ୟ ଜନଜାତି ଏବଂ ସାଧାରଣ ଲୋକଙ୍କ ସହ ବୈବାହିକ ସମ୍ପର୍କ ମଧ୍ୟ ସ୍ଥାପନ କରିବା କାରଣରୁ ସେମାନଙ୍କର ମୂଳ ଜନଜାତି ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଆଜି ମଧ୍ୟ ଅନେକ ମାଓରୀ ଗୋଷ୍ଠୀ ନିଜ ନିଜର ସଂସ୍କୃତି, ଭାଷା ଓ ଧାର୍ମିକ ବିଶ୍ୱାସକୁ ଅକ୍ଷୁର୍ଣ୍ଣ ରଖିଛନ୍ତି।

## ରାବାଡ଼ି, ଭାରତ

ଏହି ଜନଜାତି ଦେଶାୟୀ, ରାୟବରି ଦେଓ୍ୱାସୀ, ହୀରାବଂଶୀ, ରେବାରି ଏବଂ ମାଲଧାରୀ ଭାବରେ ମଧ୍ୟ ଜଣାଶୁଣା। ଏହି ଜନଜାତି ମୁଖ୍ୟତଃ ଗୁଜରାଟ, ରାଜସ୍ଥାନ ଏବଂ ପଞ୍ଜାବରେ ବାସ କରନ୍ତି। ଏମାନେ ଯାଯାବର, ଖୋଲା ଆକାଶ ତଳେ କିମ୍ବା ଛୋଟ ଛୋଟ ତମ୍ବୁ ଓ କୁଡ଼ିଆରେ ବାସ କରନ୍ତି। ସେମାନେ ଗାଈ ଗୋରୁ, ଛେଳି, ମେଣ୍ଢା ଓ ଓଟ ପାଳନ କରନ୍ତି। ରାବିଡି ମହିଳାମାନେ ସେମାନଙ୍କର ଏମ୍ବ୍ରୋଡରି କୁଶଳତା ପାଇଁ ସାରା ଭାରତରେ ଜଣାଶୁଣା। ସେମାନେ ଖୁବ୍ ସୁନ୍ଦର ଭାବରେ ଚାଦର, କମ୍ବଳ, ରେଜେଇ, ବ୍ୟାଗ, ଓଢ଼ଣୀ ଆଦି ଏମ୍ବ୍ରୋଡୋରି କରନ୍ତି ଏବଂ ବର୍ତ୍ତମାନ ଏହା ସେମାନଙ୍କ ପାଇଁ ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିଛି। ତଥାପି ଶିକ୍ଷାର ଅଭାବ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତାର ଅଭାବ କାରଣରୁ ଏହି ଜନଜାତି କ୍ରମଶଃ ବିଲୁପ୍ତ ହେବାରେ ଲାଗିଛି। ପ୍ରାୟ ହଜାର ହଜାର ବର୍ଷ ଧରି ରାବାଡିମାନେ ପଶ୍ଚିମ ଭାରତର ମରୁଭୂମି ଏବଂ ସମତଳ ଅଞ୍ଚଳରେ ଘୁରି ବୁଲୁଛନ୍ତି। ବିଶ୍ୱାସ କରାଯାଏ, ଏକ ସହସ୍ର ବର୍ଷରୁ ଅଧିକ ବର୍ଷ ପୂର୍ବେ ଏମାନେ ଇରାନୀୟ ମାଳଭୂମି ଅଞ୍ଚଳରୁ ଭାରତକୁ ଚାଲି ଆସିଥିଲେ। ସେମାନଙ୍କର ପର୍ସିୟ, ଶାରୀରିକ ସରଞ୍ଚନା ମଧ୍ୟ ଏହା ପ୍ରମାଣିତ କରିଥାଏ।







# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩୧ ଜାନୁଆରୀ ୨୦୨୬ । ଶନିବାର

## ସ୍କୁଲ ପିଲାମାନଙ୍କ ପାଇଁ 'ଅପୂର୍ବା'ର ପ୍ରତିଯୋଗିତା



**ଭୁବନେଶ୍ୱର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର କେ-୮ ମହିଳା ସଂଗଠନ 'ଅପୂର୍ବା'ର ସଦସ୍ୟମାନେ ଗତ ଜାନୁଆରୀ ୧୮ ତାରିଖରେ ବିଭିନ୍ନ ସ୍କୁଲ ପିଲାମାନଙ୍କୁ ନେଇ ସ୍ଥାନୀୟ କମ୍ୟୁନିଟି ହଲରେ ପ୍ରତିଯୋଗିତାର ଆୟୋଜନ କରିଥିଲେ । ଏଥିରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଚାରୋଟି ବିଭାଗରେ ବିଭାଜନ କରି ଚିତ୍ରାଙ୍କନ, ରଚନା, ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ ଏକଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ଆସି ଶାନ୍ତି ଶୃଙ୍ଖଳାର ସହ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ 'ଅପୂର୍ବା'ର ସଭାନେତ୍ରୀ ଶର୍ମିଳା ପଣ୍ଡା, ସାଧାରଣ ସମ୍ପାଦିକା ମମତା ଲେଙ୍କା, କୋଷାଧ୍ୟକ୍ଷା କବିତା ମହାନ୍ତି, ସାଂସ୍କୃତିକ ସମ୍ପାଦିକା ଚପଳା ବହିଦାର, ସହସମ୍ପାଦକ ପ୍ରଦୋଷ କୁମାର ମହାପାତ୍ର ଓ ଅନ୍ୟାନ୍ୟ ସମସ୍ତ ସଦସ୍ୟାମାନେ ସୂଚାରୂପେ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡାରେ ହିନ୍ଦୁ ସମ୍ମିଳନୀ

**କେନ୍ଦ୍ରାପଡ଼ା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଅବସରରେ କେନ୍ଦ୍ରାପଡ଼ାର ନିଳିକଣା ସ୍ଥିତ ଚେମା ଦାସ ମଠ ପଡିଆରେ ତିନି ଦିନ ଧରି ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଏକ ଭବ୍ୟ ହିନ୍ଦୁ ସମ୍ମିଳନୀ ଓ ଭାରତ ମାତାଙ୍କ ପୂଜାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରମ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଜୀଙ୍କ କରକମଳରେ ସୋମବାର ଉଦଘାଟନ ହୋଇ ବୁଧବାର ଅଖିଳ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁଙ୍କ ଦ୍ୱାରା ସମାରୋପ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଓଡ଼ିଶା ପ୍ରାନ୍ତର ମହାନ ସାଧୁସନ୍ଥମାନଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବହୁ ବରିଷ୍ଠ ନେତୃମଣ୍ଡଳୀ ମୁଖ୍ୟଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶତବାର୍ଷିକ ଅବସରରେ ସମ୍ମିଳନୀରେ ଉପସ୍ଥିତ ଥିବା ଶତାଧିକ ଜନ ସମାବେଶକୁ ନିଜର ଦିବ୍ୟ ବାଣୀ ପ୍ରଦାନ କରିଥିଲେ । ଏଥିସହିତ ଭାରତ ରାଷ୍ଟ୍ର ତଥା ହିନ୍ଦୁ ସମାଜର ଅଭ୍ୟୁତ୍ଥାନ ନିମିତ୍ତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଞ୍ଚ ପରିବର୍ତ୍ତନ ସାମାଜିକ ସମରସତା, ପରିବାର ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱଭାବ ଓ ନାଗରିକ କର୍ତ୍ତବ୍ୟକୁ ନିଶ୍ଚିନ୍ତ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟରେ ଦୃଢୋକ୍ତି ପ୍ରକାଶ କରି ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ରାଷ୍ଟ୍ର ସେବକ, ଗୋମାତା ସେବକ, ପରିବେଶବିତ୍ ଓ ହିନ୍ଦୁ ସମାଜରେ ସୁରକ୍ଷା ନିମିତ୍ତ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ସମଗ୍ର ହିନ୍ଦୁ ସମାଜ ଦ୍ୱାରା ନିର୍ମିତ ହୋଇଥିବା ଭାରତ ମାତାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି, ଦେଶ ପ୍ରେମ ବିଷୟ ବସ୍ତୁ ଆଧାରିତ କେଳିକୁଞ୍ଜ ଓ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ବାର୍ତ୍ତା । ଏହି ସମ୍ମିଳନୀରେ ଉପସ୍ଥିତ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପ୍ରାନ୍ତ ଧର୍ମ ଜାଗରଣ ମାର୍ଗ ଦର୍ଶକ ମଣ୍ଡଳୀ ସଦସ୍ୟ ତ୍ରୈଲୋକ୍ୟଶ୍ୱର ଭାରତୀ ମହାରାଜ, ସ୍ୱାଧୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସିଦ୍ଧ ଗିରି ଆଶ୍ରମର ମହନ୍ତ ବିଶ୍ୱନାଥ ଦାସ ମହାରାଜ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଆଲୋକ କୁମାର ଖଟୁଆ, ରାମ ଚରିତ ମାନସ ବିଶାରଦ ହୃଷୀକେଶ ରଥ, ଜଗନ୍ନାଥ ସଂସ୍କୃତି ଗବେଷକ ସରଣାରବିନ୍ଦ ଓଝା, ପ୍ରବଚିକା କଞ୍ଚନା ତ୍ରିପାଠୀ, ପ୍ରାନ୍ତ ଧର୍ମ ଜାଗରଣ ସହ ସଂସ୍କୃତି ପ୍ରମୁଖ ଶରତ ମହାପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ, ଜିଲ୍ଲା ପ୍ରଚାରକ ପ୍ରସଞ୍ଜିତ୍ ଦାସ, ପାତଞ୍ଜଳୀ ଯୋଗ ସମିତିର ଯୋଗପ୍ରଶିକ୍ଷକ ବିଭୁତିଭୂଷଣ ଦାସ ପ୍ରମୁଖ ଥିଲେ । ଏହି କାର୍ଯ୍ୟକ୍ରମର ଉଦଯାପନୀ ସଭାରେ ଉପସ୍ଥିତ ଅତିଥିବୃନ୍ଦ ସମଗ୍ର ହିନ୍ଦୁ ସମାଜର ସଭାପତି ପ୍ରସନ୍ନ ହୋତା, ଉପ ସଭାପତି ଖଗେଶ୍ୱର ଲେଙ୍କା, କୋଷାଧ୍ୟକ୍ଷ ଶଶାଙ୍କ କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରି ଏହି କାର୍ଯ୍ୟକ୍ରମର ସମାରୋପ କରାଯାଇଥିଲା ।

## ମା'ତାରିଣୀଙ୍କ ବିଗ୍ରହ ପ୍ରତିଷ୍ଠା

**କେନ୍ଦ୍ରାପଡ଼ା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମର ତଳସାହିରେ ଜଗଜ୍ଜନନୀ ମା'ତାରିଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଘୃତ ଯଜ୍ଞ, ନାମଯଜ୍ଞ, ଅନ୍ନ ଯଜ୍ଞ, ଭଜନ ଓ ଆଧାତ୍ମିକ ନୃତ୍ୟ ସମାରୋହ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ସିଦ୍ଧ ମହାପୁରୁଷଙ୍କ ପୁଷ୍କରିଣୀରୁ ଦିବ୍ୟ କଳସୀରେ ଅଭିମନ୍ତ୍ରିତ ଜଳ ଭରି ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ କଳସୀ ଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ସ୍ଥଳରେ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇଥିଲା । ଦୁଇ ଦିନ ଧରି ଚାଲିଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ମା'ତାରିଣୀଙ୍କ ଦର୍ଶନ କରି ମନ ନୟନ ପବିତ୍ର କରିଥିଲେ । ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ମା'ଭାକେଶ୍ୱରୀ ଭଜନ ସନ୍ଧ୍ୟାର କଳାକାରମାନେ ଭଜନ ପରିବେଷଣ କରିଥିଲେ । ବିଗ୍ରହ ପ୍ରତିଷ୍ଠା ଦିବସରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀ ଆନୁକୂଲ୍ୟରେ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ସଫଳ ସଂଯୋଜନାରେ ଭଜନ ଏବଂ ଆଧାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମା'ତାରିଣୀ ୟୁଥ୍ କ୍ଲବର ସଦସ୍ୟ ସଦସ୍ୟାମାନେ ସଞ୍ଚାଳନ କରିଥିଲେ । ପଣ୍ଡିତ କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟଙ୍କ ନେତୃତ୍ୱରେ ସାତଜଣ ପୁରୋଧା ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବାରୁଅ ଗ୍ରାମବାସୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଦୁଇ ଦିନ ଧରି ବାରୁଅ ଗ୍ରାମ ଉତ୍ସବ ମୁଖରିତ ହେବା ସହିତ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

## ଆଶ୍ରମରେ 'ଶକ୍ତି ରୂପେଣ ସଂସ୍ଥିତା'

**କେନ୍ଦ୍ରାପଡ଼ା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ମହିଳାମାନଙ୍କ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ 'ଶକ୍ତି ରୂପେଣ ସଂସ୍ଥିତା' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରି ଅଶୀର୍ବଚନ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଏସ.ଲକ୍ଷ୍ମୀ ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବର୍ତ୍ତମାନ ମନୁଷ୍ୟ ଭୋଗବିଳାଷରେ ବୁଡିରହି ଜୀବନର ପ୍ରକୃତ ମୂଲ୍ୟବୋଧକୁ ଭୁଲିଯାଇଛି । ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମନୁଷ୍ୟ କେଉଁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ରଖି ଧରାପୃଷ୍ଠକୁ ଆସିଛି ତାହା ହୃଦୟଙ୍ଗମ କରିପାରିବ । ଫଳରେ ମନୁଷ୍ୟ ମୁକ୍ତିପଥର ପଥିକ ହୋଇପାରିବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଗୁଲନଗର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗୀତା, ଭାଗବତ ଓ ଲକ୍ଷ୍ମୀପୁରାଣ ଉପରେ ଉପସ୍ଥିତ ଶତାଧିକ ମା'ମାନଙ୍କ ମଧ୍ୟରେ ଆଧାତ୍ମିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାକୁ ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ସଂଯୋଜନା କରିଥିଲେ । ଏଥିସହିତ କଲ୍ୟାଣକାରୀ ବିଷ୍ଣୁ ମହାଯଜ୍ଞ ଅବସରରେ ଆଶ୍ରମ ପକ୍ଷରୁ ଶ୍ରୀବଳଦେବଜୀଉଙ୍କ ସେବାୟତମାନଙ୍କୁ ଭବ୍ୟ ସେବାପୂଜନ କରାଯାଇଥିଲା । ଶେଷରେ ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ରିତାଞ୍ଜଳୀ ନାଥ, ଶ୍ରୀଧର ରାଉତ, ପୁନମ ନାୟକ, ଦେବେନ୍ଦ୍ର ସାମନ୍ତ, ପ୍ରମୋଦ ଦାସ, ନିରଞ୍ଜନ ରାଉତଙ୍କ ସମେତ କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଶତାଧିକ ସଂଖ୍ୟାରେ ମା'ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ହାତରେ ବନ୍ଧୁକ

**ନୀଳଗିରି,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ନିକଟରୁ ଜବତ ହୋଇଛି ବନ୍ଧୁକ । ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା । ପୋଲିସକୁ ଚାରି ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ । ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଅନ୍ତର୍ଗତ ଶ୍ରୀଜଙ୍ଗ ପଞ୍ଚାୟତରେ ଥିବା ଦାସ ମହାପାତ୍ର ବାଞ୍ଛାନିଧି ବିଦ୍ୟାଳୟର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ।

ଜଣେ ଅଷ୍ଟମ ଶ୍ରେଣୀ ନାବାଳକ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି । ଖବର ପାଇ ବିଦ୍ୟାଳୟରେ ଖନ୍ତାପଡା ପୋଲିସ ଏଏସଆଇ ସାଦା ପୋଷାକରେ ପହଞ୍ଚି ବନ୍ଧୁକ ଜବତ ସହିତ ନାବାଳକକୁ ଥାନାକୁ ଆଣିବା ବେଳେ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଦ୍ୱାରା ଦୀର୍ଘ ସମୟ ବିରୋଧର ଶିକାର ହେବାକୁ ପଡିଛି । ଅନ୍ୟପଟେ ଖନ୍ତାପଡା ଥାନା ଏସଆଇ ବିକ୍ରମ ମହାପାତ୍ର ପହଞ୍ଚି ଅଞ୍ଚଳବାସୀଙ୍କୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ନାବାଳକ ପିଲାର ପରିବାର ଖନ୍ତାପଡା ପୋଲିସକୁ ଲିଖିତ ପ୍ରତିଶ୍ରୁତି ପରେ ପିଲାଟିକୁ ପରିବାର ଲୋକଙ୍କ ହେପାଜତରେ ଛାଡିଥିବା ଜଣାପଡିଛି । ଜବତ ହୋଇଥିବା ବନ୍ଧୁକ ଅସଲି କି ନକଲି ଏହା ଫରେନସିକ ଯାଞ୍ଚ ପରେ ଜଣା ପଡିବ ବୋଲି ଖନ୍ତାପଡା ପୋଲିସ ସୂଚନା ଦେଇଛି । ତେବେ ବିଦ୍ୟାଳୟରେ ବନ୍ଧୁକ ବାହାରିବା ନେଇ ଛାତ୍ରଛାତ୍ରୀଙ୍କ ମହଲରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ତେବେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରିରଖିଛି ।

## ନୟାଗଡରେ କଳାବାଘ !

**ନୟାଗଡ,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର । ରାଜ୍ୟରେ ବଢ଼ିଛି କଳାବାଘ ସଂଖ୍ୟା । ବିଶେଷ କରି ନୟାଗଡ ବନବିଭାଗ ପାଇଁ ଆସିଛି ଖୁସି ଖବର । ଜିଲ୍ଲାର ଜଙ୍ଗଲରେ କଳାବାଘଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଅନୁମାନ କରିଛି ବନବିଭାଗ । ବାଘଗଣନା ଶେଷ ହୋଇନଥିଲେ ମଧ୍ୟ ଟ୍ରାପ୍ କ୍ୟାମେରା ଭିଜୁଆଲ୍‌କୁ ଭିତ୍ତି କରି ଏବେ ପାଖାପାଖି ୭ଟି କଳାବାଘ ରହିଥିବା ଅନୁମାନ କରାଯାଉଥିବା ଡିଏଫଓ କହିଛନ୍ତି ।

ସେହିପରି ବନ୍ୟଜନ୍ତୁଙ୍କ ବଂଶ ବୃଦ୍ଧି ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ସନ୍ତୁଳନ ପାଇଁ ବନବିଭାଗ ପକ୍ଷରୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ସଲ୍ଟ ଲେକ୍ କରାଯାଇଛି ଯାହାକୁ ଖାଇବା ପାଇଁ ସମସ୍ତ ପ୍ରକାରର ବନ୍ୟଜନ୍ତୁ ଆସୁଥିବା ଡିଏଫଓ କହିଛନ୍ତି । ଏହାର ଟ୍ରାପ୍ କ୍ୟାମେରା ଭିଜୁଆଲ ମଧ୍ୟ ଆସିଛି । ଜିଲ୍ଲାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନବିଭାଗ ସମ୍ପୂର୍ଣ୍ଣ ସଜାଗ ଥିବା ଡିଏଫଓ କହିଛନ୍ତି ।

## ଗୁଳିକାଣ୍ଡରେ ଯୁବକଙ୍କ ଆଖି ନଷ୍ଟ

**ଭୁବନ,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନ ଥାନା ଅନ୍ତର୍ଗତ ବାରୁଆଁରେ ଗୁରୁବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ଆଖି ନଷ୍ଟ ହୋଇଥିବା ଜଣାପଡିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ବାରୁଆଁ (ବି) ଗ୍ରାମର ପଞ୍ଚାନନ ରାଉତ (୪୫) କଂସରଗୋଡା ଗ୍ରାମ ଟିଣ କଲୋନୀର ମହେଶ୍ୱର ଦେହୁରୀଙ୍କ ପୁଅ ନଣ୍ଡା ଦେହୁରୀଙ୍କ ଠାରୁ ଧାନ ଆଣିବା ପାଇଁ ୩ ହଜାର ଟଙ୍କା ଦେଇଥିଲେ । ଧାନ ଦେବା ବଦଳରେ ବାରମ୍ବାର ଦିନ ଗଡ଼ାଇ ଠକିବାରୁ ସନ୍ଧ୍ୟାରେ ପଞ୍ଚାନନ ଟିଣ କଲୋନୀର ନଣ୍ଡା ଦେହୁରୀଙ୍କ ଘରକୁ ଯାଇ ତାଙ୍କୁ ପଇସା ମାଗିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ନଣ୍ଡା ଗାଳି ଗୁଲଜ କରିବା ସହ ଏକ ଛୋଟ ବନ୍ଧୁକ ଆଣି ପଞ୍ଚାନନକୁ ଗୁଳି କରିଥିଲେ । ଗୁଳିଟି ପଞ୍ଚାନନଙ୍କ ଡାହାଣ ଆଖିରେ ବାଜିଥିଲା । ଗୁରୁତର ଆହତ ପଞ୍ଚାନନଙ୍କୁ ପ୍ରଥମେ ଭୁବନ ଓ ପରେ ଭୁବନେଶ୍ୱର ସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ପଞ୍ଚାନନଙ୍କ ଭାଉଜ କବିତା ରାଉତ ଘଟଣା ସଂପର୍କରେ ଶୁକ୍ରବାର ସକାଳେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେଶ ନଂ ୭୦/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ସରକାରୀ ଜମି ଜବରଦଖଲ ପ୍ରସଙ୍ଗ

## ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲେ ଗ୍ରାମବାସୀ

**ଝାରସୁଗୁଡ଼ା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ବ୍ଲକ ଶ୍ରୀପୁରା ଗ୍ରାମରେ ଲୋକଙ୍କ ଦ୍ୱାରା ସରକାରୀ ଜଙ୍ଗଲ ଜମିରେ 'ଏକ ପେଡ୍ ମା' କେ ନାମ୍' ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ ହୋଇଥିବା ବେଳେ ଗଛଗୁଡ଼ିକର ସୁରକ୍ଷା ପାଇଁ ବାରିକେଡ୍ ଦେଇଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ଦ୍ୱାରା ଉକ୍ତ ବ୍ୟାରିକେଡ୍ ଭାଙ୍ଗି ଦିଆଯିବା ଦ୍ୱାରା ଏପସିଲନ କାର୍ବନ୍ କମ୍ପାନି ଉକ୍ତ ଜମିକୁ ଏବେ ଭାରୀଯାନଗୁଡ଼ିକ ପାଇଁ ପାର୍କିଂ ୟାର୍ଡ ଭାବେ ବ୍ୟବହାର କରୁଛି । ସେପଟେ, ଏହି ଘଟଣା ନେଇଗ୍ରାମବାସୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀ ଶୁକ୍ରବାର ମହାମହିମ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିସନଙ୍କୁ ପତ୍ର ଲେଖି ସ୍ୱତନ୍ତ୍ର କମିଟି ଗଠନ ସହ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।

ଅଭିଯୋଗ ଅନୁସାରେ, ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ ୧ ହଜାର ଚାରାରୋପଣ କରିଥିଲେ । କିନ୍ତୁ କମ୍ପାନି ଉକ୍ତ ରାସ୍ତାଦେଇ ଭାରୀଯାନ ଚଳାଚଳ କରିବାକୁ ଉଦ୍ୟମ ଆରମ୍ଭକରି ଫେଲ୍ ମାରିଥିଲା । ଫଳରେ ଗତ ଅକ୍ଟୋବର ପ୍ରଥମ ସପ୍ତାହରେ ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛର ସୁରକ୍ଷା ପାଇଁ ଲଗାଯାଇଥିବା ବାଡ଼ ଉପାଡ଼ି ଫିଙ୍ଗି ଦେଇଥିଲେ । ଏନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ ଜିଲ୍ଲାପାଳ ହେଁ ଉକ୍ତ ଘଟଣାର ତଦନ୍ତ ପାଇଁ ତହସିଲଦାର ଓ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେମାନେ ଠିକ୍‌ରେ ତଦନ୍ତ ନକରିବାରୁ କମ୍ପାନି ଉକ୍ତ ଜମିକୁ ଏବେ ନିଜର ପାର୍କିଂ ୟାର୍ଡ ଭାବେ ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଘଟଣାସ୍ଥଳରେ ଯେତିକି ଗଛ ଲାଗିଥିଲା ସେଥିରୁ ଅନେକ ଗଛ ଭାରୀଯାନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବଳକା ଗଛଗୁଡ଼ିକୁ ବି ସୁରକ୍ଷା ମିଳିପାରୁନି । ଏହାପରେ ଗତ ୧୫ ତାରିଖରେ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା କରାଯାଇ ଗଛଗୁଡ଼ିକର ସୁରକ୍ଷା ନିଜେ ଗ୍ରାମବାସୀ କରିବେ ବୋଲି ନିଷ୍ପତ୍ତି ହୋଇଛି । ଏନେଇ ଗ୍ରାମବାସୀ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ୍‌ର ଦ୍ୱାରସ୍ଥ ବି ହୋଇଛନ୍ତି ।

## ବ୍ଲକସ୍ତରୀୟ ସାମୁହିକ ପୁରସ୍କାର ବିତରଣ

**ପୋଲସରା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କନଫରେନ୍ସ ହଲରେ ବୁଧବାର ବ୍ଲକସ୍ତରୀୟ ସାମୁହିକ ପୁରସ୍କାର ବଣ୍ଟନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଷ୍ଟ୍ର ଗୀତ ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ପାଳନ ଅବସରରେ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପୋଲସରା ବ୍ଲକର ୩୩ଟି ହାଇସ୍କୁଲରେ ସଂଗୀତ, ବକ୍ତୃତା ଓ ପ୍ରବନ୍ଧ ଲିଖନକୁ ନେଇ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରମୁଖ ୩ଟି ବିଭାଗରୁ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା । ୩୩ଟି ହାଇସ୍କୁଲର ୯୯ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଡ଼ିଓ ଶଶିଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କିଛି ଜ୍ଞାନ ପ୍ରଦାନ ଅବସରରେ କହିଥିଲେ କି ବାପା ମାଆଙ୍କୁ ଭଲ ପାଅ, ସେବା କର, ତୁମର ଭବିଷ୍ୟତ ଉଜ୍ଜ୍ୱଳ ହେବ । ଶିକ୍ଷାର ମୂଳମନ୍ତ୍ର ହେଉଛି ଶୃଙ୍ଖଳା । କଠିନ ପରିଶ୍ରମ ହିଁ ତୁମକୁ ଶୀର୍ଷରେ ପହଞ୍ଚାଇବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏବିଓ, ସୁବାସିନୀ ତ୍ରିପାଠୀ, ବଳରାମ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିବା ବେଳେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୋପାଳ କୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସହଯୋଗ କରିଥିଲେ । ଏଥିରେ ସହିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଶିଶୁ କନ୍ୟାକୁ ଅସଦାଚରଣ କରି ଯୁବକ ଗିରଫ

**ଧର୍ମଶାଳା,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ସାତ ବର୍ଷର ଶିଶୁକନ୍ୟାକୁ ପଡୋଶୀ ଘରର ଜଣେ ଯୁବକ ଏକୁଟିଆ ଦେଖି ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଜଣେ ଯୁବକ ସନ୍ଧ୍ୟାରେ ପଡୋଶୀ ଘରେ ଏକୁଟିଆ ଥିବା ୭ ବର୍ଷର ଶିଶୁ କନ୍ୟା ସହିତ ଅସଦାଚରଣ କରିଥିଲା । ଏନେଇ ଘଟଣା ସମ୍ପର୍କରେ ଶିଶୁ କନ୍ୟା ଜଣକ ତାର ମା'କୁ ଜଣାଇବା ପରେ ପରିବାର ଲୋକେ ସକାଳେ ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୋଲିସ ୩୦/୨୬ରେ ଏକ ମାମଲା ରୁଜୁ କରି ଏହି ଥାନା ଚହଟା ଗ୍ରାମର ମୀନ ସେଠୀଙ୍କ ପୁଅ ସିପୁ (୨୫)କୁ ଉଠାଇ ଆଣି ଥାନାରେ ପଚରାଉଚରା କରିବା ପରେ ତାକୁ ଗିରଫ କରିବା ସହ ତାର ଡାକ୍ତରୀ ମାଇନା କରାଇଛି । ଅଭିଯୁକ୍ତ ସିପୁକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ନାବାଳିକାକୁ ନେଇ ଯୁବକ ଗାଏବ

**ବଲାଂଗିର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ସହର ଭିତରେ ହଇଚଇ । ମିଳିଲା ନିଖୋଜ ଯୁବକଙ୍କୁ ଚପଲ । ହତ୍ୟା ଅଭିଯୋଗ କଲେ ପରିବାର ଲୋକେ । ଏପରି ଏକ ଘଟଣା ଘଟିଛି ବଲାଙ୍ଗୀର ଲକ୍ଷ୍ମୀଜୋର ଥାନା ଆରଆର କଲୋନୀରେ । ଗତ ଶନିବାର ସ୍ଥାନୀୟ ଆଇଟିଆଇ କଲୋନୀର ଆକାଶ ବାଗ ଆରଆର କଲୋନୀ ଜଗନ୍ନାଥ ମନ୍ଦିର ପଛପଟେ ଜଣେ ନାବାଳିକା ସହ କଥାବାର୍ତ୍ତା କରୁଥିଲେ । ନାବାଳିକାଙ୍କ ବାପା ରାସ୍ତାରେ ଆସୁଥିବା ସମୟରେ ଦୁଇ ଜଣଙ୍କୁ ଦେଖିବାକୁ ପାଇଥିଲେ । ପରେ ଯୁବକ ଓ ନାବାଳିକା ଦୌଡ଼ି ପଳେଇଥିବା ସଦର ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳ କହିଛନ୍ତି । ସେବେଠାରୁ ନାବାଳିକା ଓ ଆକାଶ ନିଖୋଜ ଅଛନ୍ତି । ଉଭୟ ପରିବାର ଥାନାରେ ରିପୋର୍ଟ କରିଛନ୍ତି । ନାବାଳିକାଙ୍କ ପରିବାର ପକ୍ଷରୁ ଅପହରଣ ଅଭିଯୋଗ ଥାନାରେ ଦାଖଲ କରିଛନ୍ତି । ଅନ୍ୟପଟେ ଯୁବକଙ୍କ ପରିବାର ଲୋକେ ଆକାଶଙ୍କ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି । କିନ୍ତୁ ସୋମବାର ରାତିରେ ଜଗନ୍ନାଥ ମନ୍ଦିର ପଛପଟୁ ଆକାଶଙ୍କ ଦୁଇଟି ଚପଲ ଠାବ ହୋଇଛି । ଏହା ସହିତ ଆକାଶଙ୍କ ମୋବାଇଲ ମଧ୍ୟ ମିଳିଥିବା ଜଣାପଡିଛି । ଯାହା ଫଳରେ ନାବାଳିକାଙ୍କ ଘର ଲୋକେ ଆକାଶକୁ ହତ୍ୟା କରିଥିବା ସନ୍ଦେହ କରୁଛନ୍ତି ଯୁବକଙ୍କ ପରିବାର ଲୋକେ । ଏ ନେଇ ବଲାଙ୍ଗୀର ସଦରଥାନା ଓ ଲକ୍ଷ୍ମୀଜୋର ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ଡ.କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ମୃତିଚାରଣ



**ଭୁବନେଶ୍ୱର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଚୀନ ଓଡ଼ିଶା ଇତିହାସର ଅନେକ ଅନାଲୋଚିତ ଦିଗର ସମାଧାନ କରି ପ୍ରସିଦ୍ଧି ଲାଭ କରିଥିବା ପଦ୍ମଶ୍ରୀ (୧୯୭୬) ପୁରସ୍କାର ପ୍ରାପ୍ତ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଶା ଇତିହାସର ଏକ ଜ୍ୱଳନ୍ତ ତାରକା ଭାବେ ପରିଚିତ । ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ (୧୯୭୯), ପ୍ରଜାତନ୍ତ୍ର ପ୍ରଚାର ସମିତି (ବିଷୁବ ମିଳନ), ୧୯୭୨ ସାରଳା ସମ୍ମାନ ପରି ଅନେକ ପୁରସ୍କାରରେ ସେ ପୁରସ୍କୃତ । ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ପ୍ରସିଦ୍ଧ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଏବଂ ଲେଖକ ଥିଲେ ।

ଗତ ୨୯ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ 'ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ସ୍ମୃତିଚାରଣ' ଅନୁଷ୍ଠିତ ହୋଇଅଛି । ଏଥିରେ ମୁଖ୍ୟଅତିଥି ଭାବେ ଦେବପ୍ରସାଦ ଦାଶ ଯୋଗଦେଇ ତାଙ୍କ ଅଭିଭାଷଣରେ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ସ୍ମୃତିଚାରଣ କରି ଓଡ଼ିଶା ଇତିହାସକୁ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବରେ ପ୍ରାଚୀନ ସ୍ମାରକୀ ଓ ଶିଳାଲେଖର ଅଧ୍ୟୟନ ଏବଂ ତା'ର ସଂରକ୍ଷଣ କ୍ଷେତ୍ରରେ ଡ. ପ୍ରାଣିଗ୍ରାହୀଙ୍କର ଅବଦାନ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ଆଲୋଚନା କରିଥିଲେ ।

ବରେଣ୍ୟ ଅତିଥି ଡ.ରାମଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କର ଅଭିଭାଷଣରେ ପାଣିଗ୍ରାହୀଙ୍କର ସୂକ୍ଷ୍ମ ଗବେଷଣା ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ଆଲୋକିତ କରିବା ସହିତ ତାଙ୍କୁ କିପରି ବ୍ୟାପକ ସ୍ୱୀକୃତି ଦେଇଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଅନ୍ୟତମ ବରେଣ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ଡ.ସଞ୍ଜୟ ଆଶ୍ଚର୍ଯ୍ୟ ତାଙ୍କର ବକ୍ତବ୍ୟରେ ଡ. ପାଣିଗ୍ରାହୀଙ୍କର ବାଲ୍ୟ ଜୀବନ କିପରି ସଂଘର୍ଷମୟ ଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ମୁଖ୍ୟବକ୍ତା ଡ. ଜୟନ୍ତୀ ରଥ ବିସ୍ତୃତ ଭାବରେ କିପରି ସେ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବେ ଭାରତ ସରକାରଙ୍କ ଅଧୀନରେ ୧୯୩୭ରୁ ୧୯୪୪ ମସିହା ଯାଏଁ ଓ ଓଡ଼ିଶା ସଂଗ୍ରହାଳୟରେ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବେ ୧୯୪୭ରୁ ୧୯୫୧ ମସିହା ଯାଏଁ କାର୍ଯ୍ୟ ନିର୍ବାହ କରିଥିଲେ, ସେ ସମ୍ପର୍କରେ ଆଲୋଚନା କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ତାଙ୍କର ଅଧ୍ୟାପକ ଜୀବନ ଆରମ୍ଭ ହୋଇଥିଲା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସେ ଇତିହାସ ବିଭାଗର ପ୍ରଫେସର ଭାବରେ ସେବା ନିବୃତ୍ତ ହୋଇଥିଲେ । ତାଙ୍କର କେତୋଟି ପୁସ୍ତକ ଯଥା- ଇତିହାସ ଓ କିମ୍ବଦନ୍ତୀ, ଭାରତୀୟ ପ୍ରତ୍ନତତ୍ତ୍ୱ, ଓଡ଼ିଶାର ଇତିହାସ ଓ ସଂସ୍କୃତିରେ ଯାଜପୁର ସେହି ସମ୍ପର୍କରେ ଡ. ରଥ ସମ୍ୟକ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ ।

## ନୀଳାଦ୍ରିନଗର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ମାଲକାନଗିରି,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ନୀଳାଦ୍ରିନଗର ଉଚ୍ଚ ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଯଦୁମଣି ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରର ୟୁଟିଲିଟି ମ୍ୟାନେଜର ଇଂ.କିଶୋର ଚନ୍ଦ୍ର ଭୋଇ ଓ ମୁଖ୍ୟବକ୍ତା ଭାବେ ବାଲିମେଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ଯନ୍ତ୍ରୀ ସରୋଜ କୁମାର ବେହେରା, ଅବସରପ୍ରାପ୍ତ ଜିଲ୍ଲା ସାଇନ୍ସ ସୁପରଭାଇଜର ଶରତ କୁମାର ରାଉତ, ନୀଳାଦ୍ରିନଗର ଉନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା, ପରିଚାଳନା କମିଟିର ସଭାପତି ବିଭୁଦତ୍ତ ମହାନ୍ତି, ସୁଦୀପ୍ତ ବେହେରା ଓ ବିଧାୟକ ପ୍ରତିନିଧି ମୁକା ମାଡ଼କାମୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ସୁଚରିତ୍ର ଗଠନ ଓ ଭଲ ପାଠପଢି ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ ନିମନ୍ତ୍ରିତ ଅତିଥି ବୃନ୍ଦ ।

## ବରିଷ୍ଠ ନାଗରିକ ସଂଘର ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣତନ୍ତ୍ର ଦିବସ ଶହିଦନଗର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କର ସହଯୋଗରେ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡଃ.ବିଜୟ କୁମାର ମିଶ୍ର, ଉପସଭାପତି ଡ.ବସନ୍ତ କୁମାର ଦାଶ ଓ ସାଧାରଣ ସମ୍ପାଦକ ଡଃ. ଉମାକାନ୍ତ ଦାସ ତଥା ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୋଗଦାନ କରି ଦେଶର ସ୍ୱାଧୀନତାରେ ବଳିଦାନ ଦେଇଥିବା ବରପୁତ୍ରମାନେ ଓ ଗଣତନ୍ତ୍ର ତଥା ସମ୍ବିଧାନ ପ୍ରଣୟନରେ ମୁଖ୍ୟ ଦାୟିତ୍ୱ ବହନ କରିଥିବା ବ୍ୟକ୍ତିତ୍ୱମାନଙ୍କର ସ୍ମୃତିଚାରଣ କରିଥିଲେ ।

## ବେଳାଭୂମି ମହୋତ୍ସବରେ ସିନେ କଳାକାରଙ୍କ ସହ ଝୁମିଲେ ଦର୍ଶକ

**ବ୍ରହ୍ମପୁର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଗୋପାଳପୁର ବେଳାଭୂମି ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ଓଡିଶା ବିଧାନ ସଭାର ବାଚସ୍ପତି ସୁରମା ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଓଡିଶାର ଭାଷା ଓ ସଂସ୍କୃତି ଉପରେ ଯେତେବେଳେ ବି ଆକ୍ରମଣ ହୋଇଛି ସେତେବେଳେ ଗଞ୍ଜାମ ମାଟିରୁ ପ୍ରଥମେ ସଂଗ୍ରାମର ସ୍ୱର ଉଦ୍‌ଘୋଷ ହୋଇଛି । ତେଣୁ ବିକଶିତ ଭାରତ-ବିକଶିତ ଓଡିଶାର ପରିକଳ୍ପନାରେ ଗଞ୍ଜାମ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ମୁଖ୍ୟଅତିଥି ଶ୍ରୀମତୀ ପାଢ଼ୀ । ମହୋତ୍ସବର ଶୁଭାରମ୍ଭ ବର୍ଷ ଗୁଡିକରେ ମୁଁ ଏହି ମହୋତ୍ସବକୁ ଦେଖିଛି । ଆଜିର ସମୁଦ୍ର ବନ୍ଦନା, ମଞ୍ଚର କଳେବର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନ ସମୁଦ୍ର ମୋତେ ଅଭିଭୂତ କରିଛି । ଗଞ୍ଜାମର ଗର୍ବ ଓ ଓଡ଼ିଆର ଗୌରବ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ନାମରେ ସମର୍ପିତ ମଞ୍ଚ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମୃଦ୍ଧ ସଂସ୍କୃତିର ପ୍ରଭୁତ ପ୍ରସାର ସହ ଆଞ୍ଚଳିକ ଓ ଦେଶର ବିଭିନ୍ନ ଅଞ୍ଚଳର କଳା ଉପସ୍ଥାପିତ ହୋଇପାରିଛି ବୋଲି ସେ କହିଥିଲେ । ସାମଗ୍ରିକ ବେଳାଭୂମି ମାନବ ସମାଜର ଜୀବନଶୈଳୀ ପାଇଁ ଆବଶ୍ୟକ ରହିଛି । ଓଡିଶାର ବେଳାଭୂମି ଗୁଡିକ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ରହିଛି ବୋଲି ସେ ମଧ୍ୟ କହିଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୋପାଳପୁର ମହୋଦଧି କୂଳରେ ମହାପ୍ରଭୁ ଓ ଦେବା ଦେବୀଙ୍କ ମହାବନ୍ଦନା ଏବଂ ତା ମଧ୍ୟରେ କଚ୍ଛପ ଦେବତାଙ୍କ ଆଗମନର ଦିବ୍ୟ ଓ ଭବ୍ୟ ଅନୁଭୂତି ସମ୍ପର୍କରେ ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରାଯାଇପାରିବ ନାହିଁ । ଏହି ମହୋତ୍ସବ କେବଳ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିକୁ ବୟାନ କରୁନି ଏହା ଓଡ଼ିଶାର ସୌନ୍ଦର୍ଯ୍ୟ ଓ ସମୃଦ୍ଧତାକୁ ବୟାନ କରୁଛି । ଡବଲ ଇଞ୍ଜିନର ସରକାର ସମୟରେ ହିଁ ଏଭଳି ମହାର୍ଘ୍ୟ ମହୋତ୍ସବ ଆୟୋଜନ ହୋଇପାରେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉଲ୍ଲେଖ କରିଥିଲେ ।

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ କହିଛନ୍ତି ଯେ, ଦିନେ ଉତ୍ସବ ଭାବରେ ପରିଗଣିତ ହେଉଥିବା ଏ ଉତ୍ସବ ଆଜି ଏ ବର୍ଷ ଏକ ବିଶାଳ ମହୋତ୍ସବରେ ପରିଣତ ହୋଇଛି । ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା'ମାନଙ୍କର ଆଶୀର୍ବାଦ ଏବଂ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଜିଲ୍ଲା ପ୍ରଶାସନର ଉଦ୍ୟମ ଫଳରେ ସମ୍ଭବ ହୋଇପାରିଛି । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ଗୋପାଳପୁର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ଏ ଜାନକୀରାମ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଗବେଷକ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ପୋଲିସ ମହାନିରୀକ୍ଷକ ନୀତି କେଶର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଅତିଥି ଭାବେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ

**ଭୁବନେଶ୍ୱର,୩୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ରାଜ୍ୟର ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପ ଗୁଡିକର ଅଗ୍ରଗତିର ଆକଳନ କରାଯାଇଥିଲା ।

ଏହି ବୈଠକରେ ପୂର୍ବତଟ ରେଳପଥ, ଦକ୍ଷିଣ କେନ୍ଦ୍ରୀୟ ରେଳପଥ ଏବଂ ଦକ୍ଷିଣତଟ ରେଳପଥର ମହାପ୍ରବନ୍ଧକମାନଙ୍କ ସହିତ ଭାରତୀୟ ରେଳବାଇ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁଥିରେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ । ଆର୍ଥିକ ଅଭିବୃଦ୍ଧି, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନକୁ ସମର୍ଥନ କରିବା ପାଇଁ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଲାଇନ କ୍ଷମତା ବୃଦ୍ଧି କରିବା ଏବଂ ସଂଯୋଗୀକରଣରେ ଉନ୍ନତ କରିବା ଉପରେ ଆଲୋଚନା କରାଯାଇଥିଲା ।

ଉକ୍ତ ବୈଠକ ସମୟରେ ପୂର୍ବତଟ ରେଳପଥ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମୀକ୍ଷା କରାଯାଇଥିଲା । ଏଥିରେ କୋଟାଭାଲସା-କୋରାପୁଟ ରେଳ ଲାଇନର ଦୋହରୀକରଣ, କୋଟାଭାଲସା ଏବଂ ବିଜୟନଗରମ ମଧ୍ୟରେ ଚତୁର୍ଥ ଲାଇନ ଏବଂ ବ୍ୟସ୍ତବହୁଳ ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସହିତ ବିଜୟନଗରମ ଏବଂ ନୌପଡା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର ମଧ୍ୟ ସମୀକ୍ଷା କରାଯାଇଥିଲା । ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ବିଜୟନଗରମ-ଟିଟିଲାଗଡ଼ ତୃତୀୟ ଲାଇନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଏହା ସହିତ, ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ଏବଂ ଆଧୁନିକ ଷ୍ଟେସନ ଭିତ୍ତିଭୂମି ଯୋଗାଇବା ପାଇଁ କରାଯାଉଥିବା ବିଶାଖାପାଟଣା ରେଳ ଷ୍ଟେସନର ପ୍ରମୁଖ ଉନ୍ନତିକରଣ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ।

ମୁଖ୍ୟମନ୍ତ୍ରୀ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ଲାଗି ରାଜ୍ୟ ସରକାର ଏବଂ ଭାରତୀୟ ରେଳବାଇ ମଧ୍ୟରେ ଘନିଷ୍ଠ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକ ବୈଧାନିକ ମଞ୍ଜୁରି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ରାଜସ୍ୱ ଓ ଜଙ୍ଗଲ ସମେତ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ପରାମର୍ଶ ଦେଇଥିଲେ । ସେ ଭୂମି ଅଧିଗ୍ରହଣ, ମଞ୍ଜୁରି ଏବଂ ଆନ୍ତଃବିଭାଗୀୟ ସମନ୍ୱୟ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ମଧ୍ୟ ସେ ପ୍ରତିଶୃତି ଦେଇଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



## କଟକ ମହାନଗର ନିଗମ କାଉନସିଲ ବୈଠକରେ ହୋ-ହାଲ୍ଲା

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ମହାନଗର ନିଗମ ୩୮ତମ କାଉନସିଲ ବୈଠକ ଶୁକ୍ରବାର ନିଗମ କାର୍ଯ୍ୟାଳୟ ସ୍ଥିତ ବିଶ୍ୱନାଥ ପଣ୍ଡିତ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ସିଏମସି ମେୟର ସୁବାସ ସିଂହ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକର ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ସଂପର୍କରେ ଆଲୋଚନା ହୋଇଥିଲା । ୱାର୍ଡ଼ର ବିଭିନ୍ନ ସମସ୍ୟା ନେଇ କର୍ପୋରେଟରମାନେ ବୈଠକରେ ହୋ-ହାଲ୍ଲା କରିଥିଲେ । ଏହି ସମୟରେ ୫୮ନଂ ୱାର୍ଡ଼ କଂଗ୍ରେସ କର୍ପୋରେଟର ବୈଠକରେ ପାଟିତୁଣ୍ଡ କରିଥିଲେ । ନିଜ ୱାର୍ଡ଼ର ବିଭିନ୍ନ ସମସ୍ୟାକୁ ନେଇ ମେୟରଙ୍କ ସହ କଂଗ୍ରେସ କର୍ପୋରେଟରଙ୍କ ଯୁକ୍ତିତର୍କ ହେବାରୁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଏହାକୁ ବିରୋଧ କରି ମେୟର ଓ କମିଶନର ବୈଠକ ଅଧାରୁ ଉଠି ଚାଲିଯାଇଥିଲେ । ଫଳରେ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା ।

## ୧୦୪ ବୋତଲ ଚୋରା ଆସ୍କା ଫର୍ଟି ଜବତ



ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍

ନିଆଳି ଥାନା ପୋଲିସ ମାଧବାନନ୍ଦଙ୍କ ଯାତ୍ରା ପୂର୍ବରୁ ମାଧବ ଅଞ୍ଚଳରୁ ପ୍ରଚୁର ପରିମାଣର ଚୋରା ଦେଶୀ ମଦ ଜବତ କରିବାରେ ସଫଳ ହେବା ସହିତ ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ନିଆଳି ଥାନାକୁ ସପ୍ତାହ ହେବ ବଦଳି ହୋଇ ଆସିଥିବା ଆଇଆଇସି ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ନିଆଳି ପୋଲିସ ନିଆଳି ଥାନା ଅନ୍ତର୍ଗତ ମାଧବ ଗ୍ରାମର ରବୀନ୍ଦ୍ର ବେହେରା, ମାଧବ ପଧାନ ସାହିର ଦୁଇଭାଇ ନବଘନ ପାଇତାଳ ଓ ରାଜେନ୍ଦ୍ର ପାଇତାଳଙ୍କ ନିକଟରୁ ୧୦୪ ବୋତଲ ଆସ୍କା ଫର୍ଟି ଜବତ କରିବା ସହିତ ଜବତ ତିନି ଜଣଙ୍କୁ ଗିରଫ କରି ମାମଲା ରଜୁ କରି କୋର୍ଟ ଚାଲାଣ କରିଛି। ଏହି ମଦ ମାଧବ ଯାତ୍ରା ସମୟରେ ବିକ୍ରି କରାଯିବା ନିମନ୍ତେ ରଖାଯାଇଥିଲା।

## ପଞ୍ଚାୟତ ଅଫିସ୍ ଆଗରେ ଧାରଣା




ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟନୀ ପଞ୍ଚାୟତ ଅଫିସ୍ ସମ୍ମୁଖରେ ତିନି ଦଫା ନେଇ ଅଞ୍ଚଳବାସୀ ଧାରଣା ଦେଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଏହି ପଞ୍ଚାୟତଟି ଦୁର୍ଗମ ଅଞ୍ଚଳ ଭିତରେ ରହିଥିବା ବେଳେ ଏ ଅଞ୍ଚଳର ଅଧିବାସୀ ଆଜି ବି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ସବୁ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ ଚାଲୁଥିବା ବେଳେ ଏହି ପଞ୍ଚାୟତକୁ ଆସୁନାହିଁ। ଯାହା ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଫସଲ ବୀମା କରନ୍ତି କିନ୍ତୁ ମିଳେ ନାହିଁ। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଆଦିବାସୀ ଓ ଦଳିତ ଭୂମିହୀନ ଥିବା ବେଳେ ଜଙ୍ଗଲ ଜମି ପଟ୍ଟା ଏପର୍ଯ୍ୟନ୍ତ ମିଳି ନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡିଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଉପଭୋକ୍ତା ସଚେତନତା




କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ପକ୍ଷରୁ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୂରସଞ୍ଚାର କ୍ଷେତ୍ରରେ ପ୍ରଗତି, ଏଥିରେ ଟ୍ରାଇର ଭୂମିକା ସାଙ୍ଗକୁ ଉପଭୋକ୍ତା ସଂରକ୍ଷଣ ସହ ସମ୍ପର୍କିତ ବିଭିନ୍ନ ଉଦ୍ୟମ ଯଥା ଅଭିଯୋଗ ନିରାକରଣ ପଦ୍ଧତି, ସେବା ଯୋଗାଣରେ ଗୁଣବତ୍ତା ବଜାୟ ରଖିବା, ଅଦରକାରୀ ସେବା ସମ୍ପର୍କରେ ସୂଚନା, ମୋବାଇଲ୍ ନମ୍ବର ପୋର୍ଟେବିଲିଟି, ଫ୍ରଡ୍ ଟାୱାର ସମ୍ପର୍କରେ ସଚେତନତା, ପ୍ରସାରଣ ଓ କେବୁଲ୍ ସେବା, ଇଏମ୍ଏଫ୍ ବିକିରଣ, ଚ୍ୟାନେଲ୍ ଚୟନ ପାଇଁ ବ୍ୟବହୃତ ଆପ୍ସ ଇତ୍ୟାଦି ସମ୍ପର୍କରେ ଉପଭୋକ୍ତାମାନଙ୍କୁ ସଚେତନ କରାଯାଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବହୁ ବିଦ୍ୟାର୍ଥୀ/କର୍ମଚାରୀ, ଟେଲିକମ୍ ଉପଭୋକ୍ତା, ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ପ୍ରତିନିଧି ଏବଂ ଖାଉଟି ଫୋରମ୍ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ବୃଦ୍ଧି ପାଇବ ବୋଲି କାର୍ଯ୍ୟକ୍ରମ ଶେଷରେ ମତ ପ୍ରକାଶ ପାଇଥିଲା । ଉପଭୋକ୍ତାମାନଙ୍କୁ ମାଇଁ ସ୍ପିଡ୍, ଡିଏନଡି ଏବଂ ମାଇଁ କଲ୍ ପରି ଟ୍ରାଇ ସମର୍ଥିତ ଆପ୍ଲିକେସନ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଟ୍ରାଇ ହାଇଦ୍ରାବାଦ ଆଞ୍ଚଳିକ କାର୍ଯ୍ୟାଳୟରୁ ଆସିଥିବା ବରିଷ୍ଠ ଗବେଷଣା ଅଧିକାରୀ ସିଏଚ୍. ଭିକ୍ଷମ୍, ଆଇଟିଏସ୍ ଯୁଗ୍ମ ପରାମର୍ଶଦାତା ଜି. ସୁରେଶ ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଭାରତୀୟ ଟେଲିକମ୍ ସେବା ଅଧିକାରୀ ତଥା ଟେଲିକମ୍ ବିଭାଗ ଲାଇସେନ୍ସ ସର୍ଭିସ୍ ଏରିଆର ଓଡ଼ିଶା ନିର୍ଦ୍ଦେଶକ ବିବେକ ବିଶ୍ୱକର୍ମା ସାଇବର ହାଇଜିନ୍ ଓ ଡିଜିଟାଲ୍ ଫ୍ରଡ୍ ଭଳି ବିଷୟରେ ସଚେତନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରିଥିବାରୁ ଟ୍ରାଇକୁ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗ ଡିନ୍ ପ୍ରଫେସର ଆର୍. ଏନ୍. ଶତପଥୀ, ଷ୍ଟୁଡେଣ୍ଟ୍ ଆଫେୟାର୍ସ ସହକାରୀ ଡିନ୍ ଡ. ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଧନ୍ୟବାଦ ଦେଇଥିଲେ। ଫ୍ୟାକଲ୍ଟି ସଂଯୋଜକ ଡ. ହରିଚନ୍ଦନ, ଜିସାନ୍ ଓ ମିସ୍ ସାଇନା କାର୍ଯ୍ୟକ୍ରମ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

## ଗୁଳନଗରରେ ଶାରଳା ମେଳା

କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ପଞ୍ଚାୟତ ବୁଢାଗୋବିନ୍ଦ ମନ୍ଦିର ପରିସରରେ ଦେବାଶିଷ କୁବେରଙ୍କ ତତ୍ତ୍ୱାବଧାନରେ ବିଶଂତମ ବାର୍ଷିକ ଶାରଳା ମେଳା ଅନୁଷ୍ଠିତ ହୋଯାଇଛି । ଗତ ଗୁରୁବାର ଦିନ ସକାଳେ ମା ଶାରଳାଙ୍କ ପାଖକୁ ଶ୍ରୀ କୁବେର ଯାଇ ଆଜ୍ଞାମାଳ ଆଣିଥିଲେ। ଆଜ୍ଞାମାଳ ଆସିବା ପରେ ଗୋବରୀ ଘାଟରୁ ଭକ୍ତମାନେ କଳସରେ ପାଣିଆଣିବା ପରେ ଘଟ ସ୍ଥାପନ କରାଯାଇ ପୂଜାଅର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ବଳଦେବଜୀଉ ଭଜନସନ୍ଧ୍ୟା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପତିତପାବନ ନାୟକ ଏହି ମେଳାରେ କର୍ତ୍ତା ଭାବେ ପୂଜା ଅର୍ଚ୍ଚନା କରିଥିଲେ । ଏହି ମେଳାକୁ ଦିଲ୍ଲୀପ ରଥ, ପ୍ରଶନ୍ନ ପଣ୍ଡା,ଶିବୁ ନନା ପ୍ରମୁଖ ପୂଜା ପରିଚାଳନା କରିଥିଲେ । ମନୋରଞ୍ଜନ ନାୟକ, ଛବି ସାହୁ, ନଳିନୀ କାନ୍ତ ସାହୁ, ନରେନ୍ଦ୍ର ପାତ୍ର, ନଟବର ସାହୁ, ଭୂବନମୋହନ କର, ନାରାୟଣ ସାହୁ ଓ ରିଙ୍କୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ଏହି ମହୋତ୍ସବରେ ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ଗାନ୍ଧୀ ଦର୍ଶନକୁ ପଦାଘାତ: ତିରୋଧାନ ଦିବସରେ ତମାଖୁ ନିଷେଧ ପ୍ରତ୍ୟାହୃତ

ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଗୁଟୁଖା ବ୍ୟବହାରକାରୀ ରାଜ୍ୟ ଭାବେ ଦେଶରେ ଓଡିଶା ୨ୟ ନଂ ସ୍ଥାନରେ ରହିବା ଏବଂ ଉଚ୍ଚ ନ୍ୟାୟାଳୟର ତାଗିଦ୍ ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୨୧ ତାରିଖରେ ଗୁଟ୍‌ଖା ବ୍ୟାନ ହୋଇଥିଲା। ତରବରିଆ ନିଷ୍ପତ୍ତି ଓ ନିବାରଣ ନେଇ ଭିତ୍ତିଭୂମି ଅଭାବ ଓ ପ୍ରତିବାଦ ଫଳରେ ସରକାର ଜନହିତକର ନିଷ୍ପତ୍ତିକୁ ପୁଣି ଫେରେଇ ନେଇଥିବା ଆଲୋଚନା ହେଉଛି। ଡବଲ ଇଞ୍ଜିନ ସରକାର ମହାତ୍ମା ଗାନ୍ଧୀଙ୍କ ବିଚାରକୁ ଆପଣେଇ ଥିବାର ବାହା ବାହା ନେଉଥିବା ବେଳେ ତାଙ୍କ ତିରୋଧାନ ଦିବସରେ ଗୁଟ୍‌ଖା ବ୍ୟାନ ହଟାଇ ଗାନ୍ଧୀ ଦର୍ଶନକୁ ପଦାଘାତ କରିଥିବା ଚର୍ଚ୍ଚା ମଧ ହେଉଛି। ଗାନ୍ଧୀ ଦେଖିଥିବା ନିଶାମୁକ୍ତ ରାମ ରାଜ୍ୟ ଓ ଭୋଟରକୁ ଦେଇଥିବା ନିଶା ନିବାରଣର ପ୍ରତିଶ୍ରୁତି ଏବେ ଅପ୍ରାସଙ୍ଗିକ ହୋଇପଡିଛି। ଗୁଡାଖାରେ ବିଷାକ୍ତ ନିକୋଟିନ୍ ରହିଥିବା ଯୋଗୁଁ ଏହାର ବ୍ୟାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିଲା। କିନ୍ତୁ ପାନ ମସଲାର ଦ୍ୱାହି ଦେଇ ପୁଣି ଗୁଟ୍‌ଖା ବନ୍ଦ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ଦୁର୍ଭାଗ୍ୟଜନକ ବୋଲି ସଚେତନତା ନାଗରିକ ମତ ରଖୁଛନ୍ତି। ରାଜ୍ୟରେ ନାର୍କୋଟିକ ପରୀକ୍ଷାଗାର ନଥିବା ବେଳେ କେଉଁ ପାନ ମସଲା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ତାହା ସରକାର କିପରି ଚିହ୍ନଟ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସହିତ ଗୁଡଖା ଉତ୍ପାଦନ ଓ ଆମଦାନୀ କ୍ଷେତ୍ରରେ ଭୟର ବାତାବରଣ ଥିବାରୁ ତମାଖୁ ଜାତୀୟ ସମାଗ୍ରୀର ମୂଲ୍ୟ ବଢିବଢି ଚାଲିଛି। ଚୋରା କାରଖାନା ଓ ରାଷ୍ଟ୍ରୀୟଉ କମ୍ପାନୀ ଏହି ମୌକାରେ ଦର ବଢାଇ ମାଲେମାଲର ଆଶା ରଖିଥିବା ବେଳେ କୁ-ଅଭ୍ୟାସରେ ପଡ଼ିଥିବା ଦିନ ମଜୁରିଆ, ଗରିବ ଅଯଥା ଖର୍ଚ୍ଚାନ୍ତ ହେବା ସାର ହେବ ବୋଲି କୁହାଯାଉଛି। ପାନ, ସୁପାରୀ, ଧଣିଆ, ପାନ ମଧୁରି, ଅଳେଇଚ, ଲବଙ୍ଗ ବିଶେଷ କ୍ଷତିକାରକ ହୋଇନଥିବା ବେଳେ ଜର୍ଦ୍ଦା, ଗୁଟ୍‌ଖା, ସିଗାରେଟ ଓ ଅନ୍ୟ ତମାଖୁକୁ ଚିହ୍ନଟ କରିବାରେ ସରକାର କିପରି ପଦକ୍ଷେପ ନେବେ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ବିଭିନ୍ନ ସ୍ଥାନରେ ଗାନ୍ଧୀଙ୍କ ତିରୋଧାନ ଦିବସ

**ବାଲିଅନ୍ତା:** ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଗାନ୍ଧୀ ତିରୋଧାନ ଦିବସ ପାଳିତ ହୋଇଯାଉଛି। ଶ୍ରୀଧର ଦାଶ, ଲକ୍ଷ୍ମୀଧର ବେହେରା ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ନିକୁଞ୍ଜ ବିହାରୀ ମନ୍ଦିର ଏବଂ ମହାତ୍ମା ସେତୁ ନିକଟସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୮ତମ ବଳିଦାନ ଦିବସ ଆଜି ପ୍ରତ୍ୟୁଷରେ ବାଳକାଟିସ୍ଥିତ ଗାନ୍ଧୀପୀଠ (ଯେଉଁଠାରେ ବାପୁଜୀ ଓଡ଼ିଶା ପଦଯାତ୍ରା ସମୟରେ ୧୯୩୪ ମସିହା ମଇ ମାସ ୧୨ ତାରିଖରେ ଅବସ୍ଥାନ କରିଥିଲେ)ରେ ଭକ୍ତିପୂର୍ଣ୍ଣ ପରିବେଶରେ ୧୯୩୪ ଗାନ୍ଧୀ ପଦଯାତ୍ରା ସ୍ମୃତି ସଂଗଠନ



ପକ୍ଷରୁ ସଭାପତି ଆଡଭୋକେଟ ମନୋଜ କୁମାର ନାୟକଙ୍କ ପୌରହିତ୍ୟରେ ଗାନ୍ଧିବାଦୀ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପ୍ରଭାତ ଫେରି ଓ ରାମଧୁନ ଗାୟନ ଶୋଭାଯାତ୍ରା ବଜାର ପରିକ୍ରମା କରି ଗାନ୍ଧୀପୀଠରେ ପହଞ୍ଚି ଗାନ୍ଧିଜୀ, ଗୋପବନ୍ଧୁ ଦାସ ଓ ସଂଗ୍ରାମୀ ନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡକ୍ଟର ରଜନୀ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅବସରପ୍ରାପ୍ତ ସଂସ୍କୃତି ବିଭାଗ ଅନୁସଚିବ ଲକ୍ଷ୍ମୀଧର ବେହେରା, ପ୍ରକୃତି ପ୍ରେମୀ ଦୀନବନ୍ଧୁ ଭୋଇଙ୍କ ସମେତ ଗାନ୍ଧିବାଦୀମାନେ ଯୋଗ ଦେଇ ନିଜ ବକ୍ତବ୍ୟରେ ଗାନ୍ଧିବାଦ ହିଁ ଯୁଗେ ଯୁଗେ ବିଶ୍ୱଶାନ୍ତି ଓ ଆତଙ୍କବାଦର ବିଲୋପ ସାଧନରେ ଅହିଂସା ଅସ୍ତ୍ର ଭାବେ କାର୍ଯ୍ୟ କରିବ। ଗାନ୍ଧୀଙ୍କ ଖଦୀ ଓ କୁଟୀର ଶିଳ୍ପ ଚିନ୍ତାଧାରା ହିଁ ସମସ୍ତଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଆଡଭୋକେଟ ମୃଗାଙ୍କ ମୌଳି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

**ବାଙ୍କୀ:** ଆଜି ଜାତିର ପିତା ମହାମାନବ ମହାତ୍ମାଗାନ୍ଧିଙ୍କ ୭୮ତମ ତିରୋଧାନ ଦିବସ ଓ ସହିଦ୍ ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବାଙ୍କୀ କଲେଜ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କଲେଜ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରମୋଦ କୁମାର ପଣ୍ଡା, ଉପାଧ୍ୟକ୍ଷା ପ୍ରାଧାପିକା ଗାୟତ୍ରୀ ନାୟକ, ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡକ୍ଟର ପ୍ରଦୀପ



ଦେବତା, ଅଧାପକ ଯୋଗୀନାଥ ମଲ୍ଲିକ, ଅଧାପକ ପ୍ରଶାନ୍ତ ଭୋଇ, ଅଧାପକ ନରେଶ ବେହେରା, କ୍ରୀଡା ଅଧାପକ ରବିନାରାୟଣ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଯୋଗଦାନ କରି ମହାତ୍ମାଗାନ୍ଧିଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରାଧାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁଲନଖରା:** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଶ୍ରଦ୍ଧା, ଭକ୍ତି ଓ ଗମ୍ଭୀର ପରିବେଶ ମଧ୍ୟରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ଅମର ଆଦର୍ଶ ଓ ଅହିଂସା ନୀତିକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ପତାକା ଉତ୍ତୋଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଜାତିର ପିତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଧର୍ମ ସମଭାବର ପ୍ରତୀକ ଭାବରେ ସଭା ପ୍ରାରମ୍ଭରେ



ଗୀତା, କୋରାନ୍ ଓ ବାଇବେଲ ପାଠ କରାଯାଇଥିଲା, ଯାହା ଗାନ୍ଧିଜୀଙ୍କ ଧାର୍ମିକ ସହିଷ୍ଣୁତା ଓ ମାନବତାବାଦୀ ଚିନ୍ତାଧାରାକୁ ପ୍ରତିବିମ୍ବିତ କରିଥିଲା। ଏହି କାର୍ଯ୍ୟକ୍ରମରେ ସି.ଏମ୍.ସି କମିଶନର ସୁଶ୍ରୀ କିରଣଦୀପ କୌର ସହୋଟା, ଅତିରିକ୍ତ ଜିଲ୍ଲାପାଳ, ସାଂସଦଙ୍କ ପ୍ରତିନିଧି ପ୍ରତାପ ରାଉତରାୟ, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତିଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟ ଓ ନୀତିର ଆଦର୍ଶକୁ ନୈଦିନ ଜୀବନରେ ଅନୁସରଣ କରିବାକୁ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଗାନ୍ଧୀଜୀଙ୍କ ଦର୍ଶନ ଆଜିର ସମାଜ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି "ଅହିଂସା ହିଁ ପରମ ଧର୍ମ" ବୋଲି ଉଲ୍ଲେଖ କରି ଗାନ୍ଧିଜୀଙ୍କ ଶାନ୍ତି ଓ ସହଅବସ୍ଥାନ ସନ୍ଦେଶକୁ ସ୍ମରଣ କରିଥିଲେ। ସୂଚନା ଅନୁଯାୟୀ, ଏହି ସ୍ମୃତି କାର୍ଯ୍ୟକ୍ରମ ତିନି ଦିନ ଧରି ପାଳନ କରାଯିବ। ଏହାର ଅଂଶ ଭାବେ ଆଲୋଚନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗାନ୍ଧୀ ଦର୍ଶନ ଉପରେ ବିଭିନ୍ନ କାର୍ଯ୍ୟସୂଚୀ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକମାନଙ୍କ ଉପସ୍ଥିତି ଗାନ୍ଧୀଜୀଙ୍କ ପ୍ରତି ସାଧାରଣ ଲୋକଙ୍କ ଅଗାଧ ଶ୍ରଦ୍ଧାକୁ ପ୍ରତିଫଳିତ କରିଥିଲା।

**ଜଳେଶ୍ୱର:** ଗାନ୍ଧୀ ବିଚାର ଧାରାକୁ ବ୍ୟବହାର କରି ତାଙ୍କ ଦର୍ଶନକୁ ଅଣଦେଖା କରୁଥିବା ପ୍ରସଙ୍ଗ ଏବେ ଅଧିକ ପ୍ରତିଫଳିତ ହେଉଛି। ତାଙ୍କର ଜୀବନ ଆଦର୍ଶ ଓ ଦର୍ଶନକୁ ଉଜ୍ଜିବିତ ରଖିବା, ସାବରମତୀ ସନ୍ଥଙ୍କୁ ଉଚିତ୍ ସମ୍ମାନ ପୂର୍ବକ ତିରୋଧାନ ଦିବସରେ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଶୁକ୍ରବାର ସକାଳେ ଜଳେଶ୍ୱର ବ୍ଲକ, ଶିଖରପୁର ପଂଚାୟତ ଅଫିସ ପରିସରରେ ଥିବା ନକୁଳ ଓଝାଙ୍କ ଦ୍ୱାରା ସ୍ଥାପିତ ପୂର୍ଣ୍ଣାବୟବ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମବେତ ଗାନ୍ଧୀବାଦୀମାନେ ରାମଧୂନ ଗାନ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କବି ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ପ୍ରଫେସର ବିପିନ ବିହାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ପ୍ରାକ୍ତନ ସିଇଓ ଶରତ ଚନ୍ଦ୍ର ପରିଡା, ସରପଞ୍ଚ ବିଦ୍ୟାଧର ମଲ୍ଲିକ, ଅତୁଲ କୁମାର ଓଝା, ବଳରାମ ଓଝା, ରାମଚନ୍ଦ୍ର ଜେନା, ପିଇଓ ଜୀବନ କୁମାର ଦାସ, ଏଡିଇଓ ସଞ୍ଜୟ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ବେହେରା, ଲିପ୍ସା ଦାସ, ସବିତା ବେହେରା, ସୁଶାନ୍ତ କୁମାର ଗିରି, ସୁବ୍ରତ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ମହାତ୍ମାଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ମହାପୁରୁଷଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ସୁନାର ଭାରତ ଗଠନ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ବଳରାମ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ଏମସିଏଲରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ମୁଖ୍ୟାଳୟରେ ୮୭ତମ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି (ଓଏଲଆଇ) ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମୟରେ ସରକାରୀ ଭାଷା ହିନ୍ଦୀର ବ୍ୟବହାର ଏବଂ ପ୍ରଗତି ବିଷୟରେ ଏକ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଡିସେମ୍ବର ୨୦୨୫ ତ୍ରୈମାସିକ ପାଇଁ ପ୍ରାପ୍ତ ପ୍ରଗତି ରିପୋର୍ଟ ଉପରେ ସରକାରୀ ଭାଷା ଅଧିକାରୀମାନେ ଆଲୋଚନା କରିଥିଲେ ଏବଂ ସେମାନଙ୍କର ଅଭିଜ୍ଞତା, ସଫଳତା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବାଣ୍ଟିଥିଲେ। ବୈଠକରେ ଆଞ୍ଚଳିକ ସରକାରୀ ଭାଷା ଅଧିକାରୀ/କ୍ଷେତ୍ରରୁ ମନୋନୀତ ସରକାରୀ



ଭାଷା ଅଧିକାରୀ ଏବଂ ମୁଖ୍ୟାଳୟରେ ବିଭିନ୍ନ ବିଭାଗର ନିଯୁକ୍ତ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଧ୍ୟକ୍ଷତା କରି, ମୁଖ୍ୟ ପରିଚାଳକ (ଖଣି/ସରକାରୀ ଭାଷା) ନରସିଂହ ସିଂହ କହିଥିଲେ ଯେ ସରକାରୀ ଭାଷା ହିନ୍ଦୀ କେବଳ ଆମର ସାମ୍ବିଧାନିକ ପରିଚୟ ନୁହେଁ, ବରଂ ଆମର ଚିନ୍ତାଧାରା, ସଂସ୍କୃତି ଏବଂ କାର୍ଯ୍ୟଶୈଳୀକୁ ଏକତ୍ର କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏପରି ବୈଠକଗୁଡ଼ିକ ହିନ୍ଦୀର ବ୍ୟବହାର ଏବଂ ପ୍ରୋତ୍ସାହନରେ ଅଗ୍ରଗତି ସମୀକ୍ଷା କରିବା, ସଫଳତା ବିଷୟରେ ଆଲୋଚନା କରିବା ଏବଂ ଭବିଷ୍ୟତର କାର୍ଯ୍ୟ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଠୋସ୍ ପଦକ୍ଷେପ ନିର୍ଣ୍ଣୟ କରିବାର ସୁଯୋଗ ପ୍ରଦାନ କରେ।

ବୈଠକରେ ଉପସ୍ଥିତ ଅଧିକାରୀମାନେ ସେମାନଙ୍କ କ୍ଷେତ୍ର ଏବଂ ବିଭାଗରେ କରାଯାଉଥିବା ସରକାରୀ ଭାଷା କାର୍ଯ୍ୟ ବିଷୟରେ ସୂଚନା ବାଣ୍ଟିଥିଲେ। ସେମାନେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପ, ଚ୍ୟାଲେଞ୍ଜ ଏବଂ ଏହାର ସମାଧାନ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଆଲୋଚନା ସମୟରେ, ସମସ୍ତେ ସରକାରୀ ଭାଷାର ବ୍ୟବହାରକୁ ଅଧିକ ବ୍ୟବହାରିକ ଏବଂ ଫଳାଫଳ-ମୁଖୀ କରିବା ପାଇଁ ଉପଯୋଗୀ ପରାମର୍ଶ ଦେଇଥିଲେ।

## ନାଲକୋର ତୃତୀୟ ତ୍ରୈମାସିକରେ ସର୍ବକାଳୀନ ୧୬୦୧ କୋଟିର ନିଟ ଲାଭ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫ - ୨୬ ର ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀର ନିଟ ଲାଭ ସର୍ବକାଳୀନ ସର୍ବାଧିକ ୧୬୦୧ କୋଟି ଟଙ୍କା ହୋଇଥିବା ବେଳେ, ବିଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୧୫୮୩ କୋଟି ଟଙ୍କା ଥିଲା।

ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଫଳାଫଳ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ କମ୍ପାନୀର ମୋଟ ଆୟ ୪,୯୨୫ କୋଟି ଟଙ୍କା ହୋଇଥିବା ବେଳେ ଆର୍ଥିକ ବର୍ଷ ୨୦୨୪- ୨୫ର ତୃତୀୟ ତ୍ରୈମାସିକରେ ଏହି ପରିମାଣ

NALCO
ନାଲକୋ NALCO
A Navratna CPSE under Ministry of Mines
Government of India

୪,୭୬୧ କୋଟି ଟଙ୍କା ଥିଲା।

ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ୯ ମାସର ଫଳାଫଳ ଅନୁସାରେ କମ୍ପାନୀର ମୋଟ କାରବାର ୧୨,୮୩୦ କୋଟି ଟଙ୍କା ସହ ନିଟ ଲାଭ ୪୦୯୮ କୋଟି ଟଙ୍କା ହୋଇଛି ଯାହାକି ପୂର୍ବ ଆର୍ଥିକ ବର୍ଷର ସମାନ ସମୟରେ ଯଥାକ୍ରମେ ୧୧,୫୨୦ ଏବଂ ୩,୨୪୬ କୋଟି ଟଙ୍କା ଥିଲା। ନିଟ ଲାଭ ପରିମାଣ ୨୬ ପ୍ରତିଶତ ବୃଦ୍ଧି ହେବା ସହ ମୋଟ କାରବାରରେ ୧୧ ପ୍ରତିଶତ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକ ତଥା ୯ ମାସର କାରବାରରୁ ନାଲକୋ ସର୍ବକାଳିନ ସର୍ବାଧିକ ଆୟ ଓ ଲାଭ ଅର୍ଜନର ରେକର୍ଡ ହାସଲ କରିଛି।

କର୍ମଚାରୀମାନଙ୍କୁ ଏହି ସଫଳତାର ଶ୍ରେୟ ଦେବା ସହ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ମୂଲ୍ୟ ଅପ୍ଟିମାଇଜେସନ୍, ମାର୍ଜିନ୍ ପରିଚାଳନା ଏବଂ ଗୁଣବତ୍ତା ବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ଦ୍ୱାରା ଏହି ଫଳାଫଳ ହାସଲ ହୋଇପାରିଛି। ଚଳିତ ତ୍ରୈମାସିକ ଫଳାଫଳ ମୁଖ୍ୟତଃ ଆଲୁମିନା ଏବଂ ଧାତୁ ବିକ୍ରିରେ ଅଭିବୃଦ୍ଧି ସହ କ୍ୟାପ୍ଟିଭ କୋଇଲା ଖଣିର ବର୍ଦ୍ଧିତ ଉପଯୋଗ ଏବଂ ଧାତୁ ବିକ୍ରିରୁ ବର୍ଦ୍ଧିତ ଲାଭାଂଶ ହାସଲ ଯୋଗୁଁ ସମ୍ଭବ ହୋଇଛି। ବର୍ତ୍ତମାନ, ନବସୃଜନ, ଶିଳ୍ପ ୪.୦ କୌଶଳ ବ୍ୟବହାର, ଗବେଷଣା ତଥା ବିକାଶ ଏବଂ କାର୍ବନ ହ୍ରାସ, ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ ପରିସମାପ୍ତି ଦ୍ୱାରା କମ୍ପାନୀ ଦୀର୍ଘକାଳୀନ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି ବୋଲି, ସେ କହିଛନ୍ତି। ନାଲକୋକୁ ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷ ହାସଲ ଦିଗରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସମର୍ଥନ ନିମନ୍ତେ ଶ୍ରୀ ସିଂହ କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ସେୟାର ପ୍ରତି ୪.୫୦ ଟଙ୍କାର ଦ୍ୱିତୀୟ ଇଣ୍ଟେରିମ ଡିଭିଡେଣ୍ଡ ମଧ ଘୋଷଣା କରାଯାଇଛି।

## ଶ୍ରୀଜଗନ୍ନାଥ ମହୋତ୍ସବ ପାଇଁ ପୁରୀରୁ ଆସିଲା ଆଜ୍ଞାମାଳ

ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍

ଜଗନ୍ନାଥ ମହୋତ୍ସବ ପାଇଁ ପୁରୀରୁ ଆଜ୍ଞାମାଳ ଧରି ମହୋତ୍ସବର କର୍ତ୍ତା ଜ୍ୟୋତିରଞ୍ଜନ ମହାନ୍ତି ଓ ସମାଜ ସେବୀ କଳ୍ପତରୁ ଖୁଣ୍ଟିଆ ଅଡ଼ସପୁର ଜୟଦେବ ପୀଠଠାରେ ପହଞ୍ଚିବା ପରେ ମହୋତ୍ସବ କମିଟିର ସଭାପତି ତଥା ନିଆଳୀ ବିଧାୟକ ଛବି ମଲ୍ଲିକଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସମଗ୍ର ନିଆଳୀ ନିର୍ବାଚନ ମଣ୍ଡଳୀର ୪୫ଟି ପଞ୍ଚାୟତ ପରିକ୍ରମା ପାଇଁ ପ୍ରସ୍ତୁତ ହୋଇଥିବା ଶ୍ରୀଜଗନ୍ନାଥଙ୍କ ପାଖରେ ବିଧାୟକ ଶ୍ରୀ ମଲ୍ଲିକ ନଡ଼ିଆ ବାଡେଇ ପତାକା ଦେଖାଇ ଉଦଘାଟନ କରିଥିଲେ। ପରେ ପରେ ଏକ ପଦଯାତ୍ରାରେ ବିଧାୟକଙ୍କ ସହ ଭକ୍ତମାନେ ନାମ ସଂକୀର୍ତ୍ତନ, ଘଣ୍ଟ ବାଦ୍ୟ ଓ ବାଜା ରୋଷଣୀ ସହ ଅଡ଼ସପୁର ବଜାର ତଣ୍ଡୀକଣା ଦେଇ କସର୍ଦା ମା ଜାଗୁଲାଇ ମନ୍ଦିର ନିକଟରେ ପହଞ୍ଚି



ଥିଲେ। ସେଠାରେ ଆଜ୍ଞା ମାଳ ଓ ରଥକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ଥିବା ସଂକୀର୍ତ୍ତନ ମଣ୍ଡଳୀ ମହିଳା ଓ ଦୀପାଞ୍ଚଳବାସୀ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ିଆ ସାହି ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ନିଆଳୀ ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, କଣ୍ଟାପଡାର ପ୍ରଦୀପ ପାତ୍ର, କୃଷକ ମୋର୍ଚ୍ଚାର ଅଶୋକ ରଥ, ଆଇନଜୀବୀ ସରୋଜ କୁମାର ସ୍ୱାଇଁ, ଯୁବ ସଂଗଠକ ଗଗନ ସାହୁ, ରଜନୀକାନ୍ତ ମହାପାତ୍ର, ସୁଶୀଳ ମହାନ୍ତି, ଦୀନବନ୍ଧୁ ମହାପାତ୍ର, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ସ୍ୱଚ୍ଛା ସେବୀ ସଂଗଠନ ସିଭିପି ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ସୁରେନ୍ଦ୍ର କୁମାର ପାତ୍ର, ସୁଦର୍ଶନ ଜେନା, ବିରୋକିଶୋର ଜେନା, କଣ୍ଟାପଡ଼ା ବ୍ଲକ ସାଂସଦ ପ୍ରତିନିଧି ସଂଗ୍ରାମ କିଶୋର ପଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୪ ୱାରେଣ୍ଟି ଗିରଫ

ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ମାର୍ଶାଘାଇ ପୋଲିସ ୪ଜଣ ପୁରୁଣା ୱାର୍ଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡିଛି। ୨୦୦୬ ମସିହାର ଏକ ମାମଲାରେ ଫେରାରଥିବା ମାର୍ଶାଘାଇ ଥାନା ଅଂଗତ ବେରୁହାଁ ଗ୍ରାମର ଦିଲ୍ଲିପ କୁମାର ଦାସ(୫୫), ଲୋଭା ଦାସ(୬୫) ଏବଂ ଅହଲ୍ୟା ଦାସ(୪୨)ଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ଦୁମୁକା ପଞ୍ଚାୟତ ବିରଭଦ୍ରପୁର ଗ୍ରାମର ଦିଲ୍ଲିପ କୁମାର ରାଉତ (୪୧)ଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଦିଲ୍ଲିପ ପତ୍ନୀ ସୁଚିତ୍ର ଜେନାଙ୍କୁ ଭରଣ ପୋଷଣ ନଦେଇ ଲୁଚି ଥିବା ବେଳେ ସୁଚିତ୍ରଯାଜପୁର କୋର୍ଟରେ ମାମଲା ରୁଜୁକରିଥିଲେ। କୋର୍ଟ ୱାରେଣ୍ଟ ବଳରେ ମାର୍ଶାଘାଇ ପୋଲିସ ଗିରଫକରି କୋର୍ଟ ଚାଲଣ କରିଥିବା ସୂଚନା ଦେଇଛି।

## ସମ୍ ନର୍ସିଂ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ଶପଥ ପାଠ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି)ର ୨୦୨୫-୨୬ ବ୍ୟାଚ୍‌ର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ କଲେଜର ବାର୍ଷିକ ଉତ୍ସବ ଏଠାରେ ଶୁକ୍ରବାର ଆୟୋଜିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ହେଉଛନ୍ତି ତ୍ୟାଗ ଓ ସେବାର ପ୍ରତୀକ। ତାଙ୍କ ହାତରେ ମଣିଷର ଜୀବନ ନିର୍ଭର କରେ। ତେଣୁ ସେମାନେ ଯତ୍ନର ସହ ରୋଗୀ ସେବା କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଆଇନଜୀବି, ସ୍ୱେଚ୍ଛାସେବୀ ତଥା ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଶ୍ରୀମତି ରତ୍ନପୂର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ଲେଖିକା ଶ୍ରୀମତି ବିୟତପ୍ରଜ୍ଞା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନିଜ ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ ଯେ ପ୍ରତ୍ୟେକ ଚିକିତ୍ସାଳୟରେ ନର୍ସମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀ ପାଠପଢ଼ା ସହ ସ୍ନେହ, ଦୟା ମନୋଭାବ, ମଣିଷପଣିଆ ଓ ଯତ୍ନ ନେବା ଶିକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସ ନର୍ସିଂ କଲେଜର ଅଧକ୍ଷା ପ୍ରଫେସର (ଡକ୍ଟର) ଆଶା ପି. ସେଟ୍ଟୀ ବୃତିଗତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କୋଭିଡ୍ ସମୟରେ ନର୍ସମାନେ ଯୋଦ୍ଧା ପରି ଅହରହ ଭାବେ ସେବା କରି ଚାଲିଥିଲେ। ଏହା ଏକ ମହାନ ବୃତି। ଏହି ବୃତିକୁ ଚୟନ କରିଥିବାରୁ ସେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥିରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସ୍‌ଏନ୍‌ସି-୧ର ଡିନ୍ ପ୍ରଫେସର ସସ୍ମିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି-୧ର ଆଡିସନାଲ ଡିନ୍ ପ୍ରଫେସର ତପତି ସାହା ବକ୍ତବ୍ୟ ରଖିଥିବା ବେଳେ ଆସୋସିଏଟ୍ ପ୍ରଫେସର ଦେବଜାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ଜଣ ୨୦୨୫-୨୬ ବ୍ୟାଚ୍‌ର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀ ଶପଥ ପାଠ କରିବା ସହିତ ଏକ ପୁସ୍ତିକା ଉନ୍ମୋଚନ ମଧ୍ୟ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍‌ଏନ୍‌ସିର ଚାଇଲ୍ଡ ହେଲଥ୍ ନର୍ସିଂ ବିଭାଗର ଆସୋସିଏଟ୍ ପ୍ରଫେସର ରୁବି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି

## ଲେବର ସ୍ପୋର୍ଟିଂ ଚାମ୍ପିଅନ

କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍

ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ଚାନ୍ଦ କ୍ଲବକୁ ୧-୦ଗୋଲରେ ହରାଇ ଚମ୍ପିୟନ ହୋଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ଣରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ସମାଜସେବୀ ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ୧-୦ ଗୋଲରେ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ହରାଇ ଚମ୍ପିୟନ ହୋଇଛି। ମ୍ୟାନ ଅଫଦି ମ୍ୟାଚ




ଭାବେ ରାକେଶ, ମ୍ୟାନ ଅଫଦି ଟୁର୍ଣ୍ଣାମେଣ୍ଟଭାବେ ଡୁଙ୍ଗା, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବରେ ଓଡିଶା ପୋଲିସ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଜୀବନବ୍ୟାପି ସାଧନା ପାଇଁ ପୂର୍ବତନ ଆଜାଦ କ୍ଲବର ଖେଳାଳୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କୁ ଟ୍ରଫି, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଚମ୍ପିୟନ ଦଳ ଲେବର ସ୍ପୋର୍ଟିଂକୁ ଟ୍ରଫି ସହ ୫୧ହଜାର ଟଙ୍କା ଓ ରନର୍ସଅପ ଦଳ ଚାନ୍ଦ କ୍ଲବକୁ ଟ୍ରଫି ସହ ୩୧ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ରେଫରୀ ଭାବେ ମାନସ କୁମାର ବିଶ୍ୱାଳ, ସୁକାନ୍ତ ସିଂ, ମହମ୍ମଦ ସାକଲିନ ଅସରଫି, ସେକ ମୁକିମ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର, କଲିମ ଖାନ, ମୀର ଅବୁସମା, ଆୟାଜ ମହମ୍ମଦ, କୋଷାଧକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଖାରୁଦ୍ଦିନ, ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, କାଉନସିଲର ଉମେଶ ନାୟକ, ପ୍ରଦୀପ୍ତ କୁମାର ଜେନା, ପ୍ରଦୀପ ନାୟକ, ମାସୁମ ଖାନ୍, ମୀର ସଲାମତ୍, ସଲିମ ଖାନ୍, ଜାହିଦ ଖାନ୍, ମୀର ମହମ୍ମଦ ଅମୀରଙ୍କ ସମେତ ସେକ ଆଦିକ ଇକବାଲ୍, ସମସେର ଅଲ୍ଲୀ ଖାନ୍, ମହମ୍ମଦ ଇମ୍ରାନ୍, ୱାସିମ, ଦିଲ୍ଲୁ ପଣ୍ଡା, ଆଜମଲ ଖାନ୍, ମହମ୍ମଦ ଅଜିଜ୍, ମିରାଜନ୍, ମୋତି ଖାନ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 31st January, 2026 Saturday | RNI Regd. No. ODIODI/2009/28880

## ହ୍ୱିସ୍କିର କରିସ୍ମା

ହେଲ୍‌ଥ ଟନିକ୍



ମଦୁଆଙ୍କ କାର୍ଯ୍ୟକଳାପ ଏବଂ ମାନସିକତାକୁ ଦୀର୍ଘଦିନ ଧରି ଲକ୍ଷ୍ୟ କରିଥିବା ଜଣେ ବିଶେଷଜ୍ଞଙ୍କର ବିଶ୍ଲେଷଣ

- କିଏ କହିଲା ଖାଲି କ୍ଷୀରରୁ ଶକ୍ତି ମିଳେ, ମଦରୁ ମିଳେ ନାହିଁ ବୋଲି ?

- ମାସେ ଯାଏ ପ୍ରତିଦିନ ଗିଲାସେ ଲେଖାଏଁ କ୍ଷୀର ପିଅ, ତା'ପରେ ଘର ଚାରିପଟ ପାଚେରୀକୁ ଠେଲି ପକେଇବାକୁ ଚେଷ୍ଟା କର। ପାରିବନି।

ଗିଲାସେ ହ୍ୱିସ୍କି ପିଅ। ତା'ପରେ ସେହି ପାଚେରୀକୁ ହଲେଇବା ଦରକାର ନାହିଁ। ତାକୁ ଖାଲି ଚାହଁ। ସେଇଟା ହଲିବ....।

ବି.ଦ୍ର: ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ

# ସୀମାନ୍ତବର୍ତ୍ତୀ ୮୮ ଥାନାରେ କର୍ମଚାରୀ ସଙ୍କଟ

**ଭୁବନେଶ୍ୱର,୩୦।୧: ତଥ୍ୟ**

ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଥିବା ଥାନାଗୁଡିକରେ କର୍ମଚାରୀ ସଙ୍କଟ। ସୀମାରେ ଥିବା ୮୮ଟି ଥାନା ପାଇଁ ୨୩୬୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ଏଥିରୁ ପାଖାପାଖି ୬ଶହ ପଦବୀ ଖାଲି ପଡିଛି ।

ଅନ୍ୟ ରାଜ୍ୟର ସୀମାକୁ ଲାଗିଥିବା ପୁଲିସ୍ ଜିଲ୍ଲାଗୁଡିକ ମଧ୍ୟରେ ରହିଛି ବାଲେଶ୍ୱର,ବରଗଡ, ବ୍ରହ୍ମପୁର, ଗଜପତି, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ରାଉରକେଲା ଓ ସୁନ୍ଦରଗଡ ପୁଲିସ୍ ଜିଲ୍ଲା। ଏହିସବୁ ଜିଲ୍ଲାରେ ପ୍ରାୟତଃ ପଡୋଶୀ ରାଜ୍ୟରୁ ନକ୍ସଲଙ୍କ ସହିତ ସରକାରୀ କର୍ମଚାରୀମାନେ ବି ଅନୁପ୍ରବେଶ କରୁଛନ୍ତି । ନିଶାବେପାରୀଙ୍କ ଠାରୁ ଆରମ୍ଭ କରି ଖଣି ଖାଦାନ, ବାଲି ଲୁଟେରାମାନେ ମଧ୍ୟ ଓଡିଶାକୁ ଆସି ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଚନ୍ତି ।

ଏମାନଙ୍କୁ ଜଗିବା ଦାୟିତ୍ୱ ରହିଛି ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଥିବା ଥାନାଗୁଡିକରେ । ହେଲେ ଲକ୍ଷ୍ୟ କରାଯାଇଛି ଯେ ଏହିସବୁ ଥାନାରେ ଛଅ ଶହ ପାଖାପାଖି ପଦବୀ ଖାଲି ପଡିଛି । ଫଳରେ ଆଇନ୍‌ଶୃଙ୍ଖଳା ରକ୍ଷାକରିବା କର୍ମଚାରୀଙ୍କ ପକ୍ଷେ କାଠିକର ପାଠ ହେଉଛି ।

ଅନ୍ୟ ରାଜ୍ୟର ଅନୁପ୍ରବେଶ କ୍ଷେତ୍ରରେ ଏବେ ସବୁଠାରୁ ଚର୍ଚ୍ଚାରେ ରହିଛି କୋରାପୁଟ । ଏଠାରେ ଥିବା କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ସରକାରଙ୍କ ଚିନ୍ତା ବଢାଇବାରେ ଲାଗିଛି। ତେବେ କୋରାପୁଟରେ ଥିବା ୭ଟି ସୀମାନ୍ତବର୍ତ୍ତୀ ଥାନରେ ଏକାଧିକ ପଦବୀ ଖାଲି ରହିଛି । ଏହିସବୁ ଥାନାରେ ୧୩ଜଣ ଏସ୍‌ଆଇ,




୩୭ଜଣ କନେଷ୍ଟବଳ ପଦବୀ ଖାଲି ପଡିଛି । ତେବେ ଏଠାରେ ୭ଟି ଇନ୍ସପେକ୍ଟର ପଦବୀ ଥିବାବେଳେ ୯ଜଣ ଇନ୍ସପେକ୍ଟର କାର୍ଯ୍ୟ କରୁଛନ୍ତି । ଅନ୍ୟତମ ସୀମାନ୍ତ ତଥା ନକ୍ସଲ ପ୍ରବଣ ଜିଲ୍ଲା ମାଲକାନଗିରିରେ ୧୧ଟି ଥାନା ରହିଥିବାବେଳେ ୧୪ଟି ଏଏସଆଇ ପଦବୀ ସମେତ ୧୮୬ଟି ଓଏସଏଫ୍ ପଦବୀ ଖାଲି ପଡିଛି । ସୀମା ବିବାଦ ସହିତ ସୁବର୍ଣ୍ଣରେଖାରୁ ବାଲି ଉଠାଣ ନେଇ ପଶ୍ଚିମବଙ୍ଗର ବାଲିମାଫିଆମାନେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ସୀମାକୁ ଲାଗିଥିବା ବାଲେଶ୍ୱର ଜିଲ୍ଲାର ୪ଟି ଥାନା ଯଥା ଜଳେଶ୍ୱର,ଭୋଗରାଇ, କର୍ମଦା ଓ ରାଇବଣିଆରେ ୪ଟି ଏସ୍‌ଆଇ, ୯ଟି ଏଏସ୍‌ଆଇ, ୩ଟି ହାବିଲଦାର ଓ ୪ଟି କନେଷ୍ଟବଳ ପଦବୀ ଖାଲି ପଡିଛି। ଏଥି ସହିତ ଏହି ଚାରିଟି ଥାନାରେ ୧୩ଟି ଓଏପିଏଫ୍ ପଦବୀ ଖାଲି ପଡିଛି।

ସୀମା ବିବାଦକୁ ପ୍ରଶମିତ କରିବାପାଇଁ ରାଜ୍ୟର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଖାଲି ପଡିଥିବା ପୁଲିସ୍ ପଦବୀଗୁଡିକ ପୂରଣ ପାଇଁ ମତପ୍ରକାଶ ପାଉଛି। କାରଣ ପୁଲିସ୍ କର୍ମଚାରୀମାନେ ହିଁ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳର ଅନ୍ତଃରାଜ୍ୟ ଅପରାଧୀଙ୍କ ଗତିବିଧି, ଚୋରା ଚାଲାଣ, ମାନବ ଚାଲାଣ, ଖଣି ଖନନ ଭଳି ବେଆଇନ୍ କାର୍ଯ୍ୟକଳାପ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ନଜର ରଖିଥାନ୍ତି । ଏହାଛଡା ପୁଲିସ ପକ୍ଷରୁ ସୀମାରେ ନିୟମିତ ପାଟ୍ରୋଲିଂ ବି କରିଥାନ୍ତି । ତେଣୁ କେବଳ ଖାଲି ପଡିଥିବା ପଦବୀ ପୂରଣ ନୁହେଁ, ଅଧିକ ପଦବୀ ସୃଷ୍ଟି ସହିତ ସୀମାର ସୁରକ୍ଷା ପାଇଁ ଆବଶ୍ୟକ ସାଜ ସରଞ୍ଜାମ ଯୋଗାଇଦେବାକୁ ମଧ୍ୟ ମତପ୍ରକାଶ ପାଉଛି।

### ଅଦାଲତ ଅବମାନନା ମାମଲା

## ଉଷା ପାଢ଼ୀଙ୍କ ନିସର୍ତ୍ତ କ୍ଷମା ପ୍ରାର୍ଥନା

**କଟକ,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅଦାଲତ ଅବମାନନା ମାମଲାରେ ଆଇଏଏସ ଉଷା ପାଢ଼ୀଙ୍କୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟରେ ଉଷା ପାଢ଼ୀ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । ଏହା ସହିତ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପାଳନ କରିଥିବା ରିର୍ପୋଟେ ମଧ୍ୟ ଦାଖଲ କରିଛନ୍ତି । ନିର୍ଦ୍ଦେଶ ପାଳନ ହୋଇଥିବାରୁ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ପୌର ପ୍ରଶାସକ ନିର୍ଦ୍ଦେଶକ ଓ କଟକ ଜିଲ୍ଲାପାଳଙ୍କ ବିରୋଧରେ ବି ମାମଲା ରଦ୍ଦ କରାଯାଇଛି ।

ସୂଚନା ଅନୁସାରେ, ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ଓଡ଼ିଶା ପୌର ପ୍ରଶାସକ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ ପ୍ଲାନିଂ ସ୍ୱତନ୍ତ୍ର ସଚିବ ସୁଶାନ୍ତ ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଶୁକ୍ରବାର ୧୦.୩୦ ମିନିଟରେ ହାଇକୋର୍ଟରେ ହାଜର କରାଇବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାହିଁକି ଅଦାଲତ ଆଦେଶ କାର୍ଯ୍ୟକାରୀ କରାଯାଇ ନାହିଁ, ସେ ସଂର୍ପକରେ ଜବାବ ଦେବା ପାଇଁ ଆଦେଶରେ ଉଲ୍ଲେଖ କରାଯାଇଥିଲା । ଜଷ୍ଟିସ ଦୀକ୍ଷିତ ଶ୍ରୀପଦ ଓ ଜଷ୍ଟିସ ମୃଗାଙ୍ଗ ଶେଖର ସାହୁ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଭତ୍ତା ବୃଦ୍ଧି ଦାବିରେ ବୃଦ୍ଧବୃଦ୍ଧାଙ୍କ ଆନ୍ଦୋଳନ

**ମାର୍ଶାଘାଇ,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକରେ ଆଜି ଏକ ଅଭୁତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି । ଭତ୍ତା ଟଙ୍କା ବୃଦ୍ଧି ଦାବିକରି ହଠାତ ବ୍ଲକ ପରିସରରେ ଶହଶହ ସଂଖ୍ୟାର ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ପ୍ରବେଶ କରୁଥିବାର ଦେଖିବାକୁ ମିଳିଛି । ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଆଜି ସକାଳ ୧୦ଟାଠାରୁ ମାର୍ଶାଘାଇ କୁଣ ପଡିଆଠାରେ ଏକତ୍ରୀତ ହୋଇ ଭତ୍ତା ବୃଦ୍ଧି କରିବା ନେଇ ପ୍ରତିବାଦ ସଭା କରିଥିଲେ । ରାଜ୍ୟ ସରକାର ନିର୍ବାଚନ ସମୟରେ ଭତ୍ତା ୩ହଜାର ଟଙ୍କା ଦେବାକୁ ପ୍ରତିସ୍ରୁତି ଦେଇଥିବା ବେଳେ ୧୮ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର କର୍ଣ୍ଣପାତ କରୁନଥିବା ବେଳେ ମାର୍ଶାଘାଇ ବ୍ଲକରେ ଭତ୍ତା ଧାରୀମାନେ ମେଳି ହୋଇଥିଲେ । ପୂର୍ବରୁ ବ୍ଲକ ପରିସରରେ ପ୍ରତିବାଦ ସଭାପାଇଁ ମାଇକ୍ ପାଇଁ ଅନୁମତିପତ୍ର ଆଣିଥିବା ବେଳେ ବ୍ଲକ ପରିସରରେ ସେମାନଙ୍କୁ ପ୍ରତିବାଦ କରିବାର ସୁଯୋଗ ନମିଳିବାରୁ କୁଣ ପଡିଆ ଠାରେ ମେଳି ହୋଇ ପ୍ରତିବାଦ କରିଥିଲେ । ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଭତ୍ତା ଟଙ୍କା ୩ହଜାରକୁ ବୃଦ୍ଧି କରିବା ପାଇଁ ଦାବି ରଖିଥିଲେ । କୁଣ ପଡିଆଠାରୁ ଶହଶହ ସଂଖ୍ୟାର ମେଳି ହୋଇ ବ୍ଲକ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ । ବିଡିଓ ପଞ୍ଚାନନ ମଲିକ ଅନୁପସ୍ଥିତ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ବ୍ଲକର ଫାଇନାନ୍ସ ଅଫିସର ବିଷ୍ଣୁ ଚରଣ ମହାନ୍ତି ଏବଂ ବରିଷ୍ଠ କିରାଣୀ ରାଜେନ୍ଦ୍ର ସାହୁଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପେନସନଧାରୀ ବିଦ୍ୟାଧର ମଲିକ, ଦେବବ୍ରତ ଲେଙ୍କା, ରାଜେନ୍ଦ୍ର ରାଉତ, ପ୍ରଫୁଲ୍ଲ ରାଉତ, ସୁରେନ୍ଦ୍ର ଲିକ, ହାରାମଣି ମଲିକଙ୍କ ସମେତ ଶତାଧିକ ପେନସନଧାରୀ ଯୋଗଦେଇ ପ୍ରତିବାଦ କରିଥିଲେ ।

## ଯୋଗୀଙ୍କୁ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କ ଆହ୍ୱାନ: 'ହିନ୍ଦୁ ବୋଲି ପ୍ରମାଣ ଦିଅ'

**ଲକ୍ଷ୍ନୌ,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରୟାଗରାଜ ମାଘ ମେଳା ଛାଡିବା ପରେ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ ଶୁକ୍ରବାର ବାରାଣସୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, 'ମୋତେ ଶଙ୍କରାଚାର୍ଯ୍ୟ ହେବାର ପ୍ରମାଣ ମଗାଯାଇଥିଲା । ମୁଁ ତାହା ପ୍ରଦାନ କରିଥିଲି । ମୋର ପ୍ରମାଣ ପ୍ରକୃତ ଥିଲା, ତେଣୁ ସେମାନଙ୍କୁ ଏହାକୁ ଗ୍ରହଣ କରିବାକୁ ପଡିଲା । ପ୍ରମାଣ ଦାବି କରିବାର ସମୟ ଶେଷ ହୋଇଯାଇଛି । ଏବେ ମୁଖ୍ୟମନ୍ତ୍ରୀ ହିନ୍ଦୁ ବୋଲି ପ୍ରମାଣ ଦେବା ଉଚିତ।'

ସେ କହିଛନ୍ତି, 'ଆମେ ଆପଣଙ୍କୁ ୪୦ ଦିନ ସମୟ ଦେଉଛୁ । ଏହି ସମୟ ମଧ୍ୟରେ, ଆପଣ ଜଣେ ଗୋ ଭକ୍ତ ବୋଲି ପ୍ରମାଣ ଦିଅନ୍ତୁ । ଯଦି ପ୍ରମାଣ ଦେଇପାରିବେ ନାହିଁ, ତେବେ



ଆପଣ ଜଣେ ନକଲି ହିନ୍ଦୁ, କପଟୀ, ଠକ ବୋଲି ବିବେଚିତ ହେବେ । କେବଳ ପ୍ରଦର୍ଶନ ପାଇଁ ଗେରୁଆ ପୋଷାକ ପିନ୍ଧିଛନ୍ତି ।'

ସେ ଅଭିଯୋଗ କରିଛନ୍ତି, ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଗୋହତ୍ୟା ଉପରେ ନିଷେଧ ଦାବି କରୁଥିବା ଲୋକଙ୍କୁ ଆକ୍ରମଣ କରୁଛନ୍ତି । ଯଦି ଆପଣ ପ୍ରକୃତରେ ହିନ୍ଦୁ, ତେବେ ଗୋ- ମାତାଙ୍କୁ ରାଜ୍ୟ ମାତା ଘୋଷଣା କରନ୍ତୁ । ଉତ୍ତର ପ୍ରଦେଶରୁ ଗୋମାଂସ ରପ୍ତାନି ବନ୍ଦ କରନ୍ତୁ, ନଚେତ୍ ଆପଣଙ୍କୁ ଅଣହିନ୍ଦୁ ଘୋଷଣା କରାଯିବ ।

ଶଙ୍କରାଚାର୍ଯ୍ୟ କହିଛନ୍ତି, 'ସମସ୍ତ ସନ୍ଥ, ମହନ୍ତ ଏବଂ ଆଚାର୍ଯ୍ୟମାନେ ମାର୍ଚ୍ଚ ୧୦-୧୧ ତାରିଖରେ ଲକ୍ଷ୍ନୌରେ ଏକତ୍ରିତ ହେବା ଉଚିତ । ସେଠାରେ ନିଷ୍ପତ୍ତି ନିଆଯିବ ଯେ, କିଏ ହିନ୍ଦୁ, କିଏ ହିନ୍ଦୁ ହୃଦୟର ସମ୍ରାଟ ଏବଂ କାହାକୁ ନକଲି ହିନ୍ଦୁ ଘୋଷଣା କରାଯିବ ।'

ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି, 'ଏବେ ନକଲି ହିନ୍ଦୁମାନଙ୍କ ପର୍ଦ୍ଦାଫାସ କରିବାକୁ ପଡିବ । ସମସ୍ତ ହିନ୍ଦୁ ଏକ ବଡ଼ ପ୍ରତାରଣାର ଶିକାର ହେଉଛନ୍ତି । ଏହି ପ୍ରତାରଣା ଜଣେ ବ୍ୟକ୍ତି ଦ୍ୱାରା କରାଯାଉଛି ଯିଏ ନିଜକୁ ଜଣେ ସାଧୁ, ଯୋଗୀ, ସନ୍ଥ ଏବଂ ଗେରୁଆ ପୋଷାକ ପିନ୍ଧିଥିବା ବ୍ୟକ୍ତି ବୋଲି କହୁଛନ୍ତି ।'

ମାଘ ମେଳା ଛାଡିବା ପରେ ଶଙ୍କରାଚାର୍ଯ୍ୟ କହିଛନ୍ତି, 'କ୍ଷମା ମାଗିବାର ଏକ ଉପାୟ ଅଛି । ତୁମକୁ କ୍ଷମା ଭିକ୍ଷା କରିବାକୁ ପଡିବ । ପ୍ରଶାସନ ଆମକୁ ପ୍ରଲୋଭିତ କରୁଥିଲା, କହୁଥିଲା, ଯଦି ଆପଣ ଏପରି ସ୍ନାନ କରିବ, ତେବେ ଆମେ ଆପଣଙ୍କ ଉପରେ ଫୁଲ ବର୍ଷା କରିବୁ । ସେମାନେ ଆଗାମୀ ବର୍ଷ ପାଇଁ ଚାରି ଶଙ୍କରାଚାର୍ଯ୍ୟଙ୍କ ପାଇଁ ଏକ ପ୍ରୋଟୋକଲ ପ୍ରସ୍ତୁତ କରିବେ । କିନ୍ତୁ ମୁଁ ମନା କରିଦେଲି । ମୁଁ କହିଲି, ତୁମେମାନେ ଯେଉଁ ସନ୍ୟାସୀଙ୍କୁ ବାଡ଼ିରେ ପିଟିଛ, ସେମାନଙ୍କୁ କ୍ଷମା ମାଗ । ଯଦି ସେମାନେ କ୍ଷମା କରନ୍ତି, ତେବେ ଠିକ୍ ଅଛି । କିନ୍ତୁ ପ୍ରଶାସନ ଏଥିପାଇଁ ଆଗକୁ ଆସିଲା ନାହିଁ ।'

ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି, ଇତିହାସରେ ପ୍ରଥମ ଥର ପାଇଁ, ଜଣେ ଶାସକ ଶଙ୍କରାଚାର୍ଯ୍ୟଙ୍କଠାରୁ ପ୍ରମାଣ ମାଗିଛନ୍ତି । ଆପଣଙ୍କ ଅଞ୍ଚଳର ଗୋମାଂସ ସାରା ବିଶ୍ୱରେ ବିକ୍ରି ହେଉଛି । ଆମକୁ ଦେଖାଅ ଯେ, ଏହାକୁ ୪୦ ଦିନ ମଧ୍ୟରେ ବନ୍ଦ କରିପାରିବ । ତା'ପରେ ଆମେ ବିଶ୍ୱାସ କରିବୁ ତୁମେ ହିନ୍ଦୁ । ଯଦି ଏଭଳି ନକରିପାର, ତେବେ ଆମେ ଲକ୍ଷ୍ନୌ ଆସିବୁ । ସନ୍ଥ ଏବଂ ମହନ୍ତମାନଙ୍କ ସହିତ ଆପଣଙ୍କୁ ନିନ୍ଦା କରିବୁ ।'

## ୱାରେଣ୍ଟି ଗିରଫ

**ରାଜନଗର,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଜଣେ ୱାରେଟିଂ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ବ୍ଲକ କେରୁଆଁପାଳ ପଚାଂୟତ ସାରାଜେନ୍ଦ୍ରପୁର ଗ୍ରାମର ଶଶାଙ୍କ ଡାକୁଆ ୨୦୧୮ ମସିହାରେ ସଂପର୍କୀୟ ଶାଳୀକୁ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସେବେଠୁ ଶଶାଙ୍କ ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିଲା । ଶୁକ୍ରବାର ଦିନ ପୋଲିସ ଶଶାଙ୍କକୁ ଗିରଫ କରି ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରିଥିବା ନେଇ ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି ।

## ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ ସରକାର

**ଭୁବନେଶ୍ୱର,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ନାଗରିକଙ୍କ ପାଇଁ ଖୁସି ଖବର। ବରିଷ୍ଠ ନାଗରିକଙ୍କ ପାଇଁ ନୂଆ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏହି ଯୋଜନାରେ ସେମାନଙ୍କୁ ପୁରୀ ବୁଲାଇବେ ସରକାର। ୬୦ରୁ ୭୫ବର୍ଷ ବୟସ୍କଙ୍କୁ ଶ୍ରୀକ୍ଷେତ୍ରକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବେ ମୋହନ ମାଝୀଙ୍କ ସରକାର। ଏଥିପାଇଁ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଏହି ଯୋଜନାରେ ୩୫ହଜାର ବରିଷ୍ଠ ନାଗରିକଙ୍କୁ ସାମିଲ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତ ସ୍ତରରେ ହିତାଧିକାରୀ ଚୂଡାନ୍ତ କରିବା ନେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ରାଜନଗର ରେଞ୍ଜ ଅଫିସ୍‌ରେ ଏସିଏଫଙ୍କୁ ଆଇଆଇସିଙ୍କ ଧମକ ମାମଲା

## ସଚିବଙ୍କୁ ଭେଟି ସୁରକ୍ଷା ଦାବି କଲା ଓଡ଼ିଶା ବନ ସେବା ସଂଘ

**ରାଜନଗର,୩୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରୁ ସିଡ୍ୟୁଲ ୱାନ ପ୍ରଜାତିର ବିରଳ ବଜ୍ରକାପ୍ତା କାଟି ଜବତ ହେବା ପରେ ପୋଲିସର ଆଚରଣ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି । ଏଭଳି ଏକ ସଂବେଦନଶୀଳ ଘଟଣାରେ ପୋଲିସ ରାଜନଗର ବନବିଭାଗକୁ ସହଯୋଗ କରିବା ବଦଳରେ ଅଭିଯୁକ୍ତ ମନୋବଳ ବଢାଇବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀ ଏସିଏଫଙ୍କ ଉପରେ ବର୍ଷିବା ଓ ଧମକ ଦେବା ଘଟଣା ସବୁ ମହଲକୁ ଚକିତ କରିଛି । ଏହି ଘଟଣାରେ ସରକାରୀ ବିଧି ବ୍ୟବସ୍ଥାକୁ ପାଳନ ନକରି ପୋଲିସ ବିଭାଗ ପାଇଁ ଅପବାଦ ଆଣିଥିବା ଆଇଆଇସି ବିରୁଦ୍ଧରେ ଆଜି ଯାଏଁ କାର୍ଯ୍ୟାନୁଷ୍ଠାନ ନିଆନଯିବା ସନ୍ଦେହ ବଢାଇଛି । ଘଟଣାକୁ ନେଇ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଲିଖିତ ଭାବେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ରାଜନଗର ଡିଏଫଓ ମଧ୍ୟ ପିସିସିଏଫ, କେନ୍ଦ୍ରାପଡା ଏସପି ଓ ପୋଲିସ ଡିଜିଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏବେ ଘଟଣାକୁ ଗମ୍ଭୀର ଭାବେ ନେବା ସହ ଓଡ଼ିଶା ବନ ସେବା ସଂଘ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଭେଟି ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା ଅବୈଧ ଭାବେ ରଖିବା ଏବଂ ବାଣିଜ୍ୟ ସହିତ ଜଡିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କୌଣସି ପୂର୍ବ ସୂଚନା ବିନା ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଆଚରଣ କରିଥିଲେ । ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଚିତ୍କାର କରିଥିଲେ ଏବଂ ମିଥ୍ୟା 'ମାଓବାଦୀ' ଅଭିଯୋଗରେ ଏସିଏଫ ଏବଂ କର୍ମଚାରୀମାନଙ୍କୁ ଫସାଇବା ପାଇଁ ଏକ ଆଶ୍ଚର୍ଯ୍ୟଜନକ ଧମକ ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ଏହି ଭୟଭୀତ କରିବା ଘଟଣା ଘଟିଥିଲା, ଯାହା ଆଇନଗତ ତଦନ୍ତରେ ଗମ୍ଭୀର ବ୍ୟାଘାତ ସୃଷ୍ଟି କରିଥିଲା ଏବଂ ବିଭାଗର ପ୍ରତିଷ୍ଠାକୁ କ୍ଷୁଣ୍ଣ କରିଥିଲା । ଏହା ଆସୋସିଏସନର ଦୃଷ୍ଟିକୁ ଆସିଥିଲା ଯେ ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଏବଂ ମନଗଢ଼ା ଅପରାଧିକ ମାମଲା ସହିତ ଧମକ ଦେଇଥିଲେ, ଯାହା ଫଳରେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା । ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ । ଘଟଣାର ନିରପେକ୍ଷ ତଦନ୍ତ ସହିତ ଦୁର୍ବ୍ୟବହାର ଶିକାର ହୋଇଥିବା ରାଜନଗର ଏସିଏଫ ଏବଂ ତାଙ୍କ ଦଳକୁ ଯେକୌଣସି ପ୍ରତିଶୋଧମୂଳକ କିମ୍ବା ପ୍ରେରଣାଦାୟକ କାର୍ଯ୍ୟରୁ ସୁରକ୍ଷା ଦେବା ପାଇଁ ସାଂଗଠନିକ ଏବଂ ଆଇନଗତ ସହାୟତା ପ୍ରଦାନ ସହିତ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ବନ ସେବା ସଂଘ (ଓଏଫଏସଏ) ପକ୍ଷରୁ ଦାବିପତ୍ର ଦିଆଯାଇଛି । ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର ବେହେରା ଏନେଇ ସୂଚନା ଦେଇଛନ୍ତି । ଏହାସହିତ ପିସିସିଏଫ, ପୋଲିସ ଡିଜିଙ୍କୁ ଦାବିପତ୍ର ଦିଆଯିବ ବୋଲି କହିଛନ୍ତି ।

### ପ୍ରଥମ ପୃଷ୍ଠାରୁ...

#### ସରକାରଙ୍କ ତମାଖୁ...

ପ୍ରକାଶ କରିଥିଲେ । ସେହି ଦିନଠାରୁ ଗୁଟ୍‌ଖା, ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପ୍ଣନ ଓ ବିକ୍ରି ଆଦି ଉପରେ କଡା କଟକଣା ଜାରି କରାଯାଇଥିଲା ବୋଲି କୁହାଗଲା । ଏ ସଂକ୍ରାନ୍ତରେ ମଧ୍ୟ ଆଇନ୍ ଅଦାଲତଙ୍କର ସବୁଜ ସଙ୍କେତ ଥିଲା । ଏଭଳି ନିଷିଦ୍ଧାଦେଶ ସତ୍ତ୍ୱେ ଗତ ୧୩ବର୍ଷ ମଧ୍ୟରେ ଖୋଦ୍ ରାଜ୍ୟ ସରକାର ଏହି ଆପତ୍ତିଜନକ ସାମଗ୍ରୀରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରି ପ୍ରକାରାନ୍ତରେ ଗୁଟ୍‌ଖା, ପାନମସଲା ଆଦିର ପ୍ରସାରଣକୁ ଏକ ପ୍ରକାର ନିରବ ସମର୍ଥନ ଦେଇଥିଲେ ବୋଲି ନିଶା ବିରୁଦ୍ଧରେ ଅଭିଯାନ ଚଳାଉଥିବା ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷ ଅଭିଯୋଗ କରୁଛନ୍ତି । ଇତି ମଧ୍ୟରେ ରାଜ୍ୟ ସରକାର ୨୦୨୬ ଜନୁଆରୀ ୨୧ ତାରିଖରେ ରାଜ୍ୟପାଳଙ୍କ ଆଦେଶକ୍ରମେ ଅନ୍ୟଏକ ବିଜ୍ଞପ୍ତି ପ୍ରକାଶ କରି ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ପଦାର୍ଥର ଉତ୍ପାଦନ, ବିପ୍ଣନ, ପରିବହନ ଆଦି ଉପରେ ଆଉଥରେ କଟକଣା ଜାରି କରିଛନ୍ତି । ଏହି କଟକଣା ଜାରିହେବା ପରେ କେତେକ ସ୍ଥାନରେ ଚଢଉ ହୋଇଛି । ଏମିତିକି ଖୋଦ୍ ରାଜଧାନୀରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଆପତ୍ତିଜନକ ଗୁଟ୍‌ଖା ଓ ପାନମସଲା ଜବତ କରାଯାଇଛି ।

ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଥିବାବେଳେ ଏବେ ପୁଣି ଜାନୁଆରୀ ୨୯ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ଏକ ସ୍ପଷ୍ଟୀକରଣ ଜାରି କରିଛି । ଏଥିରେ ଯେଉଁ ପାନମସଲାରେ ତମାଖୁ ଓ ନିକୋଟିନ୍ ଆଦି ନାହିଁ ସେଗୁଡିକୁ କଟକଣାରୁ ବାଦ୍ ଦିଆଯାଇଛି । ତେବେ ବିଧି ବିଶେଷଜ୍ଞମାନେ କହୁଛନ୍ତି ଯେ ପୂର୍ବ ବିଜ୍ଞପ୍ତିଟି ରାଜ୍ୟପାଳଙ୍କ ଆଦେଶ କ୍ରମେ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବାବେଳେ ସଦ୍ୟତମ ସ୍ପଷ୍ଟୀକରଣଟି ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଦେଇଛନ୍ତି । ପ୍ରଥମ ଦୁଇଟି ବିଜ୍ଞପ୍ତି ରାଜ୍ୟ ଗେଜେଟରେ ପ୍ରକାଶ ପାଇଥିବାବେଳେ ସ୍ପଷ୍ଟୀକରଣଟି କିନ୍ତୁ ଗେଜେଟରେ ପ୍ରକାଶ କରାଯାଇନାହିଁ ।

ଏଠାରେ ଉଲ୍ଲେଖନୀୟ ଯେ ତମାଖୁ, ଗୁଟ୍‌ଖା, ଜର୍ଦ୍ଦା, ଖଇନି ଆଦି ଯୋଗୁ ମୁଖଗହ୍ୱର କର୍କଟଠାରୁ ଆରମ୍ଭ କରି ପାକସ୍ଥଳୀ, ଯକୃତ, ଗଳା, ଲିଭର, ହାର୍ଟ, ସ୍ନାୟୁ ଆଦି କ୍ଷତିଗ୍ରସ୍ତ ହେଉଛି । ଦ୍ୱିତୀୟ ରାଉଣ୍ଡର ବିଶ୍ୱ ତମାଖୁ ସର୍ଭେ ରିପୋର୍ଟ ଅନୁଯାୟୀ ଓଡିଶାର ୪୨ ପ୍ରତିଶତ ବୟସ୍କ ବ୍ୟକ୍ତି ଧୂମବିହୀନ ତମାଖୁ ସେବନ କରୁଛନ୍ତି, ଯାହା ଜାତୀୟ ହାରର ପ୍ରାୟ ଦୁଇଗୁଣ । ୪୦ବର୍ଷ ତଳେ ଓଡିଶାରେ ଗୋଟିଏ ମାତ୍ର କ୍ୟାନସର ହସ୍ପିଟାଲ ଥିବାବେଳେ ଏବେ ରାଜ୍ୟରେ ୪୦ରୁ ଅଧିକ କ୍ୟାନସର ଚିକିତ୍ସାକେନ୍ଦ୍ର ଥାଇ ମଧ୍ୟ ରୋଗୀଙ୍କ ପାଇଁ ଶଯ୍ୟା ନିଅଣ୍ଟ ପଡୁଛି । ଏ ପରିପ୍ରେକ୍ଷୀରେ ୨୦୧୬ ମସିହାର ସୁପ୍ରିମକୋର୍ଟଙ୍କ ରାୟ ଏବଂ କେନ୍ଦ୍ର ସରକାରଙ୍କ ମାର୍ଗନିର୍ଦ୍ଦେଶିକା ଓ ଆଇନ୍ ଆଧାରରେ ରାଜ୍ୟ ସରକାର ଯେଉଁ ନିଷିଦ୍ଧାଦେଶ ଜାରି କରିଥିଲେ ତାହାକୁ କାହିଁକି କୋହଳ କରାଯାଉଛି ସେଥିଘେନି ଏବେ ସର୍ବସାଧାରଣରେ ବିତର୍କ ଆରମ୍ଭ ଚାଲିଛି ।

#### କେନ୍ଦ୍ରାପଡ଼ାରେ...

ଭାବେ ନଦୀବାଲିକୁ ଖଣି ବିଭାଗ ହାତକୁ ଟେକି ଦେବା ପରେ ଖଣି ବିଭାଗ ବାଲି ସୈରାତ ଗୁଡ଼ିକୁ ନିଲାମ ନକରି କୁଳିନେତା ଓ ଅସାମାଜିକ ତତ୍ତ୍ୱଙ୍କ ପାଇଁ ବିଶେଷ କରି ଗତ ବର୍ଷ ଠାରୁ ଏହି ସୁଯୋଗ ସୃଷ୍ଟି କରିଛି ବୋଲି ସଚେତନ ମହଲରେ ଅଭିଯୋଗ ହେଉଛି । ଅନେକଙ୍କ କହିବା କଥାଯେ, ପୂର୍ବରୁ ନଦୀବାଲି ଉଠାଣ ପାଇଁ ସରକାରଙ୍କ ରାଜସ୍ୱ ବିଭାଗ ଲିଜ୍ କରୁଥିଲା । ଲିଜ୍ ପୂର୍ବରୁ ବିଭିନ୍ନ ତହସିଲ ତଥା ରାଜସ୍ୱ ସର୍କଲ ଅଂଚଳରେ ଥିବା ରାଜସ୍ୱ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାର କରି ବାଲି ସୈରାତ ଗୁଡ଼ିକୁ ଚିହ୍ନଟ କରୁଥିଲେ ଏବଂ ଗଚ୍ଛିତ ବାଲିର ପରିମାଣ ଆକଳନ କରୁଥିଲେ । ତଦନୁଯାୟୀ ରାଜସ୍ୱ ବିଭାଗ ଖୋଲା ଲିଜ୍ କରୁଥିଲେ । ଅଧିକ ରାଜସ୍ୱ ପ୍ରଦାନକାରୀଙ୍କୁ ଆବଶ୍ୟକ ସର୍ତ୍ତାବଳୀ ସହ ବିଭିନ୍ନ ସୈରାତ ଲିଜ୍ ଦିଆଯାଉଥିଲା । ଗୋଟିଏ ପ୍ରଶାସନିକ ବ୍ୟବସ୍ଥା ଭିତରେ ଲିଜ୍ ହେଉଥିବା ଫଳରେ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାପାଳ ଓ ଆରଡ଼ିସିଙ୍କ ପ୍ରଶାସନିକ ପଦାଧିକାରୀମାନେ ଏଥିପାଇଁ ଉତ୍ତରଦାୟୀ ରହୁଥିଲେ । କିନ୍ତୁ ଖଣି ବିଭାଗହାତକୁ ନଦୀ ବାଲି ଲିଜ୍‌ର ଅଧିକାର ଚାଲିଯିବା ଫଳରେ ଜିଲ୍ଲାରେ ଥିବା ଖଣି ଅଧିକାରୀ ଜିଲ୍ଲାର ବାଲି ସୈରାତଗୁଡ଼ିକୁ ନା' ଠିକଣା ସମୟରେ ଲିଜ୍ କରିପାରୁଛନ୍ତି ନା' ସରକାର ଠିକଣା ଭାବେ ରାଜସ୍ୱ ପାଇପାରୁଛନ୍ତି ! ହେଲେ ଜିଲ୍ଲାରେ ଥିବା ସବୁ ବାଲି ସୈରାତ ସହିତ ନୂଆ ନୂଆ ସ୍ଥାନରୁ ବାଲି ଉଠୁଛି । ଆଉ ଏହି ବାଲି ମାଫିଆ ମାନେ ରାତିରେ ହିଁ ବାଲି ଉଠାଇ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି । ଏପରିକି କେତେକ ସ୍ଥାନରେ ସାଧାରଣ ଲୋକେ ଚାହିଁଲେ ବି ଅଧିକ ଦର ହେଉପଛେ ନିଜର ଆବଶ୍ୟକତା ମେଣ୍ଟାଇବାକୁ ବାଲି ଟ୍ରକ୍ଟରଟିଏ ପାଉନାହାଁନ୍ତି । କାରଣ କେତେକ ଘାଟରେ ରାତାରାତି ଅଧିକରୁ ଅଧିକ ବାଲି ଉଠାଇବା ମୋହରେ ମାଫିଆ ମାନେ କେବଳ ହାଇୱା ଛଡ଼ା ଅନ୍ୟ ଛୋଟ ଗାଡ଼ିକୁ ପୁରାଇଦେଉନାହାଁନ୍ତି । ପୂର୍ବପରି ସରକାରୀ ଭାବେ ଆଉ ବାଲି ସୈଇରାତ ଚିହ୍ନଟ ହେଉନାହିଁ । ଯିଏ ଯେଉଁଠୁ ପାଉଛନ୍ତି ବାଲି ଉଠାଉଛନ୍ତି । ଆଉ ବାହାରକୁ ଚାଲାଣ କରି ମାଲାମାଲ ହେଉଛନ୍ତି । ନିଜର ଚାହିଦା ପାଇଁ ଲୋକେ ସେହି ମାଫିଆଙ୍କ ଠାରୁ ହାଇୱା ପିଛା ୧୪/୧୫ହଜାର ଟଙ୍କା ଦେଇ ଚଡା ଦରରେ ଚୋରୀ ବାଲି କିଣି ନିଜ ନିଜର ଆବଶ୍ୟକତା ମେଣ୍ଟାଇବାକୁ ବାଧ୍ୟ ହେଉଛନ୍ତି । ଏହି ମନଇଚ୍ଛା ବାଲି ଉଠାଣ ଫଳରେ ଅନେକ ସ୍ଥାନରେ ନଦୀବନ୍ଧ ଓ ଗାଁ ଗହଳ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡୁଛି । ନଦୀରୁ ବାଲି ଖାଲି ହେଉଥିବାବେଳେ ସରକାର କାଣି କଉଡ଼ିଟିଏ ରାଜସ୍ୱ ପାଉନାହାଁନ୍ତି । ମାଫିଆମାନେ ମାଲାମାଲ ହେବା ସହିତ ଅବସ୍ଥାପିତ ଖଣି ଅଧିକାରୀ, ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କର ପକେଟ୍ ଗରମ ହେବା ସାର ହୋଇଛି ବୋଲି କୁହାଯାଉଛି । ତେବେ ସରକାର କେଉଁ ମହତ୍ ଉଦ୍ଦେଶ୍ୟରେ ନଦୀବାଲିକୁ ପୂର୍ବପରି ରାଜସ୍ୱ ବିଭାଗ ଦ୍ୱାରା ନିଲାମ ନକରାଇ ଏଥିପାଇଁ ଖଣି ବିଭାଗକୁ ଦାୟିତ୍ୱ ଦେଲେ ତାହା ତ ଭିନ୍ନ କଥା ହେଲେ ହେଲେ ଲିଜ୍ ନକରାଯାଇ ମାଫିଆଙ୍କୁ ବାଲି ଚୋରୀ ପାଇଁ ସୁଯୋଗ ସୃଷ୍ଟିକୁ କିପରି ଅଣଦେଖା କରି ଚାଲିଛନ୍ତି ତାହା ହିଁ ବଡ଼ ପ୍ରଶ୍ନ ଛିଡ଼ା କରିଛି ବୋଲି ସଚେତନ ମହଲରେ ମତପ୍ରକାଶ ପାଇଛି ।

#### ୨୦ରେ ରାଜ୍ୟ...

ବିଧାନସଭା ମୁଲତବୀ ରହିବ । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଡଃ କମ୍ଭମପାଟି ଗୃହରେ ଅଭିଭାଷଣ ରଖିବେ । ଫେବୃଆରୀ ୧୮ ଓ ୧୯ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇ ତା'ଉପରେ ଆଲୋଚନା କରାଯିବ । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ବସିବାର କାର୍ଯ୍ୟକ୍ରମ ରହିଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭର ପ୍ରଥମଦିନରେ ବିଭିନ୍ନ ବିଭାଗୀୟ ସ୍ଥାୟୀ କମିଟିର ରିପୋର୍ଟ ଉପସ୍ଥାପନ ସହ ମାର୍ଚ୍ଚ ୧୦ରୁ ୩୦ତାରିଖ ପର୍ଯ୍ୟନ୍ତ ବିଭାଗୀୟ ଖର୍ଚ୍ଚଦାବି ଉପରେ ଆଲୋଚନାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ବଜେଟ୍ ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି । ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ଥିବାବେଳେ ଶାସକ ଓ ବିରୋଧୀ ମୁହାଁମୁହିଁ ହେବାର ଆଶଙ୍କା ରହିଛି । ତା'ଛଡା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଯଥା- ଧାନ ବିକ୍ରି, ଚାଷୀ ଓ ବେକାର ସମସ୍ୟା, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଆଇନଶୃଙ୍ଖଳା ଆଦି ପ୍ରସଙ୍ଗରେ ବିରୋଧୀ ଦଳଗୁଡିକ ନିଜର ସ୍ୱର ଶାଣିତ କରିବେ ବୋଲି ଆକଳନ କରାଯାଉଛି ।

#### ଜବରଦସ୍ତି ପ୍ରସବ...

ପ୍ରସବ କରିବାକୁ ଚେଷ୍ଟା କରିଥିଲେ । ଯେତେବେଳେ ସେମାନେ ବିଫଳ ହେଲେ, ସେମାନେ ଦାବି କଲେ ଯେ ଶିଶୁଟି ବ୍ରିଚ୍ ପୋଜିସନରେ ଥିଲା ଏବଂ ସେମାନଙ୍କ ପ୍ରୟାସ ସମୟରେ ଜୀବିତ ନବଜାତ ଶିଶୁର ବେକ କାଟି ଦେଇଥିଲେ । ଶିଶୁର ଅଧିକାଂଶ ଶରୀର ବାହାରକୁ ବାହାରିଯାଇଥିବା ବେଳେ ଗୁପ୍ତାଙ୍ଗରେ ମୁଣ୍ଡ ରହିଯାଇଥିଲା । ଆଶାକର୍ମୀ ଏବଂ ଜମିଲା ମହିଳାଙ୍କୁ ଗୁରୁତର ଅବସ୍ଥାରେ ଛାଡି ଘଟଣାସ୍ଥଳରୁ ପଳାଇ ଯାଇଥିବା ଅଭିଯୋଗ ହୋଇଛି । ପରେ ପୀଡିତାଙ୍କୁ ବୁଲନ୍ଦସହରର ଏକ ହସ୍ପିଟାଲକୁ ନିଆଯାଇଥିଲା, ସେଠାରୁ ତାଙ୍କୁ ମିରଟକୁ ରେଫର କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ନେଇ ପୋଲିସ ପକ୍ଷରୁ କୁହାଯାଇଛି ।

## ନିର୍ମାଣର ୫ବର୍ଷ ବିତିଲା: କାର୍ଯ୍ୟକ୍ଷମ ହେଲାନି ଇ-ଟଏଲେଟ

**ପଟ୍ଟାମୁଣ୍ଡାଇ,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଂଚଳକୁ ସରସ ସୁନ୍ଦର କରିବା ଓ ସହରକୁ ସ୍ୱଚ୍ଛ ସର୍ବେକ୍ଷଣରେ ସାମିଲ କରିବା ନିମନ୍ତେ ପୌରପରିଷଦ ପକ୍ଷରୁ ବିଭିନ୍ନ ପ୍ରୟାସ ଜାରିରହିଛି । ଗତକିଛି ମାସ ହେବ ସ୍ୱଚ୍ଛ ସହର ଯୋଡି ମେଂଟରସିଟ୍ ସହଯୋଗୀ ଭାବେ ବିଏମସିର ସହଯୋଗ ନିଆଯାଇଛି । ମାତ୍ର କେତେକ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି । ସହରକୁ ବାହ୍ୟ ମଳମୁକ୍ତ ସହର ଭାବେ ଗଢ଼ି ତୋଳିବା ପାଇଁ ପରିଷଦ ପକ୍ଷରୁ ଗୋଷ୍ଠି ଶୌଚାଳୟ ସମେତ ଗତ ୫ ବର୍ଷତଳେ ପ୍ରାୟ ଦେଢକୋଟି ବ୍ୟୟରେ ୨୦ଟି ଇ-ଟଏଲେଟ୍‌ର ନିର୍ମାଣ କରାଯାଇଥିଲା । ଏହି ଇ-ଟଏଲେଟ ନିର୍ମାଣ ଦିନରୁ ତାଲା ପଡି ସେସବୁ ନଷ୍ଟ ହୋଇ ପଡିରହିଛି । ପ୍ରତିଦିନ ପଟ୍ଟାମୁଣ୍ଡାଇ ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ହଜାର ହଜାର ସଂଖ୍ୟାରେ ଲୋକ ପାଇଖାନା ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକମାନେ ବାହାରେ ମଳତ୍ୟାଗ ଓ ପରିସ୍ରା କରୁଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବୀ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇକୁ ପ୍ରତିଦିନ ବେପାର ବଣିଜ ପାଇଁ ଆଖପାଖ ୫ଟି ବ୍ଲକର ଲୋକେ ନିର୍ଭର କରିଥାନ୍ତି । ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷରେ ୧ କୋଟି ୫୧ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ସହରର ୨୦ ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଇ-ଟଏଲେଟ୍ ଶୋଚାଳୟ ନିର୍ମାଣ କରାଯାଇଥିଲା । ଏହି ଇକୋ ଟଏଲେଟ୍ କାର୍ଯ୍ୟକୁ ମହାରାଷ୍ଟ୍ରର ଏକ ଠିକା ସଂସ୍ଥା ନିର୍ମାଣ କରିଥିଲା । ନିର୍ମାଣ ବେଳେ ଗୋଟିଏ ଗୋଟିଏ ଟଏଲେଟରେ ୧୦୦୦ ଲିଟରର ଲେଖାଏଁ ୩ଟି ଟାଙ୍କି ବସିଥିବା ବେଳେ ସେଥି ମଧ୍ୟରେ ମଇଳାକୁ ନଷ୍ଟ କରିବା ପାଇଁ ଏକ ତରଳ (ରାସାୟନିକ) ପଦାର୍ଥ ପକାଯାଇଥିଲା । ମାତ୍ର ନିର୍ମାଣର ୬ ମାସ ପରେ ଉକ୍ତ ଇ-ଟଏଲେଟରେ ସମସ୍ତ ସିନଟେକ୍ସ ଟାଙ୍କିକୁ ହଟାଇ ସିମେଂଟ ନନ୍ଦ ବସାଇଦିଆଗଲା । ଏହା କାହା ନିର୍ଦ୍ଦେଶରେ ହୋଇଥିଲା ବୋଲି ତତ୍କାଳିନ ପୌରପରିଷଦ ଅଧିକାରଙ୍କ ନିକଟରେ ଉତର ନଥିଲା । ସଂପ୍ରତି ଉକ୍ତ ଇ-ଟଏଲେଟ ନିର୍ମାଣରକୁ ୫ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ସରକାର ସ୍ୱଚ୍ଛ ଭାରତ ମିଶନ ଆଳରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଇକୋ-ଟଏଲେଟ ନିର୍ମାଣ କରି ଏତେ ଅର୍ଥ ବ୍ୟୟ କରିବା ଏକ ପ୍ରହସନ ପରିଣତ ହୋଇଛି । ଉକ୍ତ ଇ-ଟଏଲେଟ ଖୋଲିବା ସହ ଅର୍ଥ ହେରଫେରର ତଦନ୍ତ କରିବାକୁ ବିଭିନ୍ନ ସମୟରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପିବଲ୍ଲଭ ନାୟକ, ସଂପାଦକ ଗୋପୀନାଥ ତ୍ରିପାଠୀ ଜିଲାପାଳଙ୍କ ନିକଟରେ ଦାବି କରି ଅସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ରଂଜନ ଦାଶଙ୍କୁ ପଚାରିବାରେ ସମସ୍ତ ଇକୋ-ଟଏଲେଟକୁ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି ।

## ଏବିଇଓ ମାନିଲେ, ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି

**ରାଜନଗର,୩୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣ ଦିବସ ଜାନୁଆରୀ ୨୬ ଅବସରରେ ସୋମବାର ଦିନ ନିଗମାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଣପଙ୍ଗରା ଠାରେ ପତାକା ଉତ୍ତୋଳନ ହୋଇଥିଲା । ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ଖୋଲାଯିବାର ନିୟମ ରହିଛି । ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କା ତାହା କରିନଥିଲେ । ପରଦିନ ଅର୍ଥାତ ୨୭ ତାରିଖ ଦିନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅନିରୁଦ୍ଧ ପ୍ରଧାନ ବିଦ୍ୟାଳୟକୁ ଯାଇ ଜାତୀୟ ପତାକାକୁ ଖୋଲିଥିଲେ । ଏହା ଜାତୀୟ ପତାକା ପ୍ରତି ଅବମାନନା ଓ ସରକାରୀ କାର୍ଯ୍ୟର ଘୋର ଅବହେଳା ଦର୍ଶାଉଛି । ଦୀର୍ଘ ବର୍ଷ ଧରି ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା କାର୍ଯ୍ୟ କରି ଆସୁଛନ୍ତି । ଏହା ସତ୍ତ୍ୱେ ଜାତୀୟ ପତାକାକୁ ଉତ୍ତୋଳନ କରିବା ଓ ରଖିବା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବେପରୁଆ ଓ ଖାମଖିଆଲି ଢଙ୍ଗରେ ପତାକା ଉତ୍ତୋଳନ କରି ଘରକୁ ଚାଲିଯିବା ଘଟଣାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ । ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠି ସିଆରସିସି ସମରେନ୍ଦ୍ର ସାହୁଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମଧ୍ୟ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଏବିଇଓ ଭକ୍ତିଲତା ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ବିଦ୍ୟାଳୟକୁ ପଠାଇଥିଲେ । ସେଠାରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଏହାକୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ । ପ୍ରଧାନଶିକ୍ଷୟିତ୍ରୀଙ୍କ ଏଭଳି ବେପରୁଆ ଖାମଖିଆଲି ଢଙ୍ଗ ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏନେଇ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରାଯାଇଛି । ରିପୋର୍ଟ ହସ୍ତଗତ ହେବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ